# ଧାରା ଶ୍ରାବଣ

odia.org

ମୂଲ୍ୟ ଏକଟଙ୍କା

ଲେଖକ

**ଶ୍ରୀ ଘନଶ୍ୟାମ ମିଶ୍ର**

**ଭୁବନେଶ୍ୱର**

ପ୍ରଥମ ସଂସ୍କରଣ ୧୦୦୫

ପ୍ରକାଶକ

**ରାଷ୍ଟ୍ରଭାଷା ପ୍ରକାଶନ ସମିତି**

**ରାଷ୍ଟ୍ରଭାଷା ରୋଡ଼, କଟକ**

# ଉତ୍ସର୍ଗ

ସେଇ କ୍ଷୁଦ୍ର ଶିଶୁଟି—ମାତ୍ର କେତୋଟି ଦିନ ପାଇଁ ଯେ ମୋର କ୍ଷୁଦ୍ର ପରିବାର ଭିତରେ ଆହୁରି କ୍ଷୁଦ୍ର ଗୋଟେ ନନ୍ଦନନଆ ଜଂଜାଳ ଲଗେଇ ଦେଇଥିଲା—ଝିଅଟେ ବୋଲି କେତେ ନାକଟେକା, ହାତ ଛୁଅଁଡ଼ା ଭିତରେ ବି ଠାଣି ପାଉଥିଲା ଗୋଟେ ମୋହର ପାତଳ ପରଦା—ରକ୍ତ ମାଂସର ମୋହ—ଆଖି ପିଛୁଡ଼ାକେ କୁଆଡ଼େ ମିଳେଇ ଗଲା ପାଣି ଫୋଟକା ପରି, ଶ୍ରାବଣର ଗୋଟିଏ ବରଷା ଆଭୁର ଅନ୍ଧାର ରାତ୍ରରେ—ସେଇ ଶିଶୁଟିର ସୁନାଖିଅ ପରି ଜୀବନ୍ତ ସ୍ମୃତି ଉଦ୍ଦେଶ୍ୟରେ—...

ଭୁବନେଶ୍ୱର
ତା ୧୦।୮।୫୧ରିଖ
ଶୁକ୍ରବାର

ଲେଖକ—

# ଶ୍ରାବଣ ରାତିର ମେଘ ଅନ୍ଧାର !

ସେଦିନ ପୁଣି ହୋଇଥାଏ 'ଖଟଖାଉ ଅମାବାସିଆ' । ମେଘ ଅନ୍ଧାର ଭିଡ଼ି ଦେଇଛନ୍ତି କାହିଁରେ କେଉଁଣି । ବିଜୁଳି, ଘଡ଼ଘଡ଼ି, ବରଷା-କେହି କାହାକୁ ଊଣା ନୁହନ୍ତି । ଭୁବନେଶ୍ୱର ନୂଆ ରାଜଧାନୀର ଟାଙ୍ଗରା ଭୂଇଁଟା ଖାଲି ଫାଟୁଛି, ଉଠୁଛି ବାଷ୍ପ ବତାସରେ ।

ସାଇପଡ଼ିଆ ଧାଉଡ଼ିଆ କୋଠାଘର କଡ଼େ କଡ଼େ ଲମ୍ବି ଯାଇଛି ଗୋଟି ବଡ଼ ରାସ୍ତା । ରାସ୍ତା କଡ଼ରେ ବିଜୁଳିବତୀ ଖୁଣ୍ଟ ଗୁଡ଼ା ମେଘ ଅନ୍ଧାର ଭିତରୁ ଆଖିମିଟିକା ମାରୁଛନ୍ତି କାହିଁ କେଜାଣି ଚଳୁଆ ଦିନର ପୁରୁଣା କଥା ଚେତେଇ—ଏଇସବୁ ଦିନେ ଓଡ଼ିଶା ରାଜାଙ୍କ ଗନ୍ତାଘର ହୋଇଥିଲା— ଏକାମ୍ରକାନନ !

ଏଇଠି ଦିନେ ଏଇମିତିଆ ଅନ୍ଧାରରାତି ହୁଏତ ଦକ୍ଷିଣୀ ନାଚରେ ମୁଖର ହୋଇ ଉଠୁଥିଲା—କେତେ ହସଖେଳ, ନାଚକୁଦ, ମଉଜ ମଜଲିସ୍ ! ଅଉ ଆଜି ?

ଆଜି ସେ ରାଜାଙ୍କ ନାଁ ପିଲଙ୍କ ଇତିହାସ ଗପ ହୋଇଛି । କେତେ ଶ୍ରାବଣ ଆସିଲାଣି, ଗଲାଣି 'ଘଣ୍ଟା' କଣ୍ଟା ପଡ଼ିଲା । ଯେଉଁ ବା'ରକୁ ସେଇ ବା'ର ଭିଜୁଛି ସବୁଦିନ ଅମଙ୍ଗଳା । ଘଣ୍ଟା କଣ୍ଟାଟା ଗୋଟେ ଗଡ ପକେଇ ଘୁରି ବୁଲୁଛି ।

## * ଦୁଇ *

ସେଇ ପୁରୁଣା ଯୁଗର ଶ୍ରାବଣ ହୁଏତ ଆଜକାଲର ଏଇ ଉପର ଚକଚକିଆ ଯୁଗର ଶ୍ରାବଣ ସାଙ୍ଗରେ ସମତୁଲ ହେବ କି ନା, ଜାଣି ହେଉନ । କେମିତି ବା ଜାଣି ହେବ ?

ସେ ଯୁଗର ଶ୍ରାବଣ ତ ଏବକାଳ ପରି ଚଷାମଙ୍କ ଗାଣ୍ଡି ଧରୁ ନ ଥିଲା ! ଚଷା ମନ ଜାଣି ଅଜାଡ଼ି ଦେଉଥିଲା ସେ କୁବେର ସମ୍ପତ୍ତି ଶସ୍ୟବଣରେ । ଆଜି ଆଜି ?—ଆଜି ହଳବଳଦ ହାଣ୍ଡା-ବେପାରୀଙ୍କ ହାତରେ ଟେକି ଦେଇ ଚଷା ହୋଇଛି କୁଲି, ମଜୁରିଆ । ପେଟ ଖଣ୍ଡିକ ପାଇଁ ଘର ଦୁଆର, ପିଲା କବିଲା ଛାଡ଼ି ପରି ପାଖରେ ହାତ ନଳୁଚି ହାତ ପାତୁଛି—ସେ କୁଲି—ସେ ମଜୁରିଆ !!

ଆଜି ସେଇଁ ଶ୍ରାବଣ ରାତି— ପୁଣି 'ଶତୋଲ ଆମାସିଆ' ।

ଭୁବନେଶ୍ୱର ନୂଆ ରାଜଧାନୀର ରେଟି ବସ୍ତୁ ରାସ୍ତାରେ ମେଘ ୯ ଲ୍ୟାର ଠେଲି ବୁଲୁଥାଏ ଗାଜାବା । ସାମନାପଟରୁ ପାଣିଚୁଟା ମାରି ଭିଜାଇ ଦେଲାଣି ଦେହ । ପବନ ଧକ୍କାରେ ତାଳପତ୍ର ପକ୍ଷିଆଟା ସମ୍ଭାଳି ହେଉନାହିଁ । ବରଷା ହାଲପ ଦେହସାରା ଥରାଇ ଦେଉଛି । ଭୋକରେ ପେଟ ରେଟା ଗୋଟା ହୋଇ ଯାଉଛି । ଗାଜାବା ବୁଲୁଛି । ଆଉଗୋଟେ ବସ୍ତାଖଣ୍ଡ ଡେଇଁଗଲେ ପଡ଼ିବ କଣ୍ଟ୍ରୋଲ ଚାଉଳ ଦୋକାନ । ଟଙ୍କା ନଗଲେ ଚାଉଳ ସରିଯିବ । ଦୋକାନଟା ଚଟ୍‌ପଟ୍ କବାଟ ଆଉଜାଇ ଦେବ । ଭୋକ ଉପାସରେ ତମେ ମଲେ କେତେ—ଗଲେ କେତେ !

ଏଇ ଦେଶର, ଏଇ ମୁଲକର ମଣିଷ ତ ସେମାନେ ! ଚଷୀ, ମୂଲିଆଙ୍କ ହାଣ୍ଡିରସା ଗୋଳା ଖଟଣି ବଦଳରେ ସେମାନେ ହୋଇଛନ୍ତି ଅନ୍ନଦାତା । କୋଠାଘର, ମଠାଜାମା, ବଜୁଳିବତି, ପଙ୍ଖା—ଏମିତି କେତେ କ'ଣ । କେଉଁଠୁ ଆସୁଛି ଏ ସବୁ ?

ଖଟିକ୍ସ ଟଙ୍କା ଆଉ କ୍ଲୋଗିଟଙ୍କ ଏମାନେ । ସେଥିରେ ପୁଣି ତୋର କ'ଣ ଦେଖିବ ?—ବଲ୍ଲଣ ପାଗ୍ନ ଦେଖି ଉଷ୍ଣମ ଟାଣୁ ଥିଲୁକି ? ଆସିଲେ ଆମ ମାହାଘାରେ ଝୁଲ୍ଲାଝୁଲିକା—ଗୃଉଲ ନେବେ— ଯା, ଗୁଉଲ ନାହିଁ ।..........

ମନଟା ଖାଲି ରହିବଇ ଖଟେବଇ ହେଉଥାଏ ସ୍ୱର୍ଣ୍ଣକାର । ପେଟର ଜ୍ୱାଳା ତା'କୁ ପାଗଳ କଟଦେଲାଣି ସେତେବେଳକୁ । ଓଦା ଜୁଉ ବୃଣ୍ଡୁ ଟଖିଅଟାକୁ ତଳେ ଥୋଇ ଦେଇ କେତେ ଆଶାରେ ସେ ଉଠାଯାଇଥିଲା ଦୋକାନ ପିଣ୍ଡା ଉପରକୁ । ଗୁଉଲ କିଛି ଖଣ୍ଡକ ସାଉ ପରସ୍ତ କରି ଅଣ୍ଟାରେ ଗୁଂଜିଥିଲା, କ'ଣ ଏଇଥିପାଇଁ ?

ଦାଲଆଉଜା କବାଟ ଫାଙ୍କରେ ମୁହଁ ଗଳାଇ ସେ କହିଲା— ବାବୁ, ଆଜିକ ହେଲେ ଦେଇଥା—ଆଉ ଥରକୁ ସଅଳ ନ ଆସିଲେ ପଚେଇ ମନା କରିଦେବ । ଏ ବରଷ ଟାରେ ମୁଁ କେତେ କାଟରୁ ଦଉଡ଼ୁଛି, ଟିକଏ ମୁହଁକୁ ଅନଉନା !—

ସିଂଘା ସଳଖି ଭିତରୁ ଜବାବ ଆସିଲା—ନାହିଁରେ ବାବୁ, ହୋଇ ପାରିବ ନାହିଁ । ବିକଣାକଟା ବନ୍ଦ ହେଲାଣି । ଯା, ଆଉ ପାଟି ଭୁଣ୍ଡ କରନା—ହିସାବ ଗୋଲମାଲ ହେବ ।—

ଲୋକଟର ତୋଟି ଚିପି ଦେବାକୁ ମନ ହେଲା । ନାଚାର ସେ—କ'ଣ କରିବ ?—

ଟଖିଅଟାକୁ କାନ୍ଧରେ ପକାଇ ଏ ଆଡ଼କୁ, ସେ ଆଡ଼କୁ ଢ଼ି' ଚାରିଥର ଚାହିଁଲା ସର୍ଣ୍ଣକାର । କୁକୁରଟାଏ ଛ ହେଲେ ଭୁଲରେ ବସ୍ତି କୁ ବାହାରି ପଡ଼ୁନାହିଁ ଭୁକିବାକୁ ଭୁକା ବରଷା ହୋଇ ଚାଲିଛି । ଭଙ୍ଗା ମାଉସୀ ମନ୍ଦିର ପାଖରେ ନୁଆଣିଆ ଗୁଲ ଧାରରେ ରହେ ସର୍ଣ୍ଣକାର । ଏତକ ବାଟ ଆଉରି ଯିବାକୁ ପଡ଼ିବ ତା'କୁ ।

❋ ଝୁରି ❋

ସେଇ ଫଂଜାଙ୍ଗ କାନତରାନି ଫୋଲ୍ଁ ତା'ର ଅଙ୍କଏ ଅବସ୍ଥା । ମଜୁରୀ ଗଣ୍ଡାକ ପାଇଁ ଗୋଡ଼ ଭାଙ୍ଗି ଠିଆ ହୋଇ ହୋଇ ଅଙ୍କ ଗୁଡ଼ାଳ ଗଣ୍ଡାଏ ବ ତା' ଭାଗ୍ୟରେ ଯୁଟିଲା ନାହିଁ । ହଉ, ଦେଖିବା ନାହିଁ—କାଲି ଫେରିତ ସେ କାମକୁ ଯିବ । ଗଲାମାସେ କେମିତି ସେ କାନତରାଟି କହିବ—ରାଜାବା ଡଲୁଟର, କପେ ଚା ଆଣିବୁ ସେ ସ ମନା ଦୋକାନରୁ ।—

ଚତୋଉ ଅମାସିଆ, ସେଇ ମେଘ ଅନ୍ଧାର ଟେଲି ବସ୍ତିରେ ଗୁଳିବ୍ରି ରାଜାବା । ବାହାରେ ଭୁହା ଭୁହା ହୋଇ ବରଷି ଗୁଲିଛି ମେଘ । ଭିତରେ ଭୁହା ଭୁହା ହୋଇ ଚେତି ଉଠୁଛି କେତେ କାଲର କେତେ ମଜଲା କଥା । ଟେକ୍ ଗାଙ୍ଗଗୋରୁ ଗୁହାଲେ ଶୋଇ ପାକୁଳ କଲାପଲ ରାଜାବା ମନରେ ଗୋଟିକ ପରେ ଗୋଟିଏ କଥା ଜାଗି ଉଠୁଛି ।

ଆଜି 'ଚତୋଉ ଅମାସିଆ' । ଘରେ ଥିଲେ ବୁଢ଼ୀମା' କେତେ ଆଦର ଗଉର କରି ବଲ ଫେରନ୍ତି ରାଜାବା ଆଗରେ ବାଢ଼ି ଦେଉଥାନ୍ତା ଗୁଡ଼ ଚତୋଉ । ଗଲାବର୍ଷ ଏଇଦିନେ ରାଜାବା କେତେ ରକମର ପିଠା ଖାଇଥିଲା । ମା' ବୁଢ଼ୀ ତା'ର ଟଙ୍କଣାଘର ଚଉଧୁରୀଙ୍କ କୁଟୁମ୍ବ ଗୋଟାକର କାମ ପାଇଟି କରି ଦିଏ ବୋଲି ଚଉଧୁରାଣୀ ତା'କୁ ଭାରି ସୁଖ ପାଆନ୍ତି । ବର୍ଷ ହେଲେ ବି ବୁଢ଼ୀକି ଟିକଏ ନ ଦେଇ ରହି ପାରନ୍ତି ନାହିଁ ।

ଆଉ ସୁନେଇ—ଲାଜକୁଳୀ । ଗୁଣ୍ଡୁଟିଆ ଚେନା ମୁହଁଟି କୁହୁଳେଇ ଆସି ଫେରାଦ ହୋଇ ବସେ—ବାଡ଼ିରେ ହେଇଚି ସୁନ୍ ସୁନିଆ ସାଗ । ସେଇଥିରୁ ଅଣିଏ ଆଣି ରସୁଣ ପକେଇ ଖରଡ଼ି ଦେଲେ ସକାଳୁ କାଲି ପଖାଳ ଖାଇ ଭଲକୁ ଯାଆନ୍ତି ନାହିଁ । ରାଜାବାର ବୁଦ୍ଧି ବଣା ହୋଇଯାଏ । ଆଗକୁ ପଛକୁ

ଗୁହାଁ ପେଡ଼ଣା ଭିତରେ ତା ଫୁଲିଲା ଗାଲକୁ ଚିପେଇ ଦେଇ ସେ କଅଣ ପାଏ କେଜାଣି !

ମନେ ପଡ଼ିଗଲା ଦିନ ଦିନର ତଳର ଘଟଣା କଥା । ଯୁକ୍ତି ଦେଇ ଥିଲା । ଶ୍ୟାମଦାସ ବୁଢ଼ା ହରବର କରୁଛି ତା କରଜ ଧାନ ପାଇଁ । ଗାଁ ଛାଡ଼ିଲାବେଳେ ରଘୁବା ଅଧାଅଧି ଶୁଝି ଦେଇଥିଲା । ବାକୀ ଅଧିକ ହୋଇଛି ଗୋଟେ କଣ୍ଠା । ବୁଢ଼ୀମା ଥିଲେ ରଘୁବା କାହିଁକି ଗାଁ ଛାଡ଼ି ପଳାଇ ଆସି ଥାଆନ୍ତା ଏତେ ଦୂରକୁ ? କାହିଁ ଆସିକା ପାଖ ଭେଟନାଳି ଗାଁ, ଆଉ କାହିଁ ଭୁବନେଶ୍ୱର !

ଏ ଜୀବନଟା କଣ ସତେ ମ : କଥାପଦକୁ ନାହିଁ । କାଲି ପରି ଲାଗୁଛି । ଆଖିକି ଝଗି ଯାଉଛି । ଗାଁ ମଝିରେ ବୁଢ଼ୀମା ତାର କାମଦେବ ଗୋଡ଼ କୁଟୁରୁ ମାଟିଆ ମାଟିଆ ଚଣି କ ଖେଇ ଗୁଳି ଆସୁଥିବ । ବାଷଠୀ ବରଷର ବୁଢ଼ୀ—ଟିକିଏ ଅଣ୍ଟା ଲଇଁଥିଲା ନା ? ଗଲାବରଷ ଚଇତ୍ର ଧୂଳିଙ୍କ ଝୋଲାରୁ ବେଙ୍ଗଳା ସାରି ରଘୁବା ଘରକୁ ଫେରିଲା ବେଳକୁ ସୁଚନାଇଁ ଧାଇଁ ଆସି ନାକ ସୁକୁ ସୁକୁ କରି କହିଲା—ବୁଢ଼ୀକି ହେଲାଣି ଜର । ଶେଳଷମାଟା ଧରିଛି ।

ରଘୁବା ଯାଇଁ ଦେଖିଲାବେଳକୁ କଥା ସରି ଆସିଲାଣି । ବୁଢ଼ୀର ଗୋଡ଼ ହାତ ବରଫ ପରି ଥଣ୍ଡା । ଯୁଆଡ଼େ ଯେମିତି ବହେ ଧାଁ ଦଉଡ଼ କଲା ରଘୁବା—ହେଲେ ଆଉ କାହିଁ ଥାଏ ? ରାତି ପାହାନ୍ତା ବେଳକୁ ବୁଢ଼ୀ ଖତମ୍ । ପାଣି ଫୋଟକାପରି ଜୀବନଟା ଆଖି ପିଛୁଡ଼ାକେ ମିଳାଇଯାଏ । ସେହିପରି ମିଳାଇଗଲା ବୁଢ଼ୀମା ତା'ର ସ୍ନେହଟା ଯାକରି ଚିନ୍ତା ମୁଣ୍ଡ ଉପରେ

### * ଛଅ *

ଅଡ଼ାଣ୍ଡ଼ ହୋଇ । ସାଙ୍ଗସାଥୀ ହେଲା ଘରକୁ ଏକା । ସୁନେଇଟି ପାଖରେ ବସି ଶିକାଉଥାଏ । ପିଲାଟିଏ ସେ—କ'ଣ ବା କହିବ ?

ଚଷା'ଘର ପୁଅ ସେ—ଚାଷୀ । ଜଙ୍ଗଲ କଣ୍ଟା ହା'ତରେ ଥିଲେ ଚଷାପୁଅର କେତେ ହିମତ୍ । ଦିନ କେତେ ଚଉଧୁରୀଙ୍କ ମୂଲ ମଜଲିସରେ ଚଳିଗଲା ସଞ୍ଜବାର ସଂସାର । କେତେଦିନ ବା ଏମିତି ଚଳିବ ? ମାତୃଭୂମି ଥିବାଯାଏଁ ସଞ୍ଜବାକୁ କେହି ଭରସି କିଛି କହିପାରୁ ନଥିଲେ । ସେ ଆଖି ବୁଜିଲା ବାସି ଦିନରୁ ଜଣ ଜଣ ହୋଇ ମାଡ଼ିକାର ପହଞ୍ଚିଗଲେ—କାହାର କେତେ ପ୍ରକାର ପାଉଣା ।

ବାପକମେଇ ଜମି ଦି'ଗୁଣ୍ଠ ବନ୍ଧା ପକାଇ ସଞ୍ଜବା ମା'କୁ ଶୁଝି ହେଲା । ଶ୍ୟାମଦାସଙ୍କ କରଜ ଧାନରୁ ଅଧିକ ଶୁଝି ସେ ଗାଁ ଛାଡ଼ି ଚାଲି'ଆସିଲା ଭୁବନେଶ୍ୱର—ନୂଆ ରାଜଧାନୀ କାମ ଲାଗିଛି । କେତେ କୁଆଡ଼ୁ ଆସି ସେଠି କୁଲିଗିରି କରୁଛନ୍ତି । ସେ ଏବେ ସେମାନଙ୍କ ସାଙ୍ଗରେ ମିଶି ଜଣେ ହେବ । ବଳ, ବୟସ ଅଛି । ଗାଁ ସାଇରେ ଏଘର ସେଘର ହେବା ଅପେକ୍ଷା ବିଦେଶରେ ପର ପାଖରେ ହାତ ପତା'ଇବା ବରଂ ସଞ୍ଜବା ମତରେ ଭଲ ।

ଖାଲି ଏଇକି—ସୁନେଇଟି ଏକା ରହିଯିବ । ହଁ ପାଖ ପଡ଼ିଶା ମାଉସୀ ପିଉସୀଙ୍କ ସାଙ୍ଗରେ ହେଲମେଳ ହୋଇ ଚଳିଯିବ ନାହିଁ ସେ· · ·ସୁନେଇ ସାହସ ଦେଲା ।

ଏଇ 'ଚଇତାଳ ଅମାବାସ୍ୟା'—ସ୍ୱପ୍ନରେ ବାରମ୍ବାର କଣ ଲେଖିଥିଲା ଗାଁକୁ ଯିବାପାଇଁ । ବେଶୀ ନ ହେଲେ ଦିନ ଦି'ଟା ରହି ଚାଲି ଆସିବ ସଞ୍ଜବ । ଦି'ଦିନର ମଜୁରି କେଉଁଠୁ ଆସେ ?

# ସାତ

ଅରଜବ'କୁ ଆସି ମେଘ ର ଏମିତି ଲଗେଗ କଲେ ତାହାଙ୍କ ମିଳିବ ? ଜାନତବଗିଙ୍କ କ'ଣ ଅପ୍ରାପ୍ତ ହୋଇଛନ୍ତି କି ? ହେଲେ……

ଏଇ ବରଷା ଭୋଟି ଯାଇଥିବ ଭେଟନଙ୍କ ଗାଁରେ । ସୁନେଇ ଥିବ ଘରଟି ଭିତରେ ଏକା……କେତେ ସାତ ପାଞ୍ଚ ଭାବନା ଘେରିଗଲା ରାଜାବା ମନକୁ । ପାପ ଛୁଇଁଲା··ସୁନେଇ ତା'ପାଇଁ ଏଇମିତି ଝୁରି ହେଉଥିବ ନା……

କି, ଗଜା ବୟସ, ରୂପର ଗଢ଼ଣ ଯେମିତି ଇଚ୍ଛା ସେମିତି । କେଉଁ ନ ହେଲେ ଶାମ ଦାସ ପୁଅ ଅରକ୍ଷିତଆଟା ଆଖି ଆଗରେ ଦଗି ଯାଉଛି । କରଜାଧାନ ମାଗିବା ବାହାନାରେ ରାଜାବା ଥିଲା ଦିନେ ବ କେବେ କେମିତି ଦାଣ୍ଡ ପଟରେ, ବାଡ଼ି ପଟରେ ଲଙ୍ଗର ପଙ୍ଗର ହେଉଥିବ…… ଦେଖିଛି । ଶିହରି ଉଠେଲା ରାଜାବାର । କ'ଣ ଗୁଡ଼େ ଭାବୁଛି ସେ ?

କେତେ ବେଗି ଗୋଟେ ବିଜୁଳି ଝଲକ ପରି ମନେ ପଡିଗଲା ଫୁଲ ମୂଲଅଣୀ କଥା । ଘର ଏଇଠି ନଜିକରେ— କପିଳେଶ୍ୱର ଗାଁ । ଛୁଆଁ ଜାତି । ନିତ ସକାଳୁ ମୂଲ ଲାଗି ଆସେ, ସଂଧ୍ୟା ଗୁଂଜୁ ଗୁଂଜୁ ଘରକୁ ଫେରେ । ଭାରି ଦେଖି ପାରେ ସେ ରାଜାବାକୁ । ଗାଁରୁ କେତେ ଜା'ତର ଫୁଲ ଫଳ ଆଣି ଦିଏ । ଏକୁଟିଆ ଲୋକ ଜାଣି କେତେଥର ଦେଖେଇ ଶୁଣେଇ କହିଲାଣି— ରାଜାବା'ଇ, ଆଜି ଗଲାବେଳେ ମତେ ଡାକିଣି ଦେବୁନା ପିଇବାକୁ……।

ସାଙ୍ଗ ସାଥୀଙ୍କ ହାବୁଡ଼ ପଡିଗଲେ ଟାହି ଟାପରା କରନ୍ତି କେତେ—ବୁଢ଼ୀଲୁନା ଗୋବରା ଇ, ଫୁଲ ତ ଖାଲି ଦିନକୁ ଦିନ ଫୁଲୁଛି । ଭୁସିଆର ଥା'ବେ ରାଜାବା, ପାଲରେ ପକେଇ ଦେଲାଣି !

## * ଆଠ *

ମନେ ମନେ ଝୁରୁଣ ଉଠେ ରଞ୍ଜିତା । ସାଙ୍ଗ ସାଥୀଙ୍କ ଆଗରେ ମୁହଁ ଟେକି ପାରେନା । ଫୁଲ ଟିକଏ ଦୂରେଇ ଗଲେ କାଣେଇ ଚାହେଁ ତା'କୁ ଦଣ୍ଡେ ଅଧେ । ମନଟା କ'ଣ ହୋଇଯାଏ......

ତାଙ୍କ ସାଙ୍ଗରେ ବାଦ ଲଗାଇ ସୁନେଇ ମୁହଁଟି ଦେଖିଯାଏ ଆଖି ଆଗରେ — ଚମକି ପଡ଼େ ରଞ୍ଜିତା । ତା' ଭିତରଟି ଦହେ ଅଛି ଏକା । ଆପଣା ଅବଗୁଣରେ ଦୁନିଆଟା ବଦଳିଯାଏ...... ନା, ନା, ସେ ଫୁଲ ସାଙ୍ଗରେ ଆଉ ସେ'ଠି କାମ କରିବ ନାହିଁ । ଟିକି ମୁଣ୍ଡି ଆଗରେ ମାରକାଟ ଲଗେଇ ବନା ହେଉଛି । ସେଇଠି ପଛେ କାମ କରିବ । ଏକା ମଜୁରି ତ — ଏଠି କ'ଣ, ସେଠି କଣ ?

ଏତେ କଥାକୁ କାନଦଉନି ବାବୁଆ ରଞ୍ଜିତାକୁ ପାଖରୁ ଛାଡ଼ିବାକୁ ନ ରାଜି । ଭଲ ଲୋକ ସେ — କେତେବେଳେ ବୋଲନ୍ତେ, ହାକଟେ କନ୍ଦେଲେ କରି ଦେଉଛି......ଓହୋ, ଗଲାତ !

ଆଗରେ ହଡ଼ିଆ ଜଳ ଜଳ । କେତେ ସାତିଯାଏଁ ଜଳ ଗଲେ । ଲୋକବାକ ଥାଆନ୍ତି । ଡେଣିକି ଖାଲି ଅନ୍ଧାର । ଆଉ ସଞ୍ଜୁଆ ବସ୍ତି ନାହିଁ । ପଲ୍ ବାରି ପାରିବ ନା ସେ ?

ବଢ଼ିଚାଲିଛି ପାଣି ପବନ ବେଳକୁ ବେଳ ବେଶୀ ବେଶୀ । କରତକଳ ପାଖ ଗୁମ୍ଟି ଦୋକାନରେ ବରା ଗୁଲୁଗୁଲା ମିଳେ । କେତେଥର ସେଇ ଦୋକାନରୁ ରଞ୍ଜିତା ନେଇ ଖାଇଛି । କଣ୍ଟ୍ରୋଲ ଦୋକାନୀଟା ଗୁଞ୍ଜିଲା ଦେଉନାହିଁ । ଆଜି ସେଇ ବରା ଗୁଲୁଗୁଲାରେ ଚଳିଯିବ ରାତିକ ।

ପାଣି ପବନ ଦେଉ ଅଡ଼ି ଆଗେଇ ଆଗେଇ ଚାଲିଛି ରଞ୍ଜିତା । ଗୁମ୍ଟି ଦୋକାନରେ ଖାଇବ କେମିତି ? ଦେହଟା ଯାକ ଓଦା ଜୁଡୁବୁଡୁ । ଠିଆ ହୋଇ ପାରିବ ନା ଆଉ — ଖାଇବା କଥା ତ ଦୂରରେ ।

## ❊ ଛଅ ❊

ସେଇ ଦିନ- ସେଇ ଅମାବାସ୍ୟା ରାତି । ଫୁଲଟି ବରଷା ତୋଡ଼ରେ ଘରକୁ ଯାଇ ପାରିଲା ନାହିଁ । କାମରୁ ଫେରିଲା କ'ଣ ଦେଖିଛି ସେ-ରାଜୀବା କାନନ୍ଦରବଟିବାବୁ ପାଖରେ ଗୋଡ଼ ଭାଙ୍ଗି ଠିଆ ହୋଇଥିଲା । ବାବୁଟା ଭଲ ଲୋକ ନୁହେ । ଫୁଲକୁ ଦେଖିଲେ ଆଖି ନଚେଇ ଥରୁଟେ ନିଶ୍ଚୟ ପଚାରି ଦେବ କେମିତି ? ଭଲ କରି କାମ କରୁଛୁ ନା ?—

ମୁହଁ ମୋଡ଼ି ଚାଲିଯାଏ ଫୁଲ-ମଲରେ, କାମ ତାକୁ କରି ଆସି ନାହିଁ ଯେ ଏ ଶିଖେଇବ । କାମିକା ଘର ପିଲା । ରାତି ପାହିଲାଠୁଁ ରାତି ହେବା ଯାଏଁ କାମରେ ଲୋଟି ଯାଇଥିବ । ଏ କି କାମ ଦେଖାଉଛି !

ବାବୁଟାର ଖାଲି ତା'ରି ଉପରେ ଆଖି । ଥରେ ଗୋଟାଏକୁ କୁଆଡ଼େ କହୁଥିଲା-ଆରେ, ଏ ଫୁଲଟା ଅମ ବସାରେ କାମ ଧାମ କରନ୍ତା ନାହିଁ ? ତା'କୁ ପଚାରି ବୁଝିଲୁ ।

ଫୁଲ କ'ଣ କୁଆଁଟିଏ ନା ପିଲାଟିଏ ହୋଇଛି ଯେ ଏ କଥାର ମରମ ବୁଝି ପାରିବ ନାହିଁ । ସେ ପରା କଂସ ରି ଘରେ ପାଳ ! ସେ କାଳନ୍ଦରଟି ବାବୁ ପାଖରେ ଯେତେ ମନ୍ଦ କାମ କରନ୍ତୁ, ସବୁରି ଭିତରେ ରାଜୀବାଟି ଏବେ ଫୁଲ ଆଖିକି ସୁଭଗ ଦିଶେ । କେଡ଼େ ସୁନ୍ଦର ନରମ କଥା । ଚାଲି ଯାଉଥିବ ଯେ ପିମ୍ପୁଡ଼ି ମରିବ ନାହିଁ । ଭାରି ଗୁମର ରଖିଲା ବାଲା ଏବେ । ସାଙ୍ଗ ସାଥିଙ୍କ ସାଙ୍ଗରେ ସେତେ ହସ ଖୁସି ହୁଏ ନାହିଁ । କେବେ କେମିତି କଥା ପଡ଼ିଲେ ପଦେ ଅଧେ କହିଦିଏ । ମରମ ଛୁଇଁ ଦେବ ସେ କଥା !—

ଫୁଲ ସାଙ୍ଗରେ ଯେ କେତେ ଜଣ ତାଙ୍କ ଗାଁରୁ କାମକୁ ଆସନ୍ତି, ସେ ସବୁ ଏ ବରଷାରେ କଏ କୁଆଡ଼େ ଗଲେ ଫୁଲକୁ

ଜଣା ନାହିଁ । ମନରେ ସାହାସ ଥାଏ, କିନ୍ତୁ ଘ ହେଲା ବେଳକୁ ରାଜୀବା'ଇ ପଲ୍ ପଡ଼ିବ ଆଗରେ । ସେଇଠି ହୁଏତ ଅଟକି ଯିବ ଗାଡ଼ିଟା । ନାହିଁବା ଯଦି ବେଳସୁଁ ବରଷା ନଇଁ ଯାଏ, ତେବେ ରାଜୀବା'ଇ କି କହିଲେ ସେ କଣ ରେଳବନ୍ଧ କଡ଼ରେ ନେଇ ଟିକେ ଛାଡ଼ି ଦେଇ ଆସିବ ନାହିଁ ଯେ.........

ଘରେ ତା'ର ମଣିଷ ବୋଲି ବୁଢ଼ୀମା, ଆଉ ତା ଛେଳି ଯାଇଟିଏ । ଫୁଲି କାମଦାମ କରି ତାଙ୍କ ମୁହଁରେ ଦିଏ । ଆଉ କିଏ ଅଛି ଯେ ରାଜୀବା'ଇ ପଲରେ ରହିଗଲେ ଛେଳିକୁ ଚାଳ କରିବ ?

ନେ ହେଲା ବେଳକୁ ବୁଢ଼ୀମା ସାନ ଝିଅ ନଖିଆକୁ ସାଙ୍ଗରେ ଧରି ଫୁଲିକି ଖୋଜି ଆସିବ । ନଖିଆଟା ଥରେ ଦି'ଥର ଫୁଲି ସାଙ୍ଗରେ କାମକୁ ଆସିଲାଣି । ରାଜୀବା'ଇ ପଲ ସେ ଦେଖିଛି ।

ହେଉ ତ ନା କଣ ସେ ପଲଟା-ଫୁଲି ଗୋଡ଼ ବଢ଼ାଇ ଖାଇ କଡ଼କୁ ତେଇଁ ଚଢ଼ିଲା । ମାଡ଼ି ଆସୁଛି ବରଷା ପାଣି । ରାଜୀବା'ଇ ପଲ ଜଳରେ ଠିଆ ହୋଇ ପଡ଼ିବ ତ ଟିକେ-ପାଣି ବେନରୁ ବରଞ୍ଚ ଯିବ ।

ନୂଆ ଶିଆ ଚଲାଖଣ୍ଡି । ଟିକି ମାଟି କାନ୍ଥ । ଉପରେ ଛଣ ଚକେରା ବନ୍ଧା ହୋଇଛି । ହାତ ଟେକିଲେ ମଥାଣ ଛୁଇଁ ହେବ । ଠାଏ ଠାଏ ପାଣି ଗଳିବ ନାହିଁ ବୋଲି ସିମେଣ୍ଟ କାଗଜ ବନ୍ଧା ହୋଇଛି ।

ସଡ଼କୁ ସତ ପଲଟା ଟି ଅଉଜା ହୋଇଛି । ଖାଲି ସେତିକି ନୁହେଁ, ଚାଳଟିଏ ବି ଚଢ଼ିଛି । ରାଜୀବା'ଇ କ'ଣ ଏତେବେଳ ଯାଏଁ ସେ କାନତରାଟି ବାବୁଟା ପାଖରୁ ଆସିନାହିଁ ? ହୁଁ

ମେ ବାବୁଟାଙ୍କ ସେଇମିତିଆ । ସେ ଜଣେ ସହଜରେ ଖୁଣ୍ଡି ଥିବ—ଏଇଟା କର, ସେଇଟା କର, ଅମୁକ ଆଣ୍—ତାର ଫରମାସି କରୁଥିବ । ଆହା, ସଞ୍ଜୀବା'ଇଟା ଏଇମିତିଆ ଫନ୍ଦଟେ କରି ରହୁଛି । ଆଜ ଆସୁକ, ଫୁଲ ତାକୁ ତାଙ୍କ ଘରକୁ ଯିବାକୁ କହିବ । ଦେଖିବା କଣ କହୁଛି ।

କାନରେ ଗୁଞ୍ଜଳ ଗଣ୍ଡାକ ବନ୍ଧା ହୋଇ ପିଠି ପାଖରେ ପଡ଼ିଛି । ସେ ବୁଜୁଲାଟି ଯତନ କରି ହାତରେ ଧରି ଫୁଲ ହେଇ ପଲ୍ ଓଳରେ ଠିଆ ହେଲା । କେହି କୁଆଡ଼େ ନାହାନ୍ତି । ପଲ୍ କଡ଼କୁ ହାଟ ପାଣ୍ଡି । ପଛରେ ରେଳବଧ । ତା ସେ ପଟେ ମାଞ୍ଜଶୀ-ମନ୍ଦିର ଭଙ୍ଗାରୁଜା ହୋଇ ଭୂତପରି ଠିଆ ହୋଇଛି କେଉଁ କାଳରୁ । ପିଲାଟି ଦିନରୁ ତାକୁ ଦେଖି ଆସୁଛି ଫୁଲା । ଯେମିତି କି ସେମିତି । ଭଙ୍ଗା ପଥରଟାଏ ବି କେବେ ଖସି ପଡ଼ୁନାହିଁ । କି କାରସାଦି ହୋଇଛି ସେ ପଥର ସନ୍ଧିରେ, ଦୂରରୁ ଦେଖିଲେ ଜଣା ଯାଉଛି, ଯେମିତି ଆଖି ପିଛୁଡ଼ିକେ ତଳ୍‌ଖାଳ୍ ହୋଇ ସବୁ କୁଟେଇ ହୋଇ ପଡ଼ିବ । ହେଲେ ସେ କାହିଁକି ଟିକଏ ପଡ଼ୁନା—ସେଇମିତି ଠିଆ ହୋଇଛି । ଯେମିତି ସାକ୍ଷୀ କଥା କହୁଛି ।

ଛୁଡ଼ା ହୋଇ ଗୋଡ଼ ଘୋଳେଇ ହେଲାଣି । ବରଷାରେ ଫୁଲେ ତିନ୍ତିଗଲଣି ଦେହ । ଖୋଲି ସେଇ ଗୁଞ୍ଜଳ ବୁଜୁଲାଟାକୁ ଘୋଡ଼େଇ ଘଡ଼େଇ ଧରି କାନ୍ଥ କଡ଼କୁ ଆଉଜି ପଡ଼ିଥାଏ ଫୁଲା । ପାଖ ହିଡ଼ଆର ବୁଦାମୂଳେ କେଉଁଟି ଗୋଟିକିଆ ବିଲୁଆଟେ ବୋବାଳି ଛାଡୁଛି । ବରଷା ଛୋଡ଼ ବେଳୁଁ ବେଳ ବଢ଼ିବାରେ ଲାଗିଛି । ସତେ ଯେମିତି ଆଜି ଭୁବନେଶ୍ୱରଟା ଯାକ ସମୁଦ୍ର ପାଲଟି ଯିବ ।

## * ବାର *

କାହିଁ ରାଜାବା'ଇ ? ଭଲ କଥାତ ହେଲା । ଏପାଖ ହେଲା କାହିଁ କି ସେପାଖ ହେଲା ନାହିଁ । ରାଜାବା'ଇ କୁ ଭରସା କରି ରହିଗଲା ଯେ, ତାର ବି ଆଜି ଦେଖା ମିଳୁନାହିଁ ।...

ହେଲେ ଫୁଲ ଏଠା ନିଶ୍ଚୟ କରି ଜାଣେ ଯେ ରାଜାବା କେଉଁଠି ଅଟକିବା ଲୋକ ନୁହେଁ । ତା ନ ହେଲେ, ସେ କାହିଁକି ସାଙ୍ଗ ମୁଣ୍ଡରେ ପଲ୍ ମାରି ରହିଥାନ୍ତା । ଯେତେ ଭାବିଲେ ବି ଫୁଲ କିଛି ବୁଝି ପାରେନା କ'ଣ ଏ ରାଜାବା'ଇ ସତେ ! ଭଲ ହେଲେ ହିଁ. ଖରାପ ହେଲେ ନି । ଖୁସି ନାହିଁ, ବାସିନାହିଁ କି ପରକୃତି ତା'ର ?

କଲେଜକଲ ପାଖ ଚା ଦୋକାନରୁ ବରା ଗୁଲୁଗୁଲା ଗୁଡ଼ାଏ କିଣି ଛୁଟିଛି ରାଜାବା ପ୍ରଦା ସଡ଼ ବଡ଼ ଡ୍ରାଇ । ପଶିଆଠାରୁ ଏଡ଼ିକି ମୋଟରେ ପାଣି ଗଳୁଛି । ନାହିଁ ନ ଥିବା ବରଷା ଆଜି । ଏ ବରଷ ଫସଲ ଯାହା ହେବ, ରଖିବାକୁ ଥାନ ମିଳିବ ନାହିଁ । କାହିଁକି ନେସ ହଳ ଲାଗି ଦେଇ ପଟଳକ ଆମିଲରେ—ମନଟା ଖାଲି ଉବେଇ ଟବେଇ ହେଉଥାଏ ।

ଆଗରେ ତା ପଲ୍‌ଗୁଳାଟା । ରାଜାବା ମୁହାଇଲା ତାଙ୍କି ପାଖକୁ । ତାଟି ପାଖରେ କିଏସେ ଜଣେ ଠିଆ ହୋଇଛି । ନା କିଛି କଷ୍ଟା ଖଣ୍ଡି ଅନ୍ଧାରରେ ବାରି ହେଉନାହିଁ । ଜାଣି ଜାଣିକା ଜବାବ ଦେଉ ନ ଥାଏ ଫୁଲ ।

କିଏ ଲୋ ତୁ ?

ମଣିଷ— ୫୦ ଟପି ଥିରକରି କହିଲା ଫୁଲ । କୁଆଡ଼େ ରହିଗଲୁକି ରାଜବା'ଇ ? ଏ ବରଷାରେ ଭିଜୁବୁଡ଼ ଧାଇଁରୁ— ଜୋଉଟି ଟିକେ ଠିଆ ହେଇ ପଢ଼ିଲୁ ନାଇଁ !

# ✻ ଫେରି ✻

ଘଣ୍ଟିଆଟା ପଳକାନ୍ତୁ କୁ ଡେରି ହେଇ ଲମ୍ବିଚଳ୍ପ ଗାଁ ଭିଆଟା ଫିଟାଇ ଫିଟାଇ କହିଲା ରଞ୍ଜିବା—ସେଇ କଣ୍ଟ୍ରୋଲ ଦୋକାନରେ ଡେରି ହେଲା । ଗୃହଜଳ ଗଡ଼ନ୍ତି ଆଜି ମିଳିଲା ନାହିଁ ଯେ ବସି ଗୁଲୁଗୁଲୁ ଦଉଡ଼ା କଣି ଆଣିବ । ତୁ କମିତି ଏଠି ? ଗାଁକୁ ଯିବୁ ନାହିଁ କି ?

ରଞ୍ଜିବାର ଏଇ ପଚରିବା ଠାଣି ଠାଣି ଦେଲା ଟେଗଟେ ଗହିରିଆ ଗାର ଫୁଲ ଭିତରେ । ସେ ମନକି ମାରିଦେଇ କହିଲା—ଯାଇ ତ ପାରିଲି ନାହିଁ । ସାଙ୍ଗ ଲୋକ ସବୁ ସେ ଯୁଆଡ଼େ ବାହାରି ଗଲେ । ମୁଁ ରହିଗଲି ଏକା । ଏ ବରଷା, ଅନ୍ଧାର ବାଟ ଘାଟ କଣ ଦିଶୁଛି ହେବଲ । ସେଥିରେ ପୁଣି ବରଷାରେ ଭିଜା ବୁଣ୍ଡା କରି ଯିବି—ଆଜି ଦାଢ଼ି ଅଛି, ପା ଅଛି । କୁଆଡ଼ୁ କଣ ବିଗିଡ଼ି ଗଲେ ଘରେ ମା ବୁଢ଼ୀ ଆଉ ସାନ ଭାଇଟି ଷୋକଲି ରହିବେ । ଭାବିଲି ଟେଡ଼ ରି ପଲି ଓଳାରେ ଠିଆ ହୋଇ ପଡ଼ିବ · ବରଷା ନଇଁଗଲେ ଟେଟିଏ ଗୋଟିଏ ଚାଲିଯିବି ।

ପଲି ଓଳରେ ଠିଆ ହୋଇ ପଡ଼ିବ ଅଭିଆଡ଼ୀ ଫିଣ୍ଡ ଫୁଲ ! ଏ ବରଷା ଅନ୍ଧାର—ସେଥିରେ ପୁଣ ଅମାଯିଆ ରାତି । ରତୁମାସିଆ ମେଘ ଯେମିତି ଖଣ୍ଡମଣ୍ଡଳ ଚକଡ଼ା ମଡ଼େଇ ଘୋଟି ଯାଇଛି, ଏ କଣ ସହଜରେ ନଇଁବ ନା ଫୁଲ ତା' ଘରକୁ ଯିବ ! ଗୋଟେ ଅଜଣା ଆଶଙ୍କା ଚେତି ଉଠିଲା ରଞ୍ଜିବା ମନରେ । ସେ ତାଲି ଖୋଲିଦେଇ ତାଟେ ମେଲି କରି କୁହୁ କୁହୁ ହୋଇ କହିଲା ବରଷା ଭିଜା ଥରିଲା କଣ୍ଠରେ—ପଲି ଓଳରେ ଠିଆ ହବୁ କାହିଁକି ଲୋ ? ମୁଁ କଣ ଏଡ଼େ ଅମଣିଷ ଭାବିଚୁ ? ବଣ ଜଙ୍ଗଲର ବାଘ ଭାଲୁ ହେଲେ ବି ବଖତ ବେଳେ ସେମାନେ ତାଙ୍କ ପରକୃତି ଭୁଲି ଯାଆନ୍ତି । ଆଉ ତୁ ମୁଁ ତ ସହଜେ ମଣିଷ ।

ମୋ'ର ଆଖି ଆଗରେ ତୁ ବରଷାଟାରେ ଭିଜୁଥିବୁ ଆଉ ମୁଁ ଛତେ ପଲି ଭିତରିକୁ ଓଳିଲେ ଝାଙ୍କ ମାରି ହୋଇଯିବ । ତା ବୁଝେଁ ଯେ, ରହିଯିବୁ ସିନା, ଖାଇବୁ କଣ ? ହେଇତ ଦେଖୁଚୁ ଗୁଜରା ଗଣ୍ଡେ ମିଳିଲା ନାହିଁ ବୋଲି ବସି 'ଗୁଲୁଗୁଲୁ' ଦାଢ଼ା ଧରି ଆସିଚୁ ।

ଫୁଲିକି ମାଡ଼ିମାଡ଼ି ପଡ଼ିଲା । ସେ ମୋଟେ ଆଶା କରି ନ ଥିଲା ଗଜାବା'ଇଠୁଁ ଏମିତିଆ ଦୁନଆଟୁଡ଼ା କଥା ଶୁଣିବ ବୋଲି । ମନେ ମନେ ବହେ କୋଡ଼ି ବଦାରି ହେଲା - ଗଜାବା'ଇଟା କଣ ସତେ ! ମନୁଆ, ଗୋବିନ୍ଦା ଉପରେ ପଡ଼ି ବାଉ ଛୁଗୁଟିକରି ବଗୁଲେଇ ହୁଅନ୍ତି ପଛେ ସେ ପରି ତାଙ୍କମାନଙ୍କ ପାଖ ପଶେ ନାହିଁ ! ଆଉ ଏ ଗଜାବା'ଇ ··········

ହେଲେ ବି ଫୁଲି ଆଡ଼ିରେ ଗଜାବା ଦଶେ ଖଣ୍ଡଗିରି ପରି ଦୃଢ଼, ଅଚଳ, ଅଟଳ । ଗଜାବା ହଜିଲା ପାଣିକି ଗୋଡ଼ ବଢ଼ାଏ ନାହିଁ । ଖୁବ୍ ହୁସିଆର । ତାର ଖାଇବା, ପିଇବା, ହସିବା, ବସିବା ସବୁଥିରେ ଅଛି ଗୋଟେ ଲୁଚିଛପା ଆକର୍ଷଣ । ଆଉ କେହି ନ ଜାଣୁ, ଫୁଲି ଏ କଥା ଜାଣେ !

ଫୁଲିର ଏଇ ବଗୁର ଗୁଜିବାକୁ ଅଛପା ରହିଗଲା । ତେଣୁ ସେ ବୁଝି ପାରିଲା ନାହିଁ ଯେ ଏଇ ବଗୁର ବଳରେ ଫୁଲି ତା'କୁ ଖୋଲଣା ଅଂଶରେ ଆପଣାର କରି ବସିଛି ।

ସେ ଆହୁରି ଆଶ୍ଚର୍ଯ୍ୟ ହେଲା, ଫୁଲି ଯେତେବେଳେ ତା ମନର ଭାବିଲା କଥାକୁ କାଟି କହିଲା—ଗୁଜରା ନ ମିଳିଲାତ କଣ ହୋଇଗଲା ଗଜାବା'ଇ ? ତୁ ବସି ଗୁଲୁଗୁଲୁ ଦାଢ଼ା ଖାଇ ରାତିଟା କେମିତି କଟେଇବୁ ? ହେଇ, ମୁଁ ଗଣ୍ଡେ ଗୁଜରା କାନରେ ବାନ୍ଧିଚି ! ଏଇଥିରୁ ଗଣ୍ଡେ ଫୁଟେଇ ଦେଲେ········

❀ ସୁନ୍ଦର ❀

ଯୋଉ ଅପମାନ ହେଲା ଗଜାବାକୁ । ଅନ୍ଧାରରେ ଫୁଲ ଗିନା ସେ ଘର ଛାଡ଼ି ଆସି ବଡ଼ଦେଶରେ କୁଲି ହେଉଛି । ତା କପାଳ ଏତେ ଭଲକୁ ତ ସେ ଯାଇ ପାରିବ ନାହିଁ ! ଶାନ୍ତ ପରିବେଶରେ ସେତ ପୁଣି ଜଣେ ମଣିଷ । ତା ର ପର ଆଉମାନଙ୍କର ଜୀବନ ଅଛି, ବଞ୍ଚି ରହିବା ପାଇଁ ଗୋଟେ ଦାବୀ ଅଛି । ସେ ଫୁଲର ଏମିତି ଦେଖିପାରିବାକୁ ପସନ୍ଦ କଲା ନାହିଁ-ବୁଝିଲା ଠିକ୍ ହେଲଟା । ଫୁଲ ସିନା ତାଠି କ'ଣ ଦେଖି ନଆଁ ଭିତରକୁ ଲୁହ ପଡ଼ିବାକୁ ଆଗଭର ହେଉଛି । କିନ୍ତୁ ଗଜାବାର ସେ ସଞ୍ଜକ ଅଛି କି ନାହିଁ ସେ କଥା ଫୁଲ ଅପେକ୍ଷା ଗଜାବା କହିବ ବେଶୀ ନା !

ଓବରଟାକୁ ଲଗାଇବାକୁ ପଲ ଭିତର ଅଣ୍ଟାକୁ ଅଣ୍ଟାକୁ ଗଜାବା ଏଇମିତି କେତେ କଣ ଭାବି ଯାଉଥାଏ । ଲୋକ ସରଳଆ ହେଲେ ତା ପେଟ ଭିତରେ କୌଣସି କଥା ଲୁଚିଛପି ରହି ପାରେ ନାହିଁ । ବେଶୀ ବେଳ ସମ୍ଭାଳି ହୋଇ ରହି ନ ପାରି ଗଜାବା କହିଲା—ଭଲତ କହୁଛୁ ଲୋ ? ଥରେ ପରା କହିଲି, ମୁଁ ଜାନୁଆର ନୁହେଁ, ମଣିଷ । ତେ ର ମୁହଁରେ ତୁ ନଜେ କହୁଚୁ ଯେ ତୋ'ର ବାପ ପା, ହାନ ଲଭ ହେବଲ ଘ'ର ସାନଭାଇ ଆଉ ବୁଢ଼ୀମା ଭୋକିଲା ରହିଯିବେ । ପୁଣି କୋଉ ମୁହଁରେ ଗୃହଲ ଗଣ୍ଡାକ ବଢ଼େଇ ଦଉଚୁ ? ତିନି ତିନୋଟି ପ୍ରାଣୀଙ୍କ ଆହାର ମୁହଁରେ ପାହାର ଦବାକୁ କହୁଚୁ କିମିତି ଲୋ ?—

ଫୁଲ ବୁଝି ପାରିଲା ନାହିଁ ତା'ର ଅପରାଧ କେଉଁଠି । ବାହାରେ କଟଷ୍ଟ'ର ତେଜ କମିନାହିଁ । ସେଇମିତି ପବନ, ସେଇମିତି ଝରଝର, ଫରଫର ଲାଗି ରହିଛି । ପାଣି ଛିଟିଆ ମାଣ ପଲ ଭିତରେ ଭିଜି ଗଲାଣି । ଅପରାଧୀଙ୍କ ପରି ପଲ ତାଟି ପାଖରେ

ଠିଆ ହୋଇଥାଏ ସେ । ସାମନା ପାଖ ଫାଟକ ନାଳ ରାସ୍ତାଟା ବରଷା ପାଣିରେ ନଦୀ ହୋଇ ଜଡ଼ି ଯାଇଥାଏ ଦେହରେ, ମୁଣ୍ଡରେ । ତଳେ ପାଣି ନଗିଣ୍ଡ ପଡ଼ୁଥାଏ ଥପ୍‌ଥପ୍ । ଶୁଙ୍କଳ ବୁଢ଼ୁଲାଟା ହାତରେ ତା'ର ଜାବ ପଡ଼ି ଯାଉଥାଏ ।

ନ ପାଇଲା ଦରବଟା ସେତେଡ଼ ସୁଆଦ ହେଲେବି ଖୋଜଲ୍ଲ ଲୋକକୁ ବେଳ ସରିକ ଆମ୍ବିଳା ଲାଗ । କ'ଣ କରିବ ସେ ? ଆଖି ଆଗରେ ଦେଖୁଛି ସୁଆଦିଆ ଚିଜଟାକୁ, ଅଥଚ ହାତ ବଢ଼ାଇଲେ ପାଉ ନାହିଁ । ସେ ସୁଆଦରେ ଯାଏ କେତେ ଆସେ କେତେ ? ମଣିଷ ମନ ତ ! ତାକୁ ଆୟତ୍ତ କରିବା ବୟସରେ ନ ପହଞ୍ଚିବା ଯାଏଁ ମଣିଷ ଜାଣିକରି ହେଉ ବା ଅଜାଣାରେ ହେଉ ଭଲକୁ ଭେଲ ମଣୁଥାଏ । ସେଇ ବୟସ ସୁହାରେ ଝଲଝଲ ହୋଇ ଫୁଲି ଯାହା କଛି କରି ଯାଉଛି ବା କହି ଯାଉଛି, ସେ ଗୁଡ଼ାକ ଖରାପ ହେଲେ ବି ତା'କୁ ଭଲ ଲାଗିବାର କଥା । ଭଲ ମନ୍ଦ ବାଛିବାର କରାମତି ଯଦି ତା'ର ଥାନ୍ତା, ତେବେ ଏ ଝଡ଼ ପାଗ, ଏ ମେଘ ଅନ୍ଧାରରେ ତା' ସାଙ୍ଗ ସାଥୀଙ୍କୁ ଛାଡ଼ି, ଘର ଦୁଆର, ତା' ବୁଢ଼ୀମା, ସାନଭାଇ—ଏମାନଙ୍କ କଥା ଭୁଲି ସେ କାହିଁକି ରାଜାବା ଦୁଆରେ ଧାରଣା ଦେଇଥାନ୍ତା ?

ବହୁ କଷ୍ଟରେ ସେ କହିଲା— ତୋ ପେଟରେ ଏତେ କଥା ଅଛି ବୋଲି ମୁଁ ଜାଣି ନ ଥିଲି ଲୋ ମା' । ମୁଁ ସିନା ଏଠି ଥିଲିକୁ ଏତେ କଥା ହେଲା । —ଆଉ ବା କ'ଣ କହିଥାନ୍ତା । ଅହଂଗୁଣ, ଅଭିମାନରେ କଣ୍ଠ ରୋକ ହୋଇଗଲା ଫୁଲିର । ସେଇ ଅନ୍ଧାର, ବରଷା ଆଉ ପବନ ସୁଅରେ ବଳୁରି ମାରିଲା ପରି ପଳାଇ ଗଲା- କେଳେ ଖାଲି ଏତିକି କହିଗଲା—ଯାଉଚି ରାଜାବା'ଇ । ଗାଳି ଦବୁ ନାହିଁ·············

## ✽ ସତର ✽

ମଣିଷ ଅବସ୍ଥାର ଦାସ । ରାଜୀବା ସେତେବେଳେ ଯେଉଁ ଅବସ୍ଥାରେ ଥିଲା, ଯେତେ ବଡ଼ ଜାଣିବ ଶୁଣିବା ଲୋକ ହେଲେ ବି ପଦେ ନ କହି ରହି ପାରନ୍ତା ନାହିଁ । ଫୁଲକ ଯାହା କହିବାର କହିଦେଇ ରାଜୀବା ପଲା ଭିତରେ ଖୁମାଣ ହୋଇ ବସି ପଡ଼ି ଭାବୁଥିଲା କେତେ ଆଗପଛ କଥା । ଯେତେ ଯାହା ବର୍ତ୍ତିଲେ ବି ଫୁଲର ଭୋକିଲା ଆଖି ତା ମନରୁ ଯାଉ ନ ଥାଏ । ତା ବର୍ତ୍ତରେ ଫୁଲ ହୋଇଥାଏ ଯେମିତି ଖଣ୍ଡେ ବରଷିଲା ମେଘ । ଶ୍ରାବଣ-ଧାର ସାଙ୍ଗରେ ଆପଣାର ଟ୍ରୋଟିଆ ଧାରଟିକୁ ମିଶାଇ ଦେବାକୁ ବୁହେଁ ଫୁଲ । ଏତିକ ବେଳେ ରାଜୀବା ଯଦ ଟିକଏ କାଗଜଆର ହେବ, ତେବେ କେଜାଣି ବରତି ଯିବ କାଦୁଅ ପାଣିରୁ । ନୋହିଲେ ତା ସୁନେଇଟି ବାର ଲୋକଙ୍କ ଆଖିରେ ହୋଇଯିବ ଗଛତଳରୁ ସାଉଁଟି ଆଣିଲା ପର ଖେଳିଖାଇ-ଅଙ୍କୁଳରେ ବାଏଁ ବାଏଁ ଭାସିଯିବ !

ରାଜୀବା ବସିଥାଏ ସେଇଠି ସେଇମିତି । ଉବରଟା ଧାସ ଠେକ କରୁଥାଏ ହୁତ୍ ହୁତ୍ । ଏଦା ଲୁଗାଟା ଦେହରେ ସେଇମିତି ଥାଏ । ଫୁଲର ଶେଷ କଥା ହଦକରେ ଚେତା ଆସିଲା ତାର । ସେ ମୁହଁ ଟେକି ଚାହିଁଲା ବେଳକୁ ଫୁଲର ଛାଇ ଲୁଚି ଗଲାଣି ଅନ୍ଧାର ଭିତରେ ।

ବୁଦ୍ଧି ହଜିଗଲା ରାଜୀବାର । କଣ କରିବ ସେ ?

ଭେଟନଇ ଗାଁର ସେଇ ରାଜୀବ ପାଣ୍ଡ ଭ ସେ—ଠିକ୍ ସେଇମିତି ଅଛି । ଭିତରେ ତାର ସେଇ ବିବେକ ଅବିକଳ ରହିଛି । ପେଟ ମୋଡ଼ା ଯାତନା କଣ୍ଢେଇ ପରି ଗୋଡ଼ ହାଟା ଛୁଏଁ ଦେଇ ଆସିଲା ତାକୁ ପଲା ବାହାରକୁ—କାହିଁ ଫୁଲ ?

## * ଆରମ୍ଭ *

ଦୁନିଆରେ ବେଳେବେଳେ ଘଣ୍ଟା ଘଣ୍ଟା ଧରି ଝଡ଼ ତୋଫାନ ବହେ ପ୍ରଳୟର ସୂଚନା ଦେଇ । ସେଥିରେ କାହାର କଣ ହୁଏ ? କିନ୍ତୁ ସେଇମିତିକା ଝଡ଼ର କାଣିଚାଏ ବେଗ ନେଇ ମଣିଷ ମନରେ ଯେତେବେଳେ ଚେତିଉଠେ ହଁ ନାହିଁର ତୋଫାନ, ସେତେବେଳେ ମୁହୂର୍ତ୍ତିକ ଭିତରେ ମଣିଷ ଭିଆଇ ଦିଏ ଅଘଟଣରେ ଘଟଣ । ଜନ୍ମ ବଦଳିଯାଏ ତାର । ଖୁବ୍ ସମ୍ଭବ ସେ ଭୁଲିଯାଏ ତାର ଘଡ଼ିକ ଆଗର ଆପଣା ଠିକଣା । ଭାବିଥାଏ ଯାହା ହୁଏତ କରେ ତାର ଠିକ୍ ଓଲଟା ।

ରାଜୀବ ମନରେ ସେଇମିତିକା ଗୋଟେ ତୋଫାନ ଉଠିଲା । ଫୁଲ ପରି କେତେ ଝିଅଙ୍କୁ ସେ କାନତରାଟି ପାଖରେ ମୂଲ ଲାଗିଛନ୍ତି । ନିତି ରାତି ପାହିଲେ ତାଙ୍କ ସାଙ୍ଗରେ ଦେଖା ହେଉଥିବା ଟୋପରା—ମୁଣ୍ଡ ଉପରକୁ ବୋଝ ଟେକାଟେକି, ଆଉ ଏ ଫୁଲ ପାଖରେ କଣ ଏତେ ମହୁ ବରଷିଛି ? ଏଇମିତି ଝଡ଼ ବରଷାରେ ବାଟରେ ଚାଲିଗଲା ଲୋକ କିଏ କେତେ କାହା ଓଳିରେ କ'ଣ ଠିଆ ହୋଇପଡ଼ୁନାହାନ୍ତି ? ବରଷା ନଇଁଗଲେ ଯେ ଯାହା ବାଟ ବରଗି ଚାଲି ଯାଉଛନ୍ତି ନା ?

ମଣିଷ ଯେତେ ତଳଆଡ଼ର ହେଉପଛେ ସମସ୍ତଙ୍କ ଭିତରେ ବିବେକ ଅଛି । କିଛି ନା କିଛି କାମରେ ହାତ ଦେଲାବେଳକୁ ତାହାରି ବିବେକ ସମସ୍ତଙ୍କୁ ଥରେ ଅଧେ ଚେତାଇ ଦିଏ । ଏଟା ଭଲ ସେଟା ମନ୍ଦ । ମଣିଷ ମାନୁ ନ ମାନୁ ଚେତେଇ ଦେବାଟା ବିବେକର ଯେମିତି ଗୋଟେ ନିତି ଦିନିଆ କାମ । କିନ୍ତୁ ବିବେକକୁ ମାନି ଚଳିବା ଲୋକ କେତେ ଜଣ ? ଖୁବ୍ ନାମଯାଦା ଲୋକେ ବି ବିବେକର ମନା ଏଡ଼ି ଦେଇ ଆଜିକାଲିକା ସଭ୍ୟତାର ଛାଇତଳେ ତାଜା ହୋଇ ଆଗେଇ ଚାଲିଛନ୍ତି—ନିଧଡ଼କ

ଏତେଟିକେ ଶନ୍ତା ନା ଦୟା ଅଛି ତାଙ୍କର ? ଆମ ଗାଁ ଗହଳରେ ଲୋକେ କହନ୍ତି, ପଣ୍ଡିତ ପୁଅ ମାନଙ୍କୁ ମାରିଲେ ଦୋଷ ନାହିଁ । ମିଛ ନୁହେଁ—ପଣ୍ଡିତଙ୍କ ଖାତିରରେ ତାଙ୍କ ପୁଅଙ୍କୁ ସେତିକ ଛୁଟି ମିଳିଥିବ ।

ଖାଲି ଲେଖିଦେଲେ କି କହିଦେଲେ କଥାଟାର ଓଜନ କମି ଯିବ ନାହିଁ ଯେ ମଣିଷ ଭିତରେ ମନ ବୋଲି ଯେଉଁ ଜିନିଷଟା ଅଛି, ତାର ତାଡ଼ନାରୁ ଆପଣାକୁ ବଂଚାଇବା ବଡ଼ କାଠିକର ପାଠ । ଅନେକ ସମୟରେ ଏଇ ମନ ପାଖରେ ବିବେକ ହାର ମାନିଥାଏ । ଚୋର, ଖୁଣୀ, ଡକାଇତ—ଏମାନଙ୍କୁ କିଏ ନ ଡରେ ? ସେଇମିତି ମଣିଷ ମନଟା ଗୋଟେ ଦଗୀ, ଡକାଇତ । ତାର ହୁକୁମକୁ ବେଖାତିର କରିବା ଅର୍ଥ [illegible] ଦୁଃଖ, ଲାଞ୍ଛନା, ଧକ୍କାଗଂଜ ଭୋଗିବା ।

ରାଜୀବା ସେ ଦିନ ମନର ତାଡ଼ନାକୁ ଏଡ଼ି ଦେଇ ପାରିଲା ନାହିଁ । ତାର ନିଜାତି ଅଜାଣାରେ ହୃଦୟର କୋମଳ ପରଦାଟିକୁ ଟେକିଁ ଉଠିଲା ଭଲ ପାଇବାର ମୋହ । ଫୁଲର ଫୁଲ ପରି ଉଶ୍ବାସିଆ ପ୍ରାଣରେ ଆଘାତ ଦେବା ବଡ଼ ଅସହଣୀୟ ବୋଧହେଲା ତାକୁ । କାହିଁକି, ତା ସେ କହି ପାରିବ ନାହିଁ । ଯଦି ସେଠି କାହିଁକିର ପ୍ରଶ୍ନ ଉଠେ, ତେବେ ରାଜୀବାକୁ ସେଠା କାମ ଛାଡ଼ି, ବାଟେ ବାଟେ ଘରକୁ ଫେରି ଯିବାକୁ ପଡ଼ିବ, ଯାହାକି ସେ କରି ପାରିବ ନାହିଁ ।

ଦେହରେ ଓଦା ଲୁଗାଟା ସେଇମିତି ଜଡ଼ି ରହିଥାଏ । ରାଜୀବା ପଲା ବାହାରକୁ ଛୁଟି ଆସିଲା ଗୋଟେ ଲହସରେ । ଗୃହଆଡ଼କୁ ଗୁହିଁଗଲା ପରସ୍ତେ । କେହି କୁଆଡ଼େ ନାହାନ୍ତି । କଳା କଟିମିଟି ଅନ୍ଧାର । ଖଣ୍ଡେ ଦୂରରେ କରତକଲର ବଡ଼ ଆଲୁଅଟା ଶୀତଦାନ୍ତିଆ

## ❋ କୋଡ଼ିଏ ❋

ପାହାନ୍ତ ତଣ୍ଟ ପରି ଜକ୍‌ଜକ୍ ଦିଶୁଥାଏ । ତା ଆଗକୁ ବତୀ ଖୁଣ୍ଟ ଆଲୁଅ କେତେଟା ବାହା-ମସାଲ ଧାଡ଼ି ଲଗେଇ ଦେଇଥାଏ । ଗଡ଼ିକ ପାଖର ବୁଦବୁଦକିଆ ପଡ଼ିଆ ଭିତରେ ବରଷା ଲଗେଇ ଥାଏ ଝୁଲଣି ଘଣ୍ଟିର ଗୋଟି ପିଲା ନାଚ—ଝୁମ୍ ଝୁମ୍ । କାହିଁ କେତେ ଦୂରର ଚନ୍ଦକା ଜଙ୍ଗଲ ପଟୁଁ ଖଣ୍ଡଗିରି ମଥାଛୁଆଁ ବୋଣୁଆ ପବନଟା ବିଜୁଳି ତାର ଝଙ୍କାର ବେହେଲା ସଙ୍ଗତ କରୁଥାଏ କେଡ଼େ ସୁନ୍ଦର ରିମ୍ ଝିମ୍ । ପ୍ରକୃତିର ସେଇ ରୁକ୍ଷତା ଭିତରେ ବି ରାଜାବା ଦେଖି ପାରିଲା ଯେମିତି ଗୋଟେ ମିଳନ ସାଜଭରା ଅପରୂପ କାନ୍ତି ଘେରି ରହିଛି ତା ଘରର ପାଖର ଦୁନିଆକୁ । ସେ ଭୁଲିଗଲା ତା ଘଡ଼ିକ ଆଗର ଚେତନା, ଯାହାବଳରେ ଫୁଲ ପରି ଅଭିଆଡ଼ୀ ଝିଅକୁ ସେ ଆଖି ଆଗରୁ ଆଡ଼େଇ ଦେଇ ପାରିଛି ।

ଦାଗୀ ମନଟା ତାକୁ ବାଉଳା କରି ପକାଇଲା । ଯୁଆନ୍ ଛୁଟି ଭିତରେ ଛୁଟି ଚାଲିଲା ଗୋଟେ ପାହାଡ଼ତଳି ସୁଅ । ସେ ସୁଅରେ ସୁନେଇ ଆଖି ପିନ୍ଧାଡ଼ାକେ କୁଆଡ଼େ ଯେ ଭାସିଗଲା, ତାର ପତ୍ତା ମିଳିଲା ନାହିଁ । ରାଜାବା ସେ ପାଣି ପବନକୁ ଖାତିର୍ ନ କରି ପଡ଼ିଆ ଦାଣ୍ଡିରେ ଆଗେଇ ଗଲା କେତେ ପାହୁଣ୍ଡ—କାହିଁ ଫୁଲ ?

ତେବେ କଣ ଫୁଲ ସତରେ ଅଭିମାନ କରି ଚାଲି ଗଲା ? କିନ୍ତୁ ଏ ଅନ୍ଧାର, ବରଷା, ପବନ ତୋଡ଼ରେ ପାହୁଣ୍ଡ ଟେକି ହେଉନାହିଁ । ସେ କେମିତି ଯାଉଥିବ ଏକୁଟିଆ ? ଫୁଲି ! ଫୁଲିଲୋ ! ହେ……।

ରାଜାବାର ଡାକ ଫୁଲିକି ଶୁଭିଲା କି ନାହିଁ ଜାଣି ହେଲାନି । ପଡ଼ିଆ ଭିତର ବାଟକଡ଼ରୁ ଜଙ୍ଗଲି ବୁଦା କେଉଁଟା ଭାଙ୍ଗି ତାକୁଇ ମୁଣ୍ଡ ଉପରେ ଥୋଇ ଫୁଲି ବାଘୁଣୀଙ୍କ ପରି ବାଟ ଅବାଟ ନ ମାନି ଧାଇଁ ଥାଏ । ଦେହ ମୁଣ୍ଡକୁ ଏତେ ଟିକେ ନଜର

ନାହିଁ । ଅନ୍ଧାରରେ ମୁହଁକୁ ମୁହଁ ଦିଶୁ ନ ଥାଏ, ତଥାପି ଫୁଲ ଗୋଡ଼ ଘୋଷାରି ଆଗେଇ ଥାଏ । ନିତିଦିନିଆ ଚାଲିବାଟ, ସେ ।ଉ । ଜନ୍ମ ହେଲା ଦିନରୁ ଦୀର୍ଘ କୋଡ଼ିଏ ବର୍ଷ କାଳ ସେ କଟାଇ ଲାଣି ଏଇ ବଣ ପାହାଡ଼ ଘେରା ମାଟି ଉପରେ । ଆଜି ଏମିତି କଣ ହୋଇ ଯାଇଛି ଯେ ଘର ଯାଏଁ ଯାଇ ପାରିବ ନାହିଁ ? ମା ପଚାରିଲେ କହିବ — କଣ କରିବି ଲୋ ମା, ସେ କାନଭରାଟ ବାବୁଟା କେତେଟା କଣ ମାଲକୋ ମଜୁରୀ ଗଣ୍ଡାକ ବଢ଼ାଉଛି । ଯେଉଁଥି ସକାଶ ଡରୁଥିଲି, ଶେଷକୁ ସେଇ ହରକତରେ ପଡ଼ିଲି ।

ଖାଲି ସେଇ ରେଳବନ୍ଧ କଡ଼ ମଶାଣି ଖଣ୍ଡକୁ ଯାହା ଟିକିଏ ଡ଼ର । କଣ ହୋଇଯିବ ? ସତେ କଣ ଡ଼ାହାଣୀ ଭୂତ ଗୁଡ଼ା ଖାଅନ୍ତା ମଣିଷଙ୍କୁ ଏମିତି କଂଚା ଚୋବାଇ ପକାଇବେ ? ସେ ଦିନ ପରା ଯାଠୁଁ ଆହୁରି ଡେରିରେ ସେ ଘରକୁ ଫେରିଥିଲା ? ଏଇମିତି କଳା ଅନ୍ଧାର···କେତେ କଣ ଖାଇଗଲେ ତାକୁ ?

ଗୋଟେ ରସାରେ ସିନା ଗୁଣୁଥାଏ ଫୁଲ, ହେଲେ ସେଇ ଅଭିମାନ, ରସା ଭିତରେ ବି 'ମନରେ ରହି ରହି ଆସୁଥାଏ ଗୋଟେ ଲୁଚକପା ଭାବନା—ରାଜାବା'ଇ ପଛରେ ଆସୁଛି କି ? ଅସମ୍ଭବ କଣ ? ଏମିତି ବଡ଼ ବଡ଼ କଥା କହୁଥିଲା—ଜାନୁଆର ନୁହେଁ ମଣିଷ······ଏଗୁଡ଼ା କଣ ଖାଲି ମନରଖା କଥା ? ଫୁଲ ଠାରେ ତାର କଣ ଏତେ ଟିକେ ସହାନୁଭୂତି ନାହିଁ ?

ଏଇ ଭାବନା ସାଙ୍ଗେ ସାଙ୍ଗେ ପାଦ ଦିଟା ଫୁଲର ପଛକୁ ଟାଣି ହୋଇ ଯାଉଥାଏ—କାଳେ ରାଜାବା'ଇ ତାକୁ ଖୋଜି ଖୋଜି ପଛରେ ଛୁଟି ଥିବ ! କାହିଁ ? ଟିକିଏ ଖୁଡ୍ କି ଖାଡ୍,

କାହିଁ ତ ଶୁଭୁ ନାହିଁ ? ମନ ହେଉଥାଏ ଥରୁଟେ ପଛକୁ ମୁହଁ ବୁଲାଇ ପଚାରି ଦେବ—କିଏ, ରାଜାବା'ଇ କରେ ?

ଏଇମିତି ବାରଝୁଣ୍ଡିଆ ଭାବନା ଭିତରେ କେତେବେଳେ ଯେ ଫୁଲ ଘର ପାଖିଆ ହୋଇଗଲା, ତାକୁ ମୋଟେ ଜଣା ପଡ଼ିଲା ନାହିଁ । ମନଟା ସନ୍ତୁଳ ହେଉଥାଏ ଭିତରେ—ଆଉ ଦ'କୋଶ ଦୂରେଇ ଯାଆନ୍ତା କି ଘରଟା !

ସେତେବେଳକୁ ବରଷା ଟିକିଏ ନଇଁ ଆସିଲାଣି । ଯାହା ବା ଟୋପି ଟୋପି ପାଣି ପଡ଼ୁଥାଏ, ପବନ ସୁଅରେ ଦେହକୁ ଲାଗୁ ନ ଥାଏ ମୋଟେ । ଖାଲି ସୁ ସୁ ଧୁ ଧୁ ପବନ—ଦୂର ତୋଟା ବଣ ମଝି ଛୁଟିଥାଏ କେଡ଼େ ବେଗରେ ।

ଫୁଲ ତାଙ୍କ ଘର ପହଣ୍ଡି ଉପରକୁ ଠେଲି ପେଲି ହୋଇ ଉଠି ପଡ଼ିଲା । ସେ କାକରିଆ ପବନ ସୁଅରେ ଦେହ ଭସାଇ ଦେବାକୁ ମନ ଉଚାଟ ହେଉଥାଏ । ସତରେ କଣ ତେବେ ରାଜାବା'ଇଟା ଆସିଲା ନାହିଁ ! ଏତେ ଦୁଃଖ, କଷ୍ଟ, ବରଷାମାଡ଼...ରାଜାବା'ଇ ଛାତିରେ କଣ ଟିକିଏ ହେଲେ ବାଜିଲା ନାହିଁ !......

ଦାଣ୍ଡ ଦୁଆର ମୁହଁରେ ପ୍ରେରଣୀଙ୍କ ପରି ଠିଆ ହୋଇ ଭାବୁଥାଏ ଫୁଲ କେତେ ଆଉ କେତେ କଥା । ଅହଂଗୁଣ, ରାଗରେ ଜଡ଼ ସଡ଼ ହୋଇ ଯାଉଥାଏ ଦେହସାରା—ହଉ, ଦେଖିବା ଦେଖି, କେମିତି ସେ ମନୁଆ, ଗୋବନ୍ଦା ହେରକାଙ୍କ ସାଙ୍ଗରେ ତାଳ ପକେଇ କାମ କରିବ ସେଠି !

କେତେ ଭାବିବ ଫୁଲ ସେ ପୋଡ଼ପାଡ଼ ଭାବନାରୁ ? ହକ୍‌ଦାର ହୋଇ ମାଆକୁ ଡାକେ ହଡ଼ାକ ମାରିଲା—ମା ମାଆଲୋ, କବାଟ ଫିଟାଇଲୁ .?

## ※ ଫେଙ୍କଣି ※

କବାଟ ଫିଟାଇ ଦେଇ ମା’ ତାର ତାଟକା ହୋଇଗଲି ଝିଅଟା ଗୋଟାପଣେ ତିନ୍ତି ଯାଇଛି ।

କହିଲେ, ଏତେ ମଠ କଲୁ କାଇଁକି ମ ? ଯଦି ବା ଦେଖିଲୁ ମଠ ହେଲା, ତେବେ କାହା ଓଳିରେ ଟିକିଏ ଠିଆ ନ ହୋଇ ତୁ ଏ କଚଡ଼ା ବରଷାଟାରେ ତିନ୍ତି ବୁଡ଼ି ଧାଇଁଛୁ—ଦେ, ଆଇଲୁ ଭିତରକୁ ?

ମାଆର ଏତେ ଗୁଡ଼ାଏ କଥା ଭିତରୁ ଫୁଲି କାନକୁ କଣ ଶୁଭିଲା କେଜାଣି, ସେ ଚଡ଼ ଚଡ଼ ହୋଇ କହିଲା—ମଠ ତ ହେଲା ଏଥି ଲାଗି କଣ କହୁଚୁ ତୁ ! କ ଆସି ଆଉ କୋଉ ବାଇରେ ମରିଥା’ନ୍ତି ଲୋ ?

ମଅ, କଣ କହୁଚ ଏ ଝିଅଟା···କହିଲେ, କେହି ନୋହିଲା ବେଳକୁ ତୋ ରାଣୀବା’ଇ ପଲ କଣ୍ଠରେ କଣ ଟିକିଏ ମଥା ଗୁଂଜି ଦେଇନଥାନ୍ତି ?

ଜଳିଗଲା ଦେହ ଫୁଲିର । ସେ ପଖାଳ କରିଆ ଖଣ୍ଡ ପାଲଟୁ ପାଲଟୁ ନାକ ଫୁଲେଇ ଝାମ୍ପି ପଡ଼ିଲା ତା ମାଆ ଉପରେ କେତେ ସେ ରାଣୀବା’ଇ ରାଣୀବା’ଇ ହଉଚୁ ଲୋ ? କ ରାଣୀବା’ଇ ······ତା ନିଜ କଥାର ଠୋ, ଠା, ଠି, ଆଉ ମୁଁ ତା ପଲ କଣ୍ଠରେ ଯାଚି ହେଇ ମଥା ଗୁଂଜି ଥାଆନ୍ତି···କଣ କହିବ ନାହିଁ ଆଉ······

ବଣରେ ନିଆଁ ଲାଗିଲେ କୋଶ କୋଶ ଦୂରର ଲୋକଙ୍କ ଆଖିକି ଦିଶେ । ସମସ୍ତେ ଜାଣନ୍ତି ବଣରେ ନିଆଁ ଲାଗିଛି । କିଏ କେତେ ଆମୋଦ କରେ । କିଏ ଦୁଃଖ କରି କହେ—ଆହା, ଜୀବଜନ୍ତୁ ଗୁଡ଼ିକ କି କଲବଲ ହେଉଥିବେଟି ! ମନର ନିଆଁ-ଗୁଳୁ ଗୁଳୁ କେହି ତ ଦେଖି ପାରନ୍ତି ନାହିଁ, କିମିତି ଜାଣିବେ ?

## * ତଣ୍ଟି *

ସେ ନିଆଁ ମଣିଷ ଭିତରେ କୁହୁଳି ମଣିଷକୁ ତିଳ ତିଳ କରି ପୋଡ଼େ, ଘୁଣ ପରି ଖାଇ ଯାଏ । ମଣିଷ ନାଚାର । ତାର ଉପାୟ କିଛି ନ ଥାଏ । ମନ ଖୋଲି କହି ପାରେ ନା । ସେଇମିତି ଫୁଲି ଭିତରେ ଯେଉଁ ନିଆଁ ଟିକକ କୁହୁଳୁ ଥିଲା, ତାକୁ ତା ମା'କ କେହି ଜାଣି ପାରିଲେ ନାହିଁ । ସେ ଆପଣା ଭିତରେ ସନ୍ତୁଳି ହୋଇ କଣ ଖାଇଲା, କଣ କଲା, ତା ଯେ ଦିନରାତି କହୁଛି, ତାକୁହିଁ ଜଣାଥିଲେ ଥିବ !

ପେଟଚିରା ଜନ୍ମ କରିଛି ମା—ସେ ବେଳେବେଳେ ଡ଼ିମା ଡ଼ିମା ଆଖି କାଢ଼ି ଫୁଲିକି ଅନାଏ । କେଡେ ବଡ଼ ଝିଅ—ରୂପ-ରାଗରେ ଫାଟିପଡୁଛି । ମନର ସାଧ ଥାଏ, କିଏ ଗୋଟିଏ ମିଳନ୍ତାକି ତାକୁ ଘର ଜୋଇଁଅ କରି ରଖନ୍ତା । ଫୁଲି, ନଖିଆ ଦୁହେଁଯାକ ବୁଢ଼ୀ ଆଖି ଆଗରେ ତା' ମଲାପାଏଁ ଚଳ ବଚଳ ହେଉଥାନ୍ତେ । ପୋଷିଲା ଝିଅ ଫୁଲିକି କାହା ଗଳାରେ ଛନ୍ଦିଦେଇ ସେ ପାଖରୁ ଦୂରେଇ କମିତି ରହିବ ?

ଶ୍ରାବଣମାସର ଅମାସିଆ ରାତି—ଚତୋଉ ଅମାସିଆ । ବରଷା, ପବନ ସାଙ୍ଗରେ ଧରି ଲଗାଇଛି ଗୋଟେ. ଅନ୍ଧାରି ମଉକ୍ଷୁକ । କେତେବେଳେ ମେଘ କଡ଼ିରେ, କେତେବେଳେ କାନ୍ଥି ଫାଙ୍କରେ ବିଜୁଳି ଗରଜି ଉଠୁଛି ରହି ରହି । ବୁଢ଼ୀ ଶୋଇଥାଏ ଘର ମଝିରେ । ଦୁଇ ପାଖରେ ତାର ଶୋଇଥାନ୍ତି ଫୁଲି ଆଉ ନଖିଆ ଘୋଡ଼ି ଘାଡ଼ି ହୋଇ । ଆଖିରେ ତାଙ୍କର ଘୋଟି ଯାଇଥାଏ ନାହିଁ ନ ଥିବା ନିଦ । ଫୁଲି ଦେଖୁଥାଏ ଘରପୋଡ଼ି ସପନ କି କଣ, ବାଈଳି ଗୁଳି ହୋଇ କଣ ଗୁଡ଼େ ବକି ଯାଉଥାଏ ତା ପେଟ ଭିତର ଛପିଲା କଥାଗୁଡ଼ା, ଯାହା ଶୁଣିଲା ମାତ୍ରେ ବାରୁଦରେ ନିଆଁ ଧରିଲା ପରି ମଣିଷ ଅନ୍ତ ଜାଳିଦିଏ ।

## ✻ ଖଇଣ୍ଡି ✻

ଫୁଲି ସପନ ଦେଖୁଥାଏ ମନ ପୂରାଇ—ଗୋବନ୍ଧା ବେକକରେ ଗାମୁଛା ବାନ୍ଧି ଲଟକି ପଡ଼ିଛି ଗାଁ ମୁଣ୍ଡ ଆମ୍ବ ଡାଳରେ । ଲୋକବାକ କେତେ ଜମା ହୋଇ ନଜରେଖି ଅନେଇଛନ୍ତି ତା ଶବଟାକୁ । କେତେ କେତେ ଆଖି କାଢ଼ି ଜଭ କାମୁଡ଼ି ଜୀବ ହରାଇ ଦେଇଛି ଗୋବନ୍ଧା ! ମନୁଆ ଗୁରୁଆଡ଼େ ଗପ୍ପ କରନ୍ତି କପିଳେଶ୍ୱର ଗାଁର ଫୁଲି ମୂଲଆଣୀ ଲାଗି ବେକରେ ଦଉଡ଼ି ଲଗେଇ ଗୋବନ୍ଧା ମରିଗଲା । ଗୁରୁଆଡ଼େ ଡବଡ଼ବ ନାଗରା ! ଫୁଲି ଏଣେ କରୁଛି କଣ, ନା, ହାଣ୍ଡି କଳା ପରି ଅନ୍ଧାର ରାତିରେ ଘର ଦୁଆର ଛାଡ଼ି ଧାଇଁଛି ତା ରାଙ୍ଗିବା'ଇ ପଛରେ । ରାଙ୍ଗିବା'ଇ ଆଖିକାଢ଼ି ଫୁଲିକି ମାରି ଗୋଡ଼ାଉଛି, ହେଲେ ବି ଫୁଲି କଣ୍ଟାଝଣ୍ଟା ନ ମାନି ଧାଇଁଛି ଯୋଜନ ବାଟ, ଅସରନ୍ତି ବାଟ ଯେତେ ଧାଇଁଲେ ବି ସରୁନାହିଁ । ମୁହଁରେ ତାର ଖାଲି ସେଇ ପଦୁଟିଏ କଥା—ରାଙ୍ଗିବା'ଇ, ମତେ ସାଙ୍ଗରେ ନବୁ ନାଇଁ············ ?

ଫୁଲିର ସେଇ ସପନ ଏଣେ ଜୀବନ୍ତ ହୋଇ ଉଠିଥାଏ ରାଙ୍ଗିବା ଆଖିରେ । ବରଷା ପାଣିରେ ଭିଜି ଦେହଟା ତାର ଗୋଟାସରି କାଲୁଆ ହୋଇ ଯାଇଥାଏ । ସେ ବିଛଣା ଉପରେ ପଡ଼ି ଏକଡ଼ ସେକଡ଼ ହେଉଥାଏ । ଆଖିରେ ମୋଟେ ନିଦ ନାହିଁ । ଯେତେ ଭାବିଲେ ବି କୂଳକିନାରା କିଛି ମିଳୁ ନ ଥାଏ ତାକୁ ! ଦୁଇ ଆଖିରେ ତାର ଦୁଇଟି ଛବି ଫୁଟି ଉଠୁଥାଏ ଦୁଇଟି ଠାଣିରେ ଗୋଟିଏ ସୁନେଇ, ଆଉ ଗୋଟିଏ ଫୁଲି । ଜଣକର ସର୍ବନାଶ ଆଉ ଜଣକର ପୁଷମାସ । ଜଣେ ପାଇବାକୁ ଚାହିଁଛି ଦୁଃଖରେ, ଆଉ ଜଣେ ପାଇସାରି ଚାହିଁଛି ସୁଖରେ । କଥାରେ କହନ୍ତି—ଯେ ପଖାଳ ଖାଇଛି, ସେ ତବତ ଖାଉ, ଯେ କମୀ ନ ଖାଇଛି, ସେ ଗାଧୋଇ ଯାଉ । ବଣ ପାହାଡ଼ ଘେରା ମାଳତଳ ଗ୍ରାମରେ ବଢ଼ିଲା

ଝିଅ ସୁନେଇ, ଅଥଳ ଦରିଆ ପରି ଯାହାର ହୃଦୟ, ସେମିତି ଝିଅଟିଏ ମନତଳେ ଘର କରିଥିବ ସିଏ, ସିଏ କାହିଁକି ଏ ଅବୁଝାମଣା ରାଇଜର ବାଲି ହରିଣ ପରି ଧାଇଁ ବୁଲୁଥିବା ଉପୁଡ଼ଙ୍ଗର ଝିଅଗୁଡ଼ାଙ୍କୁ ମନ ବଳାଇବ ? ଏଗୁଡ଼ାକ ମଣିଷମାନଙ୍କୁ ହାଟ ବଜାରର ବାଇଗଣ ପରିବା ପରି ମଣାନ୍ତି କି କଣ, ଆଜି ଦେଖିଥିବ ଜଣକ ପାଖରେ ତ ତାଙ୍କୁ କାଲି ଦେଖିବ ଆଉ ଜଣକ ପାଖରେ । କେତେ ମୂଲଚୂଲ......କେତେ ଠଙ୍କା ଦବ ? ଶୁଆ-ପକ୍ଷିଆ ରଙ୍ଗର ଚନ୍ଦ୍ରବୁଣା ଶାଢ଼ୀ ଖଣ୍ଡେ ଦବନା ? ସେ ଅମୁକ ଅତର ଶିଶିଟା............।

ସୁନେଇ ତା ପହିଲି ବଅସରେ ଖାଇବାକୁ ଯାହା ପାଇଛି, ସେ କମିତି ଜାଣୁ ଜାଣୁ ତା ଖାଇବା ଦରବକୁ ଆଉଜଣେ ଛଡ଼ାଇ ନେବାର ଦେଖିବ ? ସେଥିରେ କାହାରି ଦେହ ସହେ, ନା ତାର ସହିବ ? ରାଜୀବା ଭାବିପାରିଲା ନାହିଁ, କଣ କହି ସେ ତା ନିଜ ମନକୁ ତୋଷିବ । ଫୁଲି ହାତରେ ଧରା ଦେବା ଅର୍ଥ ସୁନେଇର ଘର ଭାଙ୍ଗିଦେବା । ସୁନେଇ ସାଥିରେ ତା ଦିନଗୁଡ଼ିକ ଯେମିତି କଟିଛି, କିଏ ଜାଣିଛି ଫୁଲିକି ଧରା ଦେଲେ ରାଜୀବାର ଦିନ ସରିବ କି ନାହିଁ ? ନା, ନା, ପାରିବ ନାହିଁ ରାଜୀବା.........କିନ୍ତୁ ଫୁଲି......ହସକୁରା ଝିଅଟିକି ଚାହିଁଦେଲା ମାତ୍ରେ ରାଜୀବାର ମନ ପ୍ରାଣ ଚହଲି ଉଠେ ଗୋଟେ ଝଙ୍କରେ । କାମକ ଜାଗାରେ ସେ ଅକାମ କରିପକାଏ । କାଲି ଯେତେବେଳେ ସେଇ ଫୁଲି ରାଜୀବା ଉପରେ ମୁହଁ ଲୁହୁଲେଇ ତାର ନିତିଦିନିଆ ଠାଣିରେ କି ପଚାରିବ—ରାଜୀବା'ଇ, ଆଜି ମନ୍ଦେ ତୋରାଣି ଦବୁନା ପିଇବାକୁ.........କଣ କରିବ ରାଜୀବା ?

# * ସଜେଇଣି *

କମିତ ସେ ସୁଦୂର ଏଇ ଟାଙ୍ଗରା ଭୁଇଁଟାରେ ପଡ଼ି-ଦାଉଭଙ୍ଗା ଖଟଣି କରିବ ? ପାରିବ ନାହିଁ ସେ ।

ଜୀବନଟାକୁ ସରସ ସୁନ୍ଦର କରିବାକୁ କିଏ ନ ଚାହେଁ ? ଦିନସାକର ଖାଲିବୁହା ଖଟଣିରୁ ଛୁଟିଣ ମିଳିଲେ ଲୋକ ଖୋଜେ ଟିକେ ଆରାମ, ଟିକେ ନରମ ଗଳାର ଆବାଜ—ମଧୁରିଆ ବଚନ । ମଣିଷ ମାନେ ଏ କଥା ଖୋଜିଥାନ୍ତି । ସେଥିରେ ମୂର୍ଖ, ପଣ୍ଡିତ, ଧନୀ, ଦରିଦ୍ର, ରଜା ପ୍ରଜାର ଭେଦ ବିଚାର ନ ଥାଏ । ଖାଲି ଚମଡ଼ାର ଗୋରା, କଳା, ସଫା, ମଇଳା ଭେଦ ଯାହାଥାଏ ସେତିକି; ଆଉ ସେଇ ଭେଦର ମାତ୍ରା ଗୁଣରେ କିଏ ଖୋଜେ ବେଶୀ, କିଏ ବା ଖୋଜେ ତା ମାପକୁ ଚାହିଁ କମ୍ । କିନ୍ତୁ ଖୋଜନ୍ତି ସମସ୍ତେ । ବରଂ ରାଜାବା ପରି ମୂର୍ଖ ମୂଳିଆ ମୁଣ୍ଡେ ସେ ମାପ ତୁପ କରନ୍ତି ବେଶୀ । କାରଣ, ସେ ଯେତିକିର ଲୋକ ସେତିକିରେ ହିଁ ରହିବାକୁ ଅଧିକ ନଜର ଦେଇଥାନ୍ତି । ତମ ଆମଙ୍କପରି ଧନ ନ ଥାଇ ଧନୀ, ବିଦ୍ୟା ନଥାଇ ପଣ୍ଡିତ, ରାଜ୍ୟ ନ ଥାଇ ରଜାଙ୍କଠାରେ ସେ ନଜର ଦେଖିବାକୁ ମିଳେ କମ୍ । ଏଥିରେ ରାଗ କରିବାର କଥା କିଛି ନାହିଁ । କିନ୍ତୁ ଆମକୁ ଯଦି କେହି ଏ କଥା ସୁଝାଇ ଦିଏ, ତେବେ ତା ଉପରେ ରାଗ କରିବାଟା ଆମର ପ୍ରକୃତିଗତ ହୋଇଗଲାଣି । କାରଣ ଆମଠୁଁ ବଡ଼ଙ୍କ କଥା ଆମେ ସବୁବେଳେ ପଢ଼ୁଥାଉଁ, ଆଖି ଆଗରେ ଦେଖୁଥାଉଁ ଆଉ ସେଇ ଗୁଣରେ ନିଜକୁ ଗଢ଼ୁଥାଉଁ । ଦୁନିଆରେ ସୁନ୍ଦର ଜିନିଷଟି ସବୁଲୋକଙ୍କ ଆଖିରେ ଲାଖି ରହେ । ସେଇପରି ନରମ ମିଠା କଥା ଶୁଣିବାକୁ ସମସ୍ତଙ୍କୁ ଭଲଲାଗେ । ତା ବୋଲି ଦେଖିବା ମାନେ କି ଶୁଣିବା ମାନେ ଜିନିଷଟାରେ ନିଜର ଶୋଳଅଣା ଦାବୀ କାଏମ କରିବାଟାତ ସବୁଠାରେ, ସବୁକାଳରେ ଠିକ୍ ନୁହେଁ ।

ଆମେ ଏ କଥା ବୁଝୁଥାଇଁ, କିନ୍ତୁ କାର୍ଯ୍ୟରେ କରୁଥାଇଁ ନିଆରା, ଗୋଟେ ପରମ୍ପରାକୁ ଦୋହାଇ ଦେଇ—ହେ, ସେ ଅମୁକ ପରା କରିଛନ୍ତି ଏପରି କରିବା ଅନ୍ୟାୟ ନୁହେଁ—ସେ ତମୁକ ପରା ଏମିତି କରି ଏଇଲାଗେ ତାଙ୍କ ପାହ୍ୟା ଉପରକୁ ଉଠାଇଛନ୍ତି !

ରାଜୀବା ବିଚରା ତା ଜୀବନର ସନ୍ଧି ସ୍ଥଳରେ ପହଞ୍ଚିଛି ଏଇଲାଗେ । ସେ ନ ଭାବି ରହି ପାରୁଛି କେତେବେଳେ ? ଏତିକି ହୋଇପାରେ ଯେ ତାର ଭାବନା ଗୁଡ଼ାକ ଅକାରଣ ହୋଇଯିବ । ହେଉ, କଣ ହୋଇଗଲା ? ତାଠୁଁ ଗୁଣର ଲୋକେ ତ ମନର ଆଶା ଭାଙ୍ଗି ନ ପାରି ଚନ୍ଦ୍ରମାରେ ବି କଳଙ୍କ ଲଗାଉଛନ୍ତି । ସେ ହିସାବରେ ରାଜୀବାର ମନ ଫୁଲ ଆଡ଼କୁ ଢଳିବାରେ କେଉଁ ମହାଭାରତ ଅଶୁଦ୍ଧ ହୋଇ ଯାଉଛି ?

—ହେଲେ, ଫୁଲଟି କଣ ଦେଖିବାକୁ ଅସୁନ୍ଦର ? ସାବନା ବର୍ଣ୍ଣ ମୁଣ୍ଡର ବାଳଗୁଡ଼ିକ କେଡ଼େ ସୁନ୍ଦର କୁଞ୍ଚୁକୁଞ୍ଚିକା । ତାକୁରେ ଆଉ ଓଠ ତଳକୁ କେଡ଼େ ଯତନରେ କଳା ଚୋପା ଦିଓଟି କୁଟା ହୋଇଛି । ସତେକି ଯେମିତି ଫୁଟିଲା ଫୁଲ ଉପରେ କଳା ଭଅଁର ଦିଓଟି ବସି ଲଗାଇଛନ୍ତି ମହୁହାଟର କନ୍ଦଳ । କୁନ୍ଦଲା ଦେହରେ ନାଲଛିଟର ଜାମା ଖଣ୍ଡିକ ମାନୁଥିବ କେଡ଼େ ସୁନ୍ଦର । ଲହସ ଗୁଲରେ ଦୁବଘାସର କଅଁଳ ମଥା ନଇଁ ଯାଉଥିବ । ଯେତେ-ବେଳେ ଦେଖିବ ତା ଓଠ କୋଣରେ ଦରଫୁଟା ହସ ଟିକିଏ ଲାଖିଥିବ ।

ଫୁଲର ହସିଲା ମୁହଁରୁ ପଦେ କଥା ଶୁଣିବାଲାଗି ଗୋବିନ୍ଦା, ମନୁଆ ଆଉ ଏଇମିତି କେତୁଟା ମେଞ୍ଚଡ଼ ଟୋକା ହାଇଁ ପାଇଁ ହେଉଥାନ୍ତି । ହେଲେ ଫୁଲ ତାଙ୍କ ପାଖ ପଶେନାହିଁ । ନିଜେ କାନ୍ତରାଟି ବାବୁଟା କଣ ? ଦିନେ ଧୋବ ଧାଉଳିଆ

ପେଣ୍ଟପିନ୍ଧା ବାବୁ ଝିଅଜଣଙ୍କୁ ସାଙ୍ଗରେ ଧରି କାନଭରଣି ବାବୁ ଫୁଲିଙ୍କ ଦେଖେଇ କଣ ଗୁଡ଼େ କହି ଯାଉଥାଏ । ସେ ବାବୁ ଝିଅଟା ରହିରହି ଫୁଲି ଉପରକୁ ଗୋଟେ ଗୋଟେ ଉଗ୍ର ଚାହାଣି ପକାଉଥାନ୍ତି—ବାପରେ, ସତେକି ଯେମିତି ଝିଅଟା ବଣୁଆ ହାତୀ ! ତାଙ୍କ ଗାଲଟାମାନ ବେଙ୍ଗପେଟ ପରି ଫୁଲି ନାଲି ଟୁଇଁ ଟୁଇଁ ଦିଶୁଥାଏ—ମନରେ, କେତେ ଭଙ୍ଗୀ କାଡ଼ୁଚମ—ରାଜୀବାର ମନ ହେଉଥାଏ, କିଏ କହନ୍ତା କି, ସେ ବାବୁ ଝିଅଟାଙ୍କ କାନକୁ ଧରି ତାଙ୍କ ଫୁଲିଲା ଗାଲରେ ଠୋ ଠା କରି ଦି' ଚି' ଗୁସୁଡ଼ା ବସାଇ ଦିଅନ୍ତା ! ବସିବସି ଖାଇ ଏଗୁଡ଼ାକ କି ଗଣ୍ଡି କରିଛନ୍ତିରେ ବାପ !

ରାଜୀବା ଭାବନାର ଆଦି ନାହିଁ କି ଅନ୍ତ ନାହିଁ । ସେ ରାତିଟାଯାକ ବିଛଣା ଉପରେ ଗଡ଼େଇ ଗଡ଼େଇ ହୋଇଛି । ପଲି ବାହାରେ ବୁଲି ପବନଟା ବରଷା ରାତିର ବିଜୟ ବାଉଁଶୀ ଘୋଷି ହେଉଥାଏ—ସୁ ସା, ଘୁ ଘା । ରାଜୀବାକୁ ବଡ଼ ସୁଖ ଲାଗୁଥାଏ—ତା ଭାବନା ସାଙ୍ଗକୁ ଏ ବରଷା ଘୋଷାର ମିଶାଣ । ପାଖ ପଡ଼ିଶା ଘର କୁକୁଡ଼ା ପଛେ ଡାକ ଦେଲା, ତଥାପି ରାଜୀବା ଆଖିରେ ପଲକ ପଡ଼ିଲା ନାହିଁ । ଶେଷକୁ ତା ଭରସା ସୁତେଇ କପାଳରେ ଗୁଡ଼େ ଅନଭୋଗ ଭରିଦେଇ ସେ ଠିକ୍ କଲା—ରାତି ପାହୁକି, ସେ ଯିବ କପିଳେଶ୍ୱର ଗାଁକୁ ଫୁଲିର ଘର ପସ୍ତୁର ପସ୍ତୁର । ଦେଖି ଆସିବ, ଫୁଲି କଣ କରୁଛି, କିମିତି ଅଛି. କାମକୁ ଆସିବ କି ନାହିଁ·········ଫୁଲି ରାଜୀବାକୁ ଏତେ ଦେଖିପାରେ; ତାଙ୍କୁ ଦେଖି ପକାଇଲା ମାତ୍ରେ କଣ ଭୁଲିଯିବ ନାହିଁ ତା ଗଲା ରାତିର ଅଭିମାନ ?

ରାତି ପାହିଲା । ସକାଳ ହେଲେ ଯାହା ଯେମିତି ହେବାର ସବୁ ହେଲା । କେବଳ ହେଲାନାହିଁ ରାଜୀବାର ଭାବିଲା କଥା ।

ସେ ତାର ନିତିଦିନିଆ କାମ ଧାମ ସାରି କପିଳେଶ୍ୱର ଗାଁକୁ ଯିବାକୁ ଗୋଡ଼ ଟେକିବା ବେଳକୁ ପଡ଼ିଆ ଦାଣ୍ଡରେ ଦେଖି ପକାଇଲା— ଫୁଲି ଆଉ ଗୋବିନ୍ଦା ହାତ ଧରାଧରି ହୋଇ କେଉଁଠୁ ମଉଜରେ ତାରି ଆଡ଼କୁ ମୁହାଁଇଛନ୍ତି । ହସି ହସିକା କୁହୁରି ଉଠୁଛି ଫୁଲି । ମୁହଁରେ ତାର ଅଭିମାନର ଏତେ ଟିକିଏ ଛାପ କାହିଁକି ଥାଆନ୍ତା ! ଗୋଡ଼ ହାତ ଚଳିଲା ନାହିଁ ରାଜାବାଉ । ପଲା ତାଟିକୁ ଧରି ସେ ପଥର ପାଲଟିଗଲା ସେଠି ।

ତା ବୁଢ଼ୀମା ମରିଗଲା ଦିନ ରାଜାବାକୁ ଏତେ ବାଧି ନ ଥିଲା । ପାଚିଲା ଫଳ ଗଛକୁ ଭାରି—କେଉଁ ଦିନ ଝଡ଼ି ପଡ଼ିବ କିଏ କହିବ ? ସେଇମିତି, ମା ତାରି ବୁଢ଼ୀ ହୋଇ ଯାଇଥିଲା ଆଜି ହେଉ, କାଲି ହେଉ, ଯେଉଁଦିନ ହେଲେ ତ ମରିଥା'ନ୍ତା ନିଶ୍ଚୟ । ସେ ଏବେ ସେ ଦିନ ମରିଗଲା, ଏଥିରେ ରାଜାବାକୁ ବାଧା ହେବ କାହିଁକି ? ସେଦିନ ରାଜାବାର ଆଖି ଛଳ ଛଳ ହୋଇଥିଲା କି ନାହିଁ, ସେ କଥା ତାର ମନେ ନାହିଁ । ଆଜି କିନ୍ତୁ ଇଏ କଣ ? ଇଏ କଣ ସେଇ ଫୁଲି, ଯିଏ କାଲି ବରଷା ଅନ୍ଧାର ରାତିରେ, ଜନ ପ୍ରାଣୀ କେହି କୁଆଡ଼େ ନାହାନ୍ତି, ଅଭିଆଡ଼ୀ ଚୋକଟା ରାଜାବା ପଲା ଉଳିରେ ଯାଚି ହୋଇ ମଥା ଗୁଞ୍ଜିଥିଲା ? ତାରି ପଲାରେ ରାତିଟା କଟି ଯାଇଥିଲେ ବି ଯାହାର କିଛି ନୁକସାନ ହୋଇଯାଇ ନ ଥାନ୍ତା, ଇଏ ସେଇ ଫୁଲି ?

କହନ୍ତି—ବଜ୍ର ପଡ଼ିଲା ଲୋକ ବଞ୍ଚିବା କଷ୍ଟ । କିନ୍ତୁ ଯାଠୁ କଣ ବେଶୀ କଷ୍ଟ ହୁଏ ? ରାଜାବା ଭାବିପାରିଲା ନାହିଁ । ଭାବି ପାରିଲା ନାହିଁ—କାଲି ରାତିର ଏଇ ଫୁଲି ତାରି ଆଗରେ ତା ଟୁଇ ଉପରେ ଚଢ଼ି ମୁହଁକୁ ନ ଚାହିଁ ଚାଲି ଯାଇପାରେ ଗୋବିନ୍ଦା ସାଙ୍ଗରେ, ଯାହାକୁ ଦେଖିଲେ ସେ ଛେପ ପକାଇବାକୁ ବି ମନ

କରେ ନାହିଁ ! କଳଙ୍କା ଭିତରେ ଛୁଆ ଝୁଲିଗଲା ରାଣ୍ଡୀ ବାଉ ଏକେତ ରାତିଟା ଯାକ ଅନିଦ୍ରା, ତହିଁରେ ପୁଣି ଯାହାଲାଗି ଏତେ ବାଟ ଘଷି, ସେ ସେଇ ବାଟ ଦେଇ ଗଲା, ଅଥଚ କଥା କହିବା ଦୂରେ ଥାଉ, ମୁହଁକୁ ଟିକିଏ ଚାହିଁଲା ନାହିଁ ! ବଡ଼ ବାଧା ହେଲା ରାଣ୍ଡୀବାକୁ । ଆପେ ଆପେ ଆଖିରେ ପାଣି ଟୁମୁକେଇ ଦେଲା ।

ଚମକାଇ ଦେଲା ଗୋବିନ୍ଦାକୁ ଫୁଲିର କଥା ପଦକ । ଫୁଲି ତା କରକର ହସ ଭିତରେ ଯେତେବେଳେ କହିଦେଲା—ହଁରେ ଗୋବିନ୍ଦା'ଇ, ଖାଲି କହି ଦଉଚୁ ସିନା, ହେଲେ ରାଣ୍ଡୀବା'ଇକି ଦେଖି ପକେଇଲେ ଖାଲି ଛାତି ଦମ ଦମ ହୁଏ । ମା ଲୋ, ଅରଣା ମଇଁଷି ବାଗି ଅନେଇଦବ ଯେତେବେଳେ ସତେ ଖାଇଲା କି ଆଉ ! ଗରଭ ଫଟେଇ ଛୁଆ ବାହାରି ପଡ଼ିବ ଲୋ ମା, ସେ ଚାହାଣିରେ !!

ହତାଶ ହୋଇ ପଡ଼ିଲା ଗୋବିନ୍ଦା । ଏତେ କହି ବୋଲି ସୁଦ୍ଧା ଫୁଲି ମନରୁ ରାଣ୍ଡୀବା ପ୍ରତି ଭୟ ଯାଉନାହିଁ । କଲେ, କଣ କରିବ ସେଉଠା ? ବରହମ୍ପୁରିଆର ମଗଜ ଥଣ୍ଡା ହୋଇଯିବ ନାହିଁ ? ଘର କୁଆଡେ, ଦୁଆର କୁଆଡ଼େ, କରମ ପଡ଼ିଥିଲାକୁ ଏଠି ଆସି କୁଲି ବେଉସା କରୁଛି, ସେଉଠା କଣ କରିବ ତୋର ? ଆମେସବୁ ଏତେ ଅଛୁଁ, ସାଧ କରିଦବୁ ନାଇଁ ତାକୁ !

ଫୁଲିର ଆଜି କଣ ହୋଇଛି କେଜାଣି, ସେ ଖାଲି ଟିକି କଥାରେ ହସି ହସି ଗଡ଼ି ଯାଉଛି । ଥାନ ଅଥାନ ମାନୁନାହିଁ । ସେ ପେଁ କନା ହସି ଉଠି ଗୋବିନ୍ଦା କଥାରେ ଜବାବ ଦେଲା । ଯା ରେ, ଦେଖିଛୁ, କାହିଁକି ସେଗୁଡ଼ା କହୁଚୁ ମ ! ଏକା ମାଧିଆ ବାଇଶି ପଳ । ଏକା ରାଣ୍ଡୀବାଇକି ଠିଆ କରିଦବ ଗୋଟେ

ପାଖରେ, ଆଉ ତମେ ସବୁ ଟୋକା ଟାକଲା ଗୋଟେ ପାଖରେ ତାକୁ ପାହୁଣ୍ଡେ ଠେଲେଇ ପାରିବ ନା ?

ସେ ଦିନଟି ଯାକ ଗୋବନ୍ଦା ଫୁଲର ପିଛୁ ନେଇଛି କିନ୍ତୁ ସେ ତାକୁ ବୁଝିପାରିଲା ନାହିଁ ମୋଟେ । ଶେଷକୁ ସେ ଭିତରେ ଭିତରେ ରାଗି ଉଠିଲା ଫୁଲ ଉପରେ । ସେ ଦିନ କାମ ତାର ସେଇମିତି ସେଇମିତିରେ ଗଲା । ସବୁ ବେଳେ ଆଖି ରଖିଥାଏ ଫୁଲ ଉପରେ କାମ କରିବ କଣ ? ଫୁଲ କିମିତି ସିମିଣ୍ଟ୍ ବୋଝ ମୁଣ୍ଡ ଉପରକୁ ଟେକୁଛି, କିମିତି ସେ ବୁଲେଇ କରି ଗୋଡ଼ ପକାଉଛି, ଚାଲିଲା-ବେଳେ ତା ପଛଆଡ଼ର ଭଙ୍ଗୀ କିମିତି ନଆଁ ଝୁଣ୍ଟା କେଞ୍ଚିଦେଉଛି ମନଭିତରେ । ଏଇମିତି ରଙ୍ଗ ଢଙ୍ଗ ଦେଖି ଦେଖି ସେ ଦିନଟି ସରିବାକୁ ଆସି ବସିଲା ପଛକେ, ତଥାପି ଗୋବନ୍ଦା ଫୁଲର ପିଛୁ ଛାଡ଼ିଲା ନାହିଁ । ଭଲରେ ଭଲ, ଦେଖିବା, କିମିତି ଟୋକୀ ଖଣ୍ଡିକ ବଳେଇ ଯିବ ଆଜି ! କାମରୁ ଛୁଟିଣ ହେଲେ ଘରକୁ ଯିବ ତ ବଳେ !

ଫୁଲ ସିନା ରାଜାବାକୁ କଥା ନ କହି ତାର ଆଗୁଠାରେ ଗୋବନ୍ଦା ସାଥିରେ ଚାଲି ଆସିଲା ସେଦିନ । ହେଲେ ରାଜାବା ସେଥିଲାଗି ଫୁଲକୁ ଭୁଲ ବୁଝି ପାରିଲା ନାହିଁ । ଆଉ କେହି ହୋଇଥିଲେ କଣ ନାହିଁ କଣ କରି ବସିଥାନ୍ତା; କିନ୍ତୁ ରାଜାବା ପ୍ରକୃତି ଭିନ୍ନ ଛାଞ୍ଚରେ ଗଢ଼ା । ସେ ବୁଝିଲା ଫୁଲ ଅଭିମାନ କରିଛି ନିଶ୍ଚୟ ତା ଉପରେ । ଖୁବ୍ ଦୁଃଖ କରିଛି ସେ । ସେଥିଲାଗି ଆଜି ତା ପେଟ ଭିତର ଦୁଃଖ ହସ ରୂପରେ ଉଛୁଳି ଉଠୁଛି ବାହାରକୁ । ହଉରେ ବାବୁ, ସିଏ ଯାହା ବୁଝିଲା ବୁଝୁ । ଦୁନିଆରେ କିଏ କେତେ ପ୍ରକାର ଅଭିମାନ କରନ୍ତି । ଖାଲି ମୁହଁ ଖରି କଲେ ତ ଅଭିମାନ ବୁଝା ପଡେନାହିଁ । ଜଣେ ଆଉ

## ✻ ଚେଷ୍ଟି ✻

ଜଣଙ୍କଠାରେ ଅଭିମାନ କରି କେଉଁଠି ଜୀବନ ହାରିଦିଏ, କେଉଁଠି ଅବା ଜାଣି ଜାଣି ବିପଦକୁ ଆପଣା ଉପରକୁ ଓଟାରି ଆଣେ । କେଉଁଠି ହସେ, କେଉଁଠି କାନ୍ଦେ—ତା ରଙ୍ଗ କୌଣସି ଠିକଣା ନାହିଁ ।

ଆଉମାନଙ୍କ ପରି ସେଦିନ ରଞ୍ଜିବା କାମକୁ ଗଲି । ଖୁବ୍ ମନ ଲଗାଇ, ବଳ ଖଟାଇ କାମ କଲି । ମନୁଆ କଥା ଛଳରେ ତା ପାଖରେ ଆସି ଲେଖି ଦେଖି ହେଉଥାଏ—କରେ ରଞ୍ଜିବା'ଇ, କିନ୍ତୁ ଖବର ଅନ୍ତର ଆସିଚକରେ ପଶୁ ? କାହିଁକି ମୁହଁ ଫଟେଇଚୁ ? ସେଥିକି ରଞ୍ଜିବାର ନିଘା ନ ଥାଏ । ମନୁଆ ତା କାମରେ ଲାଗେ ।

ମେଦୁଆ ପାଗ ଯୋଗୁଁ ବେଳ ବାରି ହେଉନଥାଏ ସେ ଦିନ । ରଞ୍ଜିବା ବେଶୀ ବେଳଯାଏଁ କାମ କରି ପାରିଲି ନାହିଁ । ଦିନ ଥାଉଁ କାମରୁ ପଳାଇ ଆସିଲି । ଆସିଲାବେଳେ ମନ ହେଉଥାଏ ନଦୀକୂଳରେ ଠିକେ ଫୁଲକୁ ବିପଦ ଗୁଣେଇ ଦେବାକୁ । କିନ୍ତୁ ଫୁଲ ଆଉ ଧରାଛୁଆଁ ଦେଉ ନଥାଏ । ରଞ୍ଜିବା ବେଳଉଣ୍ଡି ବିଗୁଡ଼ିରହର ଫୁଲ ଉପରକୁ ଆଖେଇ କଣ କହିବ ବୋଲି ଉହୁଙ୍କି ଥିବାର ଫୁଲ ଠଉରି କରିଛି । କିନ୍ତୁ କେହି କାହାକୁ କିଛି କହି ପାରି ନାହାନ୍ତି । ଉଭୟଙ୍କର ଉଭୟଙ୍କଠାରେ ଅହଂଗୁଣ ଭାବ । ସେଥିରେ କିଏ ଏବେ ଆଗ ପାଟି ଫିଟାଉଛି ?

ଦିନତମାମ୍ ଅଥାରହାଣ୍ଡି ପରି ମୁହଁଟା ଫଟାଇ ଯେମିତି ଧଂଜ ପାହାଡ଼କୁ ଠାକି ବସିଥିଲା ଉତ୍ତରମେଘ । କାମଦାମ ସାରି ଠିକ୍ ଘର ଲେଉଟାଣି ବେଳକୁ ଦାଉ ସାଧିଲାପରି ସେଦିନ ବାହୁନି ବସିଲା ଝିପରି ଝିପ୍, ଝିପରି ଝିପ୍ । ବିଚରା ଦୁଃଖୀରଙ୍କି

ଗୁଡ଼ିକ କେମିତି ବାଟ ସାରନ୍ତି, ସେ ବିଚାର ତାର ଆଉ ନାହିଁ । ସେତ ଆଉ ମଣିଷ ତିଆରି ଜିନିଷ ନୁହେଁ ଯେ ଲୋକଙ୍କର ଚାହିଦା ମୁତାବକ ରେଳଡବାରେ ଖଞ୍ଜାହୋଇ ଦେଶର ଗୋଟେ ମୁଣ୍ଡରୁ ଆଉ ଗୋଟେ ମୁଣ୍ଡକୁ ଉଠାଣି ହୋଇଯିବ । ତାର ପଢ଼ି ଦାତା ଆଉଜଣେ । ତାଙ୍କ ଯୋଗାଣ ନଆସ୍ରା ! ଖଟିଖିଆର ଭାଗ ତାଙ୍କ ବିଚାରରେ ବେଶୀ । ତାଙ୍କ ପାଖରେ ବସିଖିଆଙ୍କ ଅବସ୍ଥା କହିଲେ ନ ସରେ । ଭିକୁଆଙ୍କ ପରି ଚାହିଁ ଚାହିଁ ତାଙ୍କ ଦିନ ସରେ । ଆଉ ଏଠି ତାଙ୍କର ଯାବତ ଚାତର, ହାକମୀ ଦେଖିବ ଖଟିଖିଆଙ୍କ ଉପରେ । ମେଘ କାହିଁକି ତାଙ୍କ ହାକମୀ ବିଚାର ବସିବ ? ବରଂ ତାଙ୍କ ଉପରେ ମେଘର ଅହନ୍ତା ବେଶୀ ଆରେ, ଏ କାନତରାଟି ବାବୁ ଛଡା ଆଣି ନାହାନ୍ତି ପରା ! ଦେ, ଅସରା ଉପରେ ଅସର ହେଉ ! ଖଟିବେ ମୂଲିଆ, ଅଥଚ ତାଙ୍କ ପେଟରୁ କାଟି ଏ ନାମ କମେଇବେ, ଅପୂସ କରିବେ !!

ଦୂର ଖଣ୍ଡଗିରି ମଥାରେ ଉତ୍ତରା ମେଘଟା ଲାଗିଥାଏ ବୋହୂଚୋରୀ ଖେଳ । ଫୁଲଟି ଧରରା ବାଟ ଅବାଟ ନମାନି ଘରମୁହାଁ ଛୁଟିଥାଏ ଏକାଲୟରେ । ମେଘର ସିନା ଲାଗିଛି ଖେଳ, ଖେଳିବା ଦିନ ତାର ଏ: ହେଲେ ତରିବ ଗୁରୁବାଙ୍କର ଯେ ଏ କାଳ !

ଘର ଘରେ ଘର; ଫଳ ପରେ ଫଳ ଟପି ଚାଲିଛି ଫୁଲ । ମାପଚୂପ କଲପରି ଠିକ୍ ରାଜାବା: ଫଳ ପାଖରେ ଥପ୍ କରି ରହିଗଲା ପାଦ ·ଦିଟା ତାର । ନଈ ଅଡଡା ଖସିଲାପରି ଗୁଡିକା ଦେ ହଲଗଲା ଭିତରେ । ମେ ଘ ଚୁବୁକର ଭସ୍ମ ପାଟେଗାର ଆଖି ବୁଲାଇ ଚାହିଁ ଦେଲା ଫୁଲ ଫଳ ତାଟିର ଚାବି ପଡଛି ।

ତେବେ ରଞ୍ଜିବା'ଇ ଗଲ୍ଲକୁ ଆଜ୍ଞେ ? ହଁ, ଯୁଆଡ଼େ ଯାଞ୍ଚି ସିଆଡ଼େ ଯାଉ, ଫୁଲିର ସେଥିରେ କଣ ଅଛି ? ପୋଡ଼ଗଲ୍ଲ ଭିଅଣରେ ଆଉ କି ସୁଆଦ ? ପଲ୍ଲ ଟେପି ପଡ଼ିଆ ଦାଣ୍ଡିକି ଗୋଡ଼ି ବଢ଼େଇ ଦେଲା ସେ ।

ଓଲେଇ ଗାଈର ଅଲଗା ବାଟ । ହଜାରେ ପେଟ ପୂରାଇ ଖାଇଥିଲେ ବି ସେ ଯୁ। ତା ବାଡ଼ରେ ଫେରାଏ ନବୁଲି, ଏଠି ସେଠି ମୁହଁ ନମାରି ଗୁଡ଼େ ନାହିଁ ସହଜେ । ସେଇମିତି କା, ଫୁଲିର ସାଙ୍ଗ ଲୋକ ସବୁ ଯାଇଁ କେଉଁଠି ହେଲେଣି ଗୋଟେ ବାଟରେ, ଅଥଚ ପଡ଼ିଆ ଦାଣ୍ଡିର ମମତା ସେ ଛାଡ଼ି ପାରିଲା ନାହିଁ । ଝଡ଼ ହେଉ, ତୋଫାନ ହେଉ, ଦୁନିଆ ଓଲଟି ଯାଉ ପଛକେ ଫୁଲିର ସେହି ପଡ଼ିଆ ଦାଣ୍ଡିରେ ଯାଆସ କରିବାକୁ କାହିଁକି ଏତେ ଶରଧା କେଜାଣି ! ସେ ଦାଣ୍ଡିର କଣ୍ଟା ଗୋଡ଼କୁ ତାର ଏତେ ଭଲଲାଗେ—ରଞ୍ଜିବା'ଇ ପଲ୍ଲ କଡ଼ର ସେ ଦାଣ୍ଡ ; ସେଇ ପଲ୍ଲର ମଥାଣ ଛୁଇଁ ପବନ ଖେଳିଯାଏ ପଡ଼ିଆ ସାରା; ସେଇ ଦାଣ୍ଡିରେ ସକାଳେ ସଂଜେ ରଞ୍ଜିବା'ଇର ପାଦ ପଡ଼େ । କିଏ ଜାଣେନି, ଏଇ କଣ୍ଟା ରଞ୍ଜିବାଇ'ର ପାଦ ପରଶ ହୋଇ ନଥିବ ବୋଲି ?

—ମଥ, କି କଥା ଏ ଫୁଲିର ? ଏମିତି ଆଡ଼ରଷାରେ ଫଳ କଣ ? ବାଟରେ ଯେବେ କେଉଁଠି ରଞ୍ଜିବାଇ ସାଙ୍ଗରେ ଭେଟ ହୋଇଯାଏ ତେବେ ?

ସେଇ ପଡ଼ିଆ ଦାଣ୍ଡିର ଗୋଟେ କୋଣରେ ଟିଣ ଛାତର ମେଲା ଫରଗୁ ଘର ଖଟେ କେବୁଠୁଁ ଠିଆ ହୋଇଛି । ଅବେଳାରେ କେବେ କାମିତ ଗାଈଟେ, ଛେଳିଟେ ସେଇ ଘର ଓଳରେ ଆଶ୍ରା ନଅନ୍ତି । ସେଇଠି ବରଷାକୁ ଡକାଇ ଠିଆ ହୋଇଥାଏ ରଞ୍ଜିବା ।

ଲାଗିଥାଏ ତାର ମନ ବଗିଗୃରେ ଦୋଡ଼ ଗୃଷ ଆଉ କଣ ଗୋବନ୍ଦା ଫୁଲକ କଣ୍ଟୁ ଶିଖେଇ ଦେଲା !—ଆଖି ଦନ୍ତା ମିଶିଯାଇ- ଆଏ ରେଲବନ୍ଧ କଡ଼ ବାଉଁଶ ବୁଦାର ଅଗି ସୀଆନ୍ତରେ । ପଡ଼ଆ ଦାଣ୍ଡି ର ଚଳନ୍ତା ଗୁଇ ପର ଫୁଲ ମୂଲଆଣୀ ହଲେଇ ଦେଲା ସେ ଆଖିର ଧାରକୁ । ଚମକ ପଡ଼ଲା ରାଗୀବା କଏସେ ଗୋଟିଏ ଗୃଲି ଯାଉଚ୍ଛି ଡେଇଁ ଡେଇଁକା—ଫୁଲ !

ରାଗୀବାର ନହାତ ଅଜଣାରେ ପାଠିରୁ ବାହାର ପଡ଼ଲା ସେଇ ମଧୁରେଆ ନାଆଁ ଟି—ଫୁଲ । ଆପଣା ଭୁଣ୍ଡକୁ ବଶ୍ୱାସ କଲା ନାହିଁ ରାଗୀବା । ଆଜି କଏ ଡାକଥିବ । ଗୃରଆଡ଼କୁ ଛୁନକାନଆ ଚହୋଇ ଗୃହିଁଗଲା ପରସ୍ତେ । କେହି କୁଆଡ଼େ ନାହାନ୍ତ । ରାଗୀବା ସମ୍ଭାଳି ପାରିଲା ନାହିଁ ।

ସେ ଭୁଲ କରିବାକୁ ଯବୁର ମନରେ ଆଗ୍ରହ ଜନ୍ମେ । ସେ ଭୁଲ କଣ ପ୍ରାଣ ବାହାର ଯାଉ ପଛେ, ଲୋକର ସେଥିରେ ବଡ଼ ଲୋଭ ବଡ଼ ଶରଧା ! ରାଗୀବା ନିଜକୁ ଡିଆରିବାକୁ ଯାଇଁ ପୁଣି ଥରେ ଡଉ ପାଟିରେ ଜନ୍ଦ ପକାଇଲା—ଫୁଲ ! ଏଡ଼ିକ ଖସଡ଼ା ସେ ନାଆଁ ଟି । ଠିକ୍ ଧୂଳିପରି କଅଁଳ, ଉଷ୍ମ୍ୱାସ ।

ସେ ଡାକର କ'ଣ କମ୍ କରାମତ ? ମଲା ଲୋକକୁ କବରରୁ ଉଠାଇ ଆଣିପାରେ ସେହି ଡାକ । ଫୁଲ ସେ ଡାକରେ ବାଟ ଭୁଲିଗଲା । ଲୁହା କ କେବେ ଚୁମ୍ବକଠାରୁ ଅଲଗା ହୋଇ ରହିପାରେ ? ଚକ୍‌ମକପଥର ଦଖଣ୍ଡ—ଖଣ୍ଡିଏ ସେଥିରୁ ଅନ୍ୟଖଣ୍ଡକ ଦେହରେ ବାଜିବା ମାତ୍ରେ ନିଆଁ ଝୁଲ ଖସିପଡ଼େ । ଖାଲି ଖସିପଡ଼େ ନାହିଁ ତ, ପୋଡ଼ ପକାଏ ତା ଗ୍ବରପାଖର ଗୋଟେଇ ଚକଡ଼ା । ଫୁଲର ଗୁଡିରେ ଚମକ—ସଚେତ ଯେମିତ ନିଆଁ ହୁଲାଟେ ତା ଗୁଡି ଫୁଟାଇ ଗ୍ଲାଲିଗଲା ସେ ପଡ଼ଆ

ଭିତରେ । ସେ ତାଙ୍କର ଜବାବ ଦେବାକୁ ଅମଙ୍କ ଯାଉଁ ଯାଉଁ ଫୁଲି ଲଥ୍‌କରି ତଳ ପଡ଼ିଲା ଅଣଓସାରିଆ ଦାଣ୍ଡିକଡ଼ର କଣ୍ଟାବୁଦା ଉପରେ । କଣ୍ଟା ଗୁଡ଼ାକ ଦେହହାତରେ ଟପ୍ ଟାପ୍ ଫୋଡ଼ ହୋଇଗଲା—କିଏ, ରାଣୀବା'ଇ କରେ !

ହଁଲୋ, ଗୋଡ଼ରେ ତ ତେଲ ଦେଇଚୁ, ଆଉ କି ରାଣୀବାଇ ? ଏତକ କହିଲାବେଳେ ରାଣୀବାଈର କଣ୍ଠ ଗଣ ଗଣ, ନାକପୁଡ଼ା ନାଚଉଥାଏ ଅଭିମାନରେ । ଜିତିଗଲୁ ଲୋ ଫୁଲି; ତୋ ମାନ ରହୁ, ଏବେ ଏ ଗରିବର ପଲ୍ଲତଳେ ଟିକେ ପାଦ ପକେଇ ଦେଇ ଯିବୁ ନା କହିଲୁ ?

ରାଣୀବା ଚାଲିଥାଏ ଆଗେ ଆଗେ । ପଛରେ ତା ଖାଇବ ହାତ ବୁଢ଼ା ଆଙ୍ଗୁଠିକି ଜାବୁଡ଼ି ଧରି ଓଟାରି ହୋଇ ଚାଲୁଥାଏ ଫୁଲି । ତା ପିଣ୍ଡରେ ପ୍ରାଣ ନଥିଲା ପରି ଲାଗୁଥାଏ ଯେମିତି କେଉଁ ଯୁଗର ଗୋଟେ ମଡ଼ା, ମଲାମୁହଁରୁ ଫେରି ଆସିଛି । ପଛରେ ଘୋଟି ଆସୁଥାଏ ଗାଢ ଅନ୍ଧାର । ଆଗରେ ଝୁଲୁଥାଏ ମୋହଘେରା ଝଲଝଲ ଝରଣାର ଗୋଟେ ପାତଳ ପରଦା ଅନ୍ଧାର ଆଲୁଅର ଲାଗାଲଗି ହୋଇ କେତେ ଗୁଡ଼ାଏ ଗାର, ଯାହାକୁ ଚାହିଁଦେଲାକ୍ଷଣି ଆଖି ଝଲସି ଉଠେ । ସେତେବେଳେ ଫୁଲିକି ଦେଖିଲେ ଜଣାଯାଉଥାଏ, ରାଣୀବା ଯଦି ସାତଦିନ, ସାତରାତି ସେଇମିତି ଚାଲୁଥିବ, ତେବେ ବି ଫୁଲି ତା ପଛରେ ନ ଗୋଡ଼ାଇ ଅଟକି ରହିବ ନାହିଁ । ସେଇ କାଳି ଅନ୍ଧାର ରାତିରେ ରାଣୀବା ଯଦି କହେ—ଦେଖିଲୁ ଲୋ ଫୁଲି, ଉପରେ କେଡ଼େ ସୁନ୍ଦର ଜହ୍ନ ପଡ଼ିଚି । ଫୁଲି ହୁଏତ କହିବ—ଏମିତିକା ଜହ୍ନରାତି ମତେ ଭାରି ଭଲ ଲାଗେ ରାଣୀବା'ଇ । ଶୋକ ଶୋଷ ଭୁଲେଇଦିଏ !!

## ❋ ଅଠଷଠି ❋

ସେ କେଉଁ ପୁରାଣ ଯୁଗର କଥାଏ କହନ୍ତ—ଶ୍ରୀରାଧା କେଉଁଠି ଦୁର୍ଜୟ ଅଭିମାନ କରିଥିଲେ ଭଗବାନ ଶ୍ରୀ କୃଷ୍ଣଙ୍କ ଉପରେ । ଖାଲି ଅଭିମାନ କରିଥିବା କଥା କହନ୍ତି ସିନା, କିନ୍ତୁ ସେପରି ଅଭିମାନ ଭାଙ୍ଗିଲାବେଳେ ଶ୍ରୀରାଧାଙ୍କ ମନର ଅବସ୍ଥା କେଉଁପ୍ରକାର ଥିଲା, ସେକଥା ତ ଠିକ କରି କହନ୍ତି ନାହିଁ ? ଫୁଲ ଆଖିରେ ତା ଆଗିଲା ଜୀବନଟା ଯେତେ ସୁନ୍ଦର ଦିଶୁଛି, ଶ୍ରୀରାଧାଙ୍କ ଆଖିରେ ସେତକ ଥିଲା କି ନାହିଁ ସେ କଥା କିଏ କହିବ ? ସେ ପୁରାଣ କଥା ପୁରାଣରେ ଥାଉ । ତମ ଆମ ଜୀବନର ନିତିଦିନିଆ ଘଟଣା ସାଙ୍ଗରେ ସେ ପୁରାଣ କଥା ଯୋଡ଼ିବା ଅର୍ଥ ହାତୀ ଲାଙ୍ଗୁଡ଼ରେ ଗଧ ଲାଙ୍ଗୁଡ଼କୁ ଛନ୍ଦିବା । ଲୋକେ ହସିବେ; କହିବେ—ଢେଙ୍କାନାଳ କଥା ଆଣି ଢିଙ୍କିଶାଳରେ ପକାଉଛି, ଏ କେମିତିକା ଜୁଲୁମ ସତେ !

ଝାଟିମାଟି କାନ୍ଥର ନୁଆଁଣିଆ ପଲାଖଣ୍ଡିକ ରାଜାବାର ହସି ଉଠିଥିଲା ସେ ଦିନ ଗୋଟେ ଅଦେଖା, ଅଜଣା ପୁଲକରେ । ହୀରା, ନୀଳା, ମୋତି, ମାଣିକରୁ ଖରଡ଼ିଆଏ ଏକାଠି ଜମାଇ ଦେଲେ ବି ସେ ରାଜାବା ଆଖିରେ ସରିସମ ହେବ କି ନାହିଁ ସନ୍ଦେହ । ଫୁଲକୁ ଘର ମଝିରେ ବସାଇ ଦେଇ ରାଜାବା ତରବରି ହୋଇ ପିନ୍ଧା ଲୁଗାଖଣ୍ଡ ପାଲଟି ପକାଇଲା । ଫୁଲ ଦେହସାକ ଝିପିଝିପି ବରଷା ପାଣି ଛିଟା ମାରିଥାଏ । ରାଜାବା କଣ୍ଠରେ ଚେଇଁ ଉଠିଲା ସହାନୁଭୂତି । ସେ କହିଲା ମିଛ ମଣିବୁଲୋ ଫୁଲି, କାଲିଠୁଁ ମୋ ପେଟକୁ ପାଣିମନ୍ଦେ ବି ଯାଇନାହିଁ । ତୁ ଇମିତି ଲୋ ସତେ, ମୁଁ କଣ ଅବା କହିଲି ବୋଲି ତୁ କାଲି ବରଷା, ଅନ୍ଧାରଟାରେ ଏକୁଟିଆ ଛୁଟିପିଟି ହୋଇ ପଳେଇଲୁ, କହନି ଲୋ ?

## ✻ ଅଣଚାଳିଶି ✻

ରାଜାବାର ଚେହେରା କହିବା ଭଙ୍ଗୀ ଫୁଲିକି ଖୁବ ଭଲ ଲାଗୁଥାଏ । କି କଥା ଇଏ ? ଫୁଲି ଏଇଲାଗେ ଶଶୁର ଘରେ ଜୋଇଁ କୁଣିଆ । କେତେ ଆଦର ଖୋଜିବ, ସିଫୁଲା ହେବ । କଣ ଖାଲି ଏତିକରେ ସରିଗଲା ? ତା ସାଙ୍ଗକୁ ରାଜାବାର ଦଶା ଠିକ୍ ରଙ୍କୁଣୀ ଧନ ପାଇଲା ପରି ହୋଇଥାଏ । ପନ୍ଦର ସରାଗଟା ଲୋକର ବସ୍ତୁ ସରାଗରେ ଯାଏ । ଫୁଲି ନଠେଇ କରି ବସିଥାଏ ଘର ମଝିରେ; ହୁଙ୍କୁଂ ନ ଥାଏ ମୋଟେ । ରାଜାବା ତାରି କଡ଼ ଦେଇ ଏ ପାଖ ସେ ପାଖ ହେଲାବେଳେ କେତେବେଳେ କେମିତି ତା ଚମ ରାଜାବା ଚମରେ ଘଷି ହୋଇଯାଇ ଦୁହିଙ୍କ ଦେହରେ ଖେଳାଇ ଦେଉଥାଏ ବିଜୁଳିର ଚମକ । ଗୋଟେ ମନଲୋଭା ଆକର୍ଷଣରେ ଉଭୟେ ଉଭୟଙ୍କ ଆଡ଼କୁ ଓଟାରି ହୋଇ ଆସୁଥାନ୍ତି ।

ଠିକ୍ ଏତିକି ବେଳେ, ଏଇମିତି ଯେନାସେନ, ମନର ହଂଆନଆ ଚାଲିଥିଲା ବେଳେ ବାହାରପଟରୁ ଶୁଭିଲା ପବନରେ ଅଧାଭସା ଗୋଟେ ଶବ୍ଦ । କେହି ଜଣେ ପାଖ ସଡ଼କ ଉପରେ ଠିଆ ହୋଇ ଯେପରି ଡାକୁଛି; ଫୁଲି ଅଛୁ କି ଲୋ ? ……ସ୍ୱରଟି କ୍ରମେ ପାଖେଇ ଆସିଲା—ଫୁଲି ଅଛୁ କି ଲୋ !

ଫୁଲି ଚାହିଁଥାଏ ଏକ ଧ୍ୟାନରେ ରାଜବା'ଇକି । ରାଜାବା ଧରିଥାଏ ଅରଟ ନୂଆ ନାଲି ଫୁଲପାଡ଼ିଆ ସରସା ମିଲ ଶାଢ଼ୀ ଖଣ୍ଡେ । ହନା ଚାରିଡଲେ ସେ ଖଣ୍ଡି ସେ କିଣିଥିଲା ସୁନେଇ ସକାଶ ଘରକୁ ନେବାଲାଗି । ତାସାଙ୍ଗକୁ ନାଲି ଆଲପକା ଉପରେ ନେଳି ରଂଗର ଲତାବୁଣା ଜାମା ଖଣ୍ଡେ । ସେ ଖଣ୍ଡିକ ପୁଣି ଡିବିରି ଆଲୁଅରେ ଏମିତି ଜକ ଜକ ହଉଥାଏ । ତାକୁ ସବୁ ହାତରେ ଧରି ଅଚଳ ସ୍ଥାଣୁ ପରି ରହି ଯାଇଥାଏ ରାଜାବା । ମୁହଁରେ ତାର

ଭାଷା ନାହିଁ । ମନ ସମୁଦ୍ରରେ ଉଠିଥାଏ ଗୋଟେ ଲହଡ଼ିଆ ଭାବନା । ସେ କଣ ଆଉ ସୁନେଇ ପାଖକୁ ଫେରିବ ନାହିଁ ? ସେଇ କଳାମୁଗୁନିର ଶିବ ପ୍ରତିମା ପରି ଦେକ ଗୃକ ହୋଇ ମାଳତଳିଆ ଚିଅଛି—ସୁନେଇ,······କେତେ ଆଶାରେ, କେତେ ଆଗ୍ରହରେ ସେ ସେତେବେଳେ ଖୋଲି ବସିବ ରାଜବାର ଚୁଡ଼ୁଲାଟିକୁ; ଖେଳାଇ ପକାଇବ ସବୁ ଦରବ ତା ଶଳଠାକୁ ଖୋଜିବା ପାଇଁ, କଣ ବୋଲି କହିବ ରାଜବା ? କହିବ—କହନାଲେ, ନଆନ୍ତି ଚିଅଛି ସେଇ ପା ଟାଁର, ତା ମନକୁ କଣ ପାଇଲା, ଧରମ ଭାଇ କରି ପକେଇଲା ମତେ ସେଠାକା ଲିଙ୍ଗରାଜ ମାହାର୍ଦ୍ଦ ଦେଇ । ଦଶୋଟି ଟଙ୍କା ଗଣ୍ଡ ଗଣିଲା । ତାକୁ ଖଣ୍ଡେ ମିଲ୍ ଶାଢ଼ୀ ଆଉ ଖଣ୍ଡେ ଜାମା କିଣି ପିନ୍ଧେଇଲା·······ସତେତ, ରାଜବା'ଇ ବୋଲି ଡାକୁଚି ପୁଣି । ନାକର କ'ଣ ହୁଅନ୍ତା ?

ନାକର କେମିତି ହୁଅନ୍ତା ସୁନେଇ ପାଖରେ ? ସୁନେଇ ତ ନିଜ ଆଖିରେ ଦେଖି କି ଦେଖି ନାହିଁ । ଏ କଥାର କେବଳ ରାଜବା ପକ୍ଷରେ ସମ୍ଭବ । କୋଡ଼ିଏ ବର୍ଷର ଅଡ଼ିଆଣୀ ଟୋକଟେ ମୁକ୍ତି-ଟିଳା, ମଜୁରିରେ ଗୁଜରାଣ ଚଳାଏ । ସେ ମୁଆନ୍ ରାଜବାକୁ ଧରମ ଭାଇ କରିଛି । ଖାଲି ସେତିକା ତ ନୁହେଁ, ରାଜବାର ଏକୁଟିଆ ପଲରେ ଘର ଦୁଆର ଦେଖି ବି ସ୍ଥିତି କଟାଇଛି ବି । ଏ କଥା ଫଳିର ସମ୍ପୂର୍ଣ୍ଣ ରାଜବା ହରସା ସୁନେଇ ପାଖରେ ନାକର କାହିଁକି ହେବ ? ଲୋକର ବିବେକ ନ ଥାରିଲା ଯାଏଁ ଏ କଥାର ତା ମନରେ କେବେ ହେଲେ ଆସେ ନାହିଁ । ରାଜାବାର ବିବେକ ବହୁତ ଆଗରୁ ହାରିଛି । ତେଣୁ ସେ ଏଇ ମିଛିକା ବିଷୟର ନ କରି କଣ ବା କରନ୍ତା ?

ପଲଡାଟିର ଖୁବ୍ ପାଖରେ ପୁଣିଥରେ ଗୁମୁରି ଉଠିଲା ଚନ୍ଦର ସେଇ କଣ୍ଠସ୍ୱର—ଫୁଲି ଏଠି ଅଛୁ ?

ଫୁଲିର ଆଖିରୁ ଛୁଟିଗଲା ନିଶା । ଗଞ୍ଜାବା ଫୁଲିକୁ ଟେକିଉଠାଇ ଟିଆ କରିବ ବୋଲି ହାତ ବଢ଼ାଉଥିଲା—ସେ ହାତ ସେମିତି ପସାରି ହୋଇ ରହିଗଲା ।

କପିଳେଶ୍ୱର ଗାଁ ନିକଟରେ ଗୋବନ୍ଦାର ଘର । ସେ ଦିନ କାମ ଲେଉଟାଣି ସେ ଘରକୁ ନ ଯାଇ ରେଳବାଇ ପୋଲ ପାଖରେ ଫୁଲିକି ଜଗି ବସି ରହିଲା । ସେଇ ଗୋଟିକ ତ ବାଟ, ଫୁଲି ସେ ବାଟରେ ନଯାଇ ଯିବ କୁଆଡ଼େ ?

ରୁହିଁ ରୁହିଁ ଆସି ସଞ୍ଜ ହେଲା । ବରଡା ଟିପି ଟିପି ଆରମ୍ଭ କରିଦେଲା । ଚାରିପଟୁ ଅନ୍ଧାର ଘେରି ଆଇଲା ତଥାପି ଫୁଲିର ଦେଖାନାହିଁ । ଗୋବନ୍ଦା ବସି ବସି ଗୋଟିଏ କଥା ଠଉର କଲା କିଛି ନାହିଁ, ଫୁଲି ନିଶ୍ଚୟ ଗଞ୍ଜବା ପାଖରେ ଅଟକିଛି । ଶେଷକୁ ସେଇ ପଡ଼ିଆ ବାଟରେ ସିଧା ମୁହାଁଇଲା ଗଞ୍ଜବା ଘର ଆଡ଼େ । ସେତେବେଳକୁ ଅନ୍ଧାର ଚରାଚର ଘୋଟି ଗଲାଣି ଚାରିଆଡ଼େ । ସେ ସେଇ ଅନ୍ଧାରରେ ଗଞ୍ଜବା ଘର ଅନ୍ଦାଜ କରି ଆସି ପହଞ୍ଚିଗଲା ଟିକଣା ମୂଣ୍ଡରେ । କିଛି ସମୟ ଘର ପଛରେ ଠିଆହୋଇ କାନ ପାରିଲା । ଗଞ୍ଜବା ଭୁଣ୍ଡରୁ ପଦେ କଥା ଛଡ଼ା ସେ ଫୁଲି ମୁହଁରୁ କିଛି ଶୁଣିବାକୁ ପାଇଲା ନାହିଁ । ମନରେ ସନ୍ଦେହ ହେଲା —ତେବେ କଣ ଫୁଲି ଏଠି ନାହିଁ !

ଟାଟି ଖୋଲି ଜବାବ ଦେବାକୁ ଗଞ୍ଜବାର ସାହସ ପାଇଲା ନାହିଁ । ଏଇ ଗଞ୍ଜବା କୁଲିଙ୍କ ଭିତରେ କେତେ କଳିଆ କରିଛି, କେତେ ନିପାପ ଲୋକଙ୍କୁ ଟୁଣ୍ଡାଇଛି । ଗଞ୍ଜବା ସାଙ୍ଗରେ ସାଙ୍ଗ ସାଥୀଏ ଠାହିଠାପରା କରିବାକୁ ବେଶୀ ମଙ୍ଗନ୍ତି ନାହିଁ । ସେଉଁଠି

ଅବସର, ଅନାସର ନାହିଁ, ସେଠି ଛିଦ୍ର ପଶିବାକୁ ବାଟ ପାଏନା । ରାଜାବାର ଭିତରଟା କାଚପରି ସଫା । ସେଠି ଏତେଟିକିଏ ମଳ ଲାଗିଲେ ସହଜରେ ଧରା ପଡ଼ିଯିବାର କଥା । ମଣିଷ ଯେତେଦିନ ନିର୍ଲିପ୍ତ ହୋଇ ରହିଥିବ, ସେତେଦିନ ବାଦଶାହ ହେଲେ ବି ହକ୍ କଥା କହିବାକୁ ଡରିଲେ ହେଲେ ପଛେଇବ ନାହିଁ । ଯେଉଁ ମୁହୂର୍ତ୍ତରେ ସେ ଗୋଡ଼ ଖସାଇବ, ଠିକ୍ ପରେ ପରେ ସେ ହରାଇ ବସିବ ତାର ନିଜତ୍ୱ, ସର୍ବଶ୍ରେଷ୍ଠ ପଣିଆ, ଆଉ ଯାହାକିଛି । ମୁହଁରେ ତାର ବନ୍ଧା ହୋଇଯିବ ଗୋଟେ ଶକ୍ତ ତୁଣ୍ଡି ।

ଫୁଲ ତ ଆଉ କେହି ନୁହେଁ, ରାଜବାର ଉଡ଼ଣି । ଏଥିରେ ଭୟ କରିବାର କାରଣ ରହିଲା କେଉଁଠି ? ରାଜବା ମନରେ ଖୁବ୍ ସାହାସ ବାନ୍ଧି ତ ଟି ପର୍ଯ୍ୟନ୍ତ ଆସି ପୁଣି ଥପ୍ କରି ଠିଆ ହୋଇଗଲା—ଏଁ ଉଡ଼ଣି ! ତେବେ ରାଜବାର ମନ ଏତେ ଉଗ୍ରଠ କାହିଁକି ? ଫୁଲର ନାଆଁଟି ଧରିବାମାତ୍ରେ କାହିଁକି ତା ମନଟା ଭିତରେ ଛଟପଟ ହେଉଛି ଜାଗି ଉଠୁଛି ଗୋଟେ ଗୋପନ ସ୍ପନ୍ଦନ ଦେହସାରା ? କାହିଁକି ତେବେ ଦିନକ ଭିତରେ ତା ଦୁନିଆର ହେବତ ବଡ଼ଠ ପରିବର୍ତ୍ତନ ? ଏ ପ୍ରଶ୍ନର ଉତ୍ତର ରାଜବ ଦେଇ ପାରିବ ନାହିଁ । ଏଗୁଡ଼ାକ ସାଧାରଣିଆ କାହାଣୀ ନୁହେଁ । ନୂଆ ଯୋଗୀ ଭେକମୁଠାକ ପାଇଁ ବାଇ ହେଲାପରି ଏଇମିତିକା କାହିଁକି ଉଠାଇବା ପାଇଁ ଆଜିକାଲିକା ବାଲିଆ ଭୂଇଁରେ ଅଲଗୁଖା ବାବୁଗୁଡ଼ାକ ଝୁରି ମରନ୍ତି । ସେ ଢଙ୍ଗ ତାକୁ ସାଜେ । ଏ କାହିଁକି ରାଜବା ବୁଝିବ କୁଆଡୁ ? ଫୁଲ ତାକୁ ରାଜବାଇ ବୋଲି ଡାକେ ସିନା, ହେଲେ ଭାଇ ଦୃଷ୍ଟିରେ ତ ଦେଖେ ନାହିଁ । କେଜାଣି ଅବା ଦେଖୁଥିବ । ମଣିଷର, କହନ୍ତି, ପାଞ୍ଚମନ

ଆଉ ପଚାଶ ପ୍ରକୃତ । ନରମାୟା ନାରାୟଣଙ୍କୁ ଅଗୋଚର କିଏ ଜାଣିଲା ?

ଡାକର ଜବାବ ନ ପାଇ ଗୋବନ୍ଧା ଗାଡ଼ିଟାକୁ ଥରେ ଦଥର ଝୁଙ୍କାଇ ସାରିଲାଣି ସେତେବେଳକୁ ।

କଣ୍ଢୁଆଉ ଫୁଲ ଉଠି ଆସିଲା ତା' ବସିଲାଥାନରୁ । ରାଜୀବା ଜଳ ଜଳ କରି ଗୁହୁଁଥାଏ ଫୁଲ ଆଡ଼କୁ—କିଏ ସେ କଲେ ?

ଏଇ ଗୋବନ୍ଧାଟା ହୋଇଥିବ, ଆଉ କିଏ ? କହି ଫୁଲ ଗାଡ଼ି ମେଲ୍‌କରିବାକୁ ବସିଲାରୁ ରାଜୀବା ଚଟକରି ତାକୁ ପଛଆଡ଼କୁ ଠେଲି ଧରିଲା—ଫୁଲି, ତତେ ମୋ ରାଣ, ତୁ ଯା ନାହିଁ । ମୁଁ ଯାଉଛି, ଦେଖେଁ କିଏସେ ଗୋବନ୍ଧା ।

ଗାଡ଼ି ମେଲ୍‌କରି ଆଗରେ ଠିଆ ହୋଇ ପଡ଼ିଲା ରାଜୀବା । କ'ଣ କହୁଚୁ କରେ ?

ଫୁଲ ଅଛି ?

ହଁ, କାହିଁକି ?

କାହିଁକି, କଣ ବୋଲି କହିବ ଗୋବନ୍ଧା ? ମନରେ ତାର ଜାଗି ଉଠିଲା ଗୋଟେ ସ୍ୱତଃ ବୈରଭାବ—କାହିଁକି ଆଉ କଣ ? ଏଇ ଟିକିଏ ଦରକାର ଅଛି । ଏକା ଗାଁର ଲୋକ, ସାଙ୍ଗହୋଇ କାମ ଦାମ କରୁଁ, ସାଙ୍ଗହୋଇ ଘରକୁ ଫେରୁଁ । ଫୁଲ ଆଜି କହିଥିଲା, ଗାଁକୁ ଗଲାବେଳେ ତାକୁ ଏଇଟୁ ସାଙ୍ଗରେ ଡାକି ନବାକୁ ଯେ, ସେଇଥିପାଇଁ ଡାକୁଥିଲି ।

ଗୋବନ୍ଧା କଥାରେ ରାଜୀବାର କରଡ଼ ଜଳିଗଲା; ଅଥଚ ସେ ପଦେ ପାଟି ଫିଟାଇ ପାରିଲା ନାହିଁ । ଖାଲି ସାପ ପରି ଫଁ କରି ରହିଗଲା ଯାହା ! କଣ କହିବ, କେମିତି କହିବ ? କିଛି କହିବାର ବାଟ ତ ସେ ଆପଣା ହାତରେ ବନ୍ଦ କରି

ଦେଇଛ । ସକାଳେ ଆଜି ସେ ଦେଖିଛୁ ଫୁଲକୁ ଗୋବନ୍ଧା ସାଥିରେ । କିଏ ଜାଣିଲା, ଫୁଲ ଏବେ କହୁଥିବ । ଏକା ଗାଁର ନ ହେଲେ ଗୋବନ୍ଧା ଫୁଲର ଘର ପାଖିଆ ଲୋକ । ଏକେତ ବରଡାଙ୍ଗନ—ତା ଉପରେ ଅନ୍ଧାର ରାତି – ଜଣେ ଆଉ ଜଣକୁ ଅଶ୍ରା । ଗୋବନ୍ଧାର ଫୁଲକୁ ଡାକବାରେ ଅପରାଧ ରହି ଗଲା କେଉଁଠି ? ତା ଛଡ଼ା ଗୋବନ୍ଧା ଅପେକ୍ଷା ରାଙ୍ଗବାର ଫୁଲ ସାଥିରେ ·ଠେ ନେବାରୀ ଚଳ୍‌ନା ପରିଚ ବା ହେଲା କୁଆଡ଼ୁ ଯେ ରାଙ୍ଗିବା ପଚଶ ଲୋକଙ୍କ ଆଗରେ ଡାକ ବଜାଇ ଫୁଲ ଉପରେ ଆପଣାର ମୁରବିପଣିଆ ଜାହିର କରିବ ?

ସେ ଫୁଲକୁ ସେଇ ବାହାରପଟେ ଠିଆ ହୋଇ ପାଟି ଶୁଣାଇ ପଚାରିଲା— ଫୁଲ, ଗୋବନ୍ଧା ସାଥିରେ ଯିବାକୁ କହିଥିଲୁ ପରା, ସେ ଆକୁଚି ।

ଫୁଲର ମୁହଁର ମିଳିଲା ନାହିଁ ଫୁଲଟି ସେ ନାକ ଠାଉଁ ଠାଉଁ କରି କହିଲା— ଁ କିଆଁ ତାକୁ କହନ୍ତୁ ମ, ମତେ କାହିଁ ବାଣ ଜଣାନାହିଁ ଯେ ଗୋବନ୍ଧା ସାଥିରେ ଯିବାକୁ କହୁଥିଲି । ସେ ଗୋଟେ ଫିକର କରି ସେମିତି କହୁଚନା······ମୋର୍ . ଏଠି କାମ ଅଛି । ଘରେଇଲେ ଯାଇ ପାରିବି ନାହିଁ । ମନା କରିଦେ ତାକୁ ।

ରାଙ୍ଗବା ଗୋବନ୍ଧାକୁ ଫୁଲର ଏଇକଥା ଶୁଣାଇଦେବା ଆଗରୁ ଗୋବନ୍ଧା ସବୁ ଶୁଣି ସାରିଥିଲା । ତେଣୁ ରାଙ୍ଗିବା ମୁହଁରୁ ଖୁସିଅରେ ଶୁଣିବାକୁ ତାର ଧୈର୍ଯ୍ୟ ରହିଲା ନାହିଁ । ଦେହରେ ଛୁଆ ଗୁଲିଗଲା—ଦେଖ ଟୋକାଳ ଠାର କେତେ ବହପ !

ଗୋବନ୍ଧାକୁ ସେ ଦିନ କଣ ଗୋଟେ ନିଶା ଧାଙ୍କିଥାଏ କେଜାଣି, ଘର ଦୁଆର, ଖାଇବା ପିଇବା ଭୁଲି ସେ ଫୁଲପାଇଁ

ଏକବାର ପାଗଳ ହୋଇ ଯାଇଥାଏ । ଆଜ ଘରକୁ ଯିବ କଣ ? ମୁଣ୍ଡରେ ତାର କାମୁଡ଼ୁଥାନ୍ତି କାହାଣେ ଖଣ୍ଡେ ଚେମ୍ବୁଳିଆ ବିଛୁ । ସେ ସେଇଠୁ ସିଧା ଫେରିଲା କାନତରାଟି ବାବୁଙ୍କୁ ଅନଶା କରି । ଦେଖିବା ଦେଖି ମୁଲକ ଆଜି କଏସେ ରଖିବ !

ଲୋକ ହତାଶ ହେଲେ ମଣିଷ ଆଉ ପଶୁଭିତରେ ଯେଉଁ ବ୍ୟବଧାନ ଟିକକ ଅଛି, ସେତକ ତାର ରହେନାହିଁ । ହିଂସାଭାବ ପଶୁର ସ୍ୱାଭାବିକ ପ୍ରକୃତି । କାରଣ ତାର ବିବେଚନା ଶକ୍ତି ନାହିଁ । ମଣିଷର ସେଇ ବିବେଚନା ଶକ୍ତି, ହତା ।, ଅଭାବ, ଅନାଟନର ବାରମ୍ବାର ତାଡ଼ନାରେ କ୍ରମେ ଲୋପ ପାଇଯାଏ । ଫଳରେ ସେ ପାଲଟେ ଗୋଟେ ନିରାଟ, ନିପଟ ପଶୁ । ବଣ ଜଙ୍ଗଲର ବାଘଭାଲୁଙ୍କ ଠାରୁ ସେ ହୋଇଯାଏ ଆହୁରି ଭୟଙ୍କର, ଆହୁରି ପ୍ରତିହିଂସା ପ୍ରିୟ । ସେତେବେଳର ମଣିଷ ପ୍ରକୃତି ହୋଇଯାଏ ସାପର ଗରଳଠୁଁ ଆହୁରି ବିଷାକ୍ତ ।

ଆମଠୁଁ ଶହ ଶହ ବର୍ଷ ତଳର ପୁରୁଖା ଲୋକଙ୍କ କଥା, କାର୍ଯ୍ୟକଳାପ ବିଚାରି ବସିଲେ ବେଳେବେଳେ ଆମେ ଆଶ୍ଚର୍ଯ୍ୟ ହୋଇପଡ଼ୁ । ସେମାନେ କଣ ଖାଉଥିଲେ କଣ ପିଉଥିଲେ କେଜାଣି, ତାଙ୍କ ମନରେ ପରସ୍ପର ପ୍ରତି ଏମିତି ଗୋଟେ ବିଦ୍ୱେଷଭାବ ପ୍ରାପ୍ତ ନଥିଲା । ରାଗ, ହିଂସା, ବାଦ ଏଗୁଡ଼ାକ ତାଙ୍କୁ ଛୁଉଁ ନଥିଲା ମୋଟେ । ତା ବୋଲି ସେମାନେ କଣ କୌଣସି କଥାରେ ହତାସ ହେଉ ନଥିଲେ, ନା ଅଭାବ ବୋଲି କଣ ଜାଣୁ ନ ଥିଲେ ? ତା ନୁହେଁ ଯେ, ସେମାନେ ପ୍ରତ୍ୟେକେ ଥିଲେ ପିଲାଟି ଦିନରୁ ଉଦ୍ୟୋଗୀ । ଦେଶପ୍ରତି, ଜାତିପ୍ରତି, ମଣିଷସମାଜ ପ୍ରତି ସେସାନଙ୍କର କିଛିନା କିଛି ଗୋଟେ ଅଂଶ ତୁଲାଇବାର ଅଛି ବୋଲି ଧାରଣା ଥିଲା । ପ୍ରକୃତିର ସନ୍ତାନ ସେମାନେ ପ୍ରକୃତ

ସାଙ୍ଗରେ ଗୋଳି ହୋଇ ବଢ଼ୁଥିଲେ । ବାବୁ, କୁଆଡ଼ୁ ଏ ଗୋରା ଜାତି ଆସି ତାଙ୍କ ଭିତରେ ଧରିବାନ୍ଧି ପୂରାଇଦେଲେ ମେଞ୍ଚାଏ ଆବର୍ଜନା—ବିଦେଶୀ ବୋଉଖାଞ୍ଜି । ସଭ୍ୟତା, ସଭ୍ୟତା ବୋଲି ଲୋକଙ୍କ ଭିତରେ ଗୋଟେ ମରୁଡ଼ିଆ ରୋଗ ବ୍ୟାପିଗଲା । ଭଲ ମଣିଷ, ଜାଣିବା ଶୁଣିବା ଲୋକ ଗୁଡ଼ାକ କାବୁ ବନିଗଲେ । ସେମାନେ କେଜାଣି ଅବା ଏ ବିଦେଶୀ ମାୟା ଭିତରେ ପଶି ପାରିଲେ ନାହିଁ କି କଣ, କେତେଜଣ ବାଳୁଆଳି ଅଣ୍ଟାଭିଡ଼ି ବାହାରି ପଡ଼ିଲେ । ବାପ ଗୋସାଁ'ଙ୍କ ସାଇତା ଧନତକ ଗର୍ଭାପୂ- ସ୍ୱାହା କରି, ଆପଣା ମହତ ଘରକୁ ଦେଇ ଶିବ ଲଙ୍ଗଳା ହୋଇ ପଳାଇ ଗଲା ପରି, ସେମାନେ ଆପଣା ଜାତି, ଧର୍ମ, ଭାଷା ଏଗୁଡ଼ାକ କୋଥଳିରେ ବାନ୍ଧିଦେଇ ସେଇ ବିଦେଶୀ ଗୋରାଙ୍କ ପଛଚଲା ହେବାପାଇଁ ତାଙ୍କର ତର ସହିଲା ନାହିଁ । କଥାରେ ଅଛି—ମାରିନେଲେ ମହାପାପେ, ଗୁହିଁଥିଲେ ଜଳକା । ସେଇମିତି ସାହେବତକ କାଢ଼ି ନେଲେ ଗୋରାଏ ଯୁାଙ୍କ ଭାଗରେ ଅଗାଡ଼ିତକ ଛୁଡ଼ିଦେଇ । ଆଗାଡ଼ି ସାଙ୍ଗକୁ କାହାଣେ ଉପାଧି, ନବ କେତେ ନଅ । ଚଲାଖ ଜାତି ସେ, ଏ ଦେଶର ଲୋକଙ୍କୁ ଶିଖେଇ ଦେଇ ଗଲେ ବସି ଖାଇବାର ଯୋକ । ପା ଏବେ; ଗୁଡ଼ିଥା ସେ ଉପାଧିତକ—ଏ, ବି, ସି, ଡ଼ି, ଇ, ଏଫ, ଜି, ଏଇଚ୍ !

ସେଇଦିନଠୁଁ ସେ ବସି ଖାଇବା ରୋଗ ଅମ ଲୋକଙ୍କ ଭିତରେ ନଈସୁଅ ପରି ବଢ଼ି ଚାଲିଲା । ଖାଲି ସେତିକି ନୁହେଁ, ସେ ରୋଗର ଏମିତି କରାମତି ଯେ ତାକୁଇ ମୂଳକରି ବାହାରି ପଡ଼ିଲେ କେତେ ଶାଖା । ବସିଖାଇଲା ଲୋକର ମୁଣ୍ଡରେ ଖେଳିଗଲା କେତେ ରକମର ଭୂତଚମକ, ଜାତିମରା, ଦେଶମରା ଭାବନା ।

ସେଇ ଦିନଠୁଁ ବସନ୍ତିଆର ଗୃହର ବଢ଼ି ଆସିଛି ଆଜି ଯାଏଁ । ପକ୍ଷ୍ମା ରୋଗ ହେଲା, ପ୍ଲେଗ ରୋଗ ହେଲା, ଏଗୁଡ଼ାକ ଆମକୁ ଜଣା ନଥିଲା ମୋଟେ । ଉଆଁ ରୋଗ ଗୁଡ଼ା ବସନ୍ତିଆଙ୍କଠୁ ଖଟିଖିଆଙ୍କ ଉପରକୁ ଖପ୍‌ଖାପ୍ ଡେଇଁ ପଡ଼ିଲା । କାହାର ବଳ ଅଛି, କିଏ ହାତ ଦେବ, ରୋକିବ ?

ଜର ସାଙ୍ଗକୁ ମୁଣ୍ଡବିନ୍ଧା ପରି ବସିଖାଇବା ରୋଗର ଯେତେ ଶାଖା ରୋଗ ଅଛି ତା ଭିତରୁ ବୋତଲ ସାଙ୍ଗକୁ ଦାଶ ଗୋଟେ ପରସ୍ପର ସାହାଯ୍ୟକୃତ ରୋଗ । ସେଇ ରୋଗ ଗ୍ରାସିଥାଏ କାନତରଣି ବାବୁଙ୍କୁ । ହଇଜା, ବସନ୍ତ ଯ୍ୟୁ ର ରକ୍ଷାରକ୍ଷଣ ଅଛି । କିନ୍ତୁ ବୋତଲ ସାଙ୍ଗକୁ ଦାଶ, ଯ୍ୟୁର ସେ କଥା ନାହିଁ । ତା ଗ୍ଲାଇ ଯାହାଠିଁ ପଡ଼େ, ପ୍ରାଣ ଗଲା ବୋଲି ଜାଣ । ତା ପାଖରେ ଦରଦାମ୍, ମୂଲଚୂଲ୍ ଅଳ୍ପ ବେଶୀ ଏ ସବୁ ନାହିଁ । ଯେ ତା କବଳରେ ପଡ଼ିଲା, ତାର ଆଉ ଉଧୁରିବାର ଉପାୟ ନଥାଏ । ସେ ରୋଗପାଇଁ ଡ଼ାକ୍ତର, ବଇଦ ନାହାନ୍ତି; କେବଳ ଭଗବାନ ଭରସା ।

କେହି ନ ମିଳିଲା ବେଳକୁ କେବେ କମିତି ଗୋବିନ୍ଦା କାନତରଣି ବାବୁଙ୍କର ବୋତଲ ସାଙ୍ଗ ହୋଇପଡ଼େ । ଆଉଥରକୁ ଆଉଥରେ, ଆଉଦିନକୁ ଆଉଦିନେ ଏଇମିତି ଗୋବିନ୍ଦା ଦି' ଗୁରିଥର ବାବୁଙ୍କ ସାଙ୍ଗରେ ବୋତଲ ମାରି ଗୁଣି ସାରିଲାଣି । ମନ ଲାଗିଛି ତାର । ଆଜି ଏ ବରଷା ପାଗକୁ ଉଧୁନ ଭରିଛି ଟୋପେ ପେଟରେ ପଡ଼ିଗଲେ କେଜାଣି ଅବା ଫୁଲିକୁ ନ ପାଇବାର ଦରଜ ଟିକିଏ ପୋଛି ହୋଇଯିବ ମନରୁ । ଘରକୁ ଯିବା ନ ହେଲା ନାହିଁ ପଛେ ଗୁଲିଲା ଗୋବିନ୍ଦା କାନତରଣି ବାବୁଙ୍କର

ଖବର ବୁଝିବାକୁ । ଆଜି ନ ହେଲେ କାଲି, କାଲି ନ ହେଲେ ପଅର ଦିନ—କୁଆଡେ଼ ଯିବ ଫୁଲି !

× ×

ଗଡ଼ି ଚାଲିଲା ଦିନ ପରେ ଦିନ ଗୋଟି ଗୋଟି ହୋଇ ଯାଣି ସୁଅ ପରି । ଶ୍ରାବଣ ଗଲା, ଭାଦ୍ରବ ଗଲା, ଆଶିଣ ଆସି ହେଲା, ତଥାପି ରାଜୀବର ଘରକଥା ମନେ ପଡ଼ିଲା ନାହିଁ କି ଭେଟନଙ୍କ ଗାଁରେ ତା ଦେଖା ମିଳିଲା ନାହିଁ । ଆଗରେ ପଡ଼ିବ କୁଆଁର ପୂନେଇଁ ।

ଝିଅ। ଗୋଠାଳରେ ସୁନେଇ ଥାଇ ଏକୁଟିଆଟି । ସାଇ ପଡ଼ିଶାର ବାର ଲୋକେ ବାରକଥା ଦେଖେଇ ଶୁଣେଇ କହନ୍ତି । ସୁନେଇ ସେ ସବୁ କଥାକୁ କାନ ଦିଏ ନାହିଁ । ହେଲେ ରକ୍ତ ମାଂସର ଦେହ କେତେ ଏବେ ମାଟି ଜାକି ହୋଇ ରହିବ ? ଅତି କହିବା କହିବା ନୁହେଁ କି ଅତି ସହିବା ସହିବା ନୁହେଁ । ସବୁ କଥାରେ ସୀମା ରେଖା ତ ଗୋଟେ ଅଛି । ଏଣେ ପୁଣି ରାଜୀବ ଘର ଛାଡ଼ିବା ମାସକୁ ଲଗାଇ ସୁନେଇ ପେଟରେ ପିଲା ରହିବାର ପୂରା ଚାରିମାସ ହୋଇଗଲାଣି । ଘର ଆଡ଼ୁତ କିଛି ନଥିଲେ ବି ଆପଣା ଗୁଜରାଣ ତ ଅଛି । ରାଜୀବ ବିଦେଶ କରି ଗଲାବେଳେ ସୁନେଇ ହାତରେ ଯାହା ଦେଇ ଯାଇଥିଲା ସେତକ ମୂଳ ପୁଞ୍ଜି ସେତକ ଯାଇ ସାରିଲାଣି । ଶାମଦାସ ବୁଢ଼ାକୁ ଟାଳଟୁଳ କରିବାରେ କୌଣସି ପ୍ରକାରେ ସେ ଏତେକ ଦିନ ସବୁରି କଲା । ଆଉ ଏଣିକି ସେ ନଚ୍ଛୋଡ଼ବନ୍ଧା । ଏଇଥର ଆସିଥିଲା ଯେ କହିଲା—ଆଲୋ ସୁନେଇ, ସର୍ବନାଶ ବୁଦ୍ଧି ଯାହାକୁ ଘୋଟେ, ସେ ଏମିତି କରେ । ତୁ ଯାହା ଭାବରୁ ଭାବ ପଡ଼ୁଛେ. ରାଜୀବ ଆଉ ଫେରିବା କଥା ମତେ କାହିଁକି କମିତିଆଟା ଲାଗୁଛି । ଆଚ୍ଛା, ତୁ

ନିଜେ କହିଲୁ ଭଲ, ତୁ କଣ ନଅଟା ନା ଛଅଟାର ମା' ହେଇଚୁ
ଯେ କଣ କହିବୁ, ନିଜେ ନ କଲେ ନ ଭିଆଇଲେ ସଂସାର
ଚଳୁନାହିଁ ପେ, ବର୍ଷେ ଛମାସ ବିଦେଶ କରିଯିବା……ଏ
କହିଲା ପ୍ରକାରେ ତୁ କାଲିକା ମାଇପିଲାଟା, ସଂସାର କଥା
ନସ୍କା ତନଖିକୁ ବୋଲ—ଦେଖ, ଗୁହୁଁ ଗୁହୁଁ ଆସି ବଜର
ଗୁଣମାସ ହେଲା, ଟୋକାଟା ଗଲା ଯେ ଖଣ୍ଡେ ବେଉରା ବି
ଦେଉନାହିଁ ? ଆଉ କାହାକୁ କସ ବୋଲିବାହେ …… !

ଏମିତିକା ଶୁଖିଲା ସୁଆଗ କେଉଁଠିକ ପାଏ ? ଗୋଡ଼ହାତ
ଧାଉ ନଥିବା ଲୋକକୁ ଏମିତିକା ମୁରବି ଖୋଜି ବସିଲେ କାହାଣ
କାହାଣ ମିଳିବେ । କିଏନେ କମ୍ ଦରଦ୍ରତା ? ଦବା ନବା କଥା
ଉଠିଲେ ଏଇ ମୁରବି ପଲ ବଦଳିଯିବେ ଆଉ ଗୋଟେ ରକମର ।
ସୁନେଇ ଶ୍ରେଷ୍ଠିଆ ମନ ଭିତରେ ଏଇ ପ୍ରକାର ଭାବନାର
ସନ୍ତଗାରଟିଏ ଟାଣି ହୋଇଗଲା ଦାସବୁଢ଼ାର କଥା ଶୁଣି । ଆଖି
ପତା ଓଦା ହୋଇ ଆସିଲା—ହଁ, କହନ୍ତୁ ଯାହା ମନକୁ ଯାହା
ପାଇଲା । ତାଙ୍କର କହିବା ପାଇ ପଡ଼ିଛି ଏକଲରେ । କୁଆଁ
ଉଡ଼ିଯିବାକୁ, ତାଳ ପଡ଼ିବାକୁ—କାହା ମୁହଁରେ ହାତ
ଦେବ ସେ ?

କାଲିପରି ଧନ କେଉଁଟା ଡେଇଁ ପଡ଼ିଲେ ହେବ କୁଆଁ ଠେ-
ସୁନେଇ । ଟୋକା ଟୋକି, ଯୁବା ଯୁବତୀଙ୍କ ମନଲଖି ଧୋବ
ଫରଫର ଜହ୍ନରାତି । ଗୀତ ବୋଲି ନ ଜାଣୁଥିବା ଲୋକ ହେଲେ
ବି ସବୁ ଗିଣିଗିଣା ଗଳାରେ ପଦେ ଗାଇ ପକାଇବ—କୁଆଁରି
ପୁନେଇଁ ଜହ୍ନଗୋ ଫୁଲ ବଉଳ ବେଣୀ……କେତେ ହସଖେଳ ।
ସୁନେଇର କଅଁଳ ପ୍ରାଣଟି ବାହୁନି ବସିଲା ତା ପିଲା ଦିନକାର
କଥା ସୁମରି—ସତରେ ଦଇବ କଟିବ, ତା ରଜାବା ଘରକୁ

ଫେର ଆସିବ । ସାଇ ପଡ଼ିଶାଙ୍କ ମୁହଁ ଚାଳକୁ ହେବ ? ଗୋଟେ ଆଗତା ଚନ୍ଦ୍ରେଇକା ବେସତବେନା ଜୀବନରେ ଦୋହଲି ଉଠିଲା । ତା ଗ୍ରେଣ୍ଡିଆ ତନୁ । ଉତ୍ତୁଦ୍ଧୁତ୍ତ ଲୀଆ ଉଲ୍ଲସି ଉଠିଲା ଏକ ଅଜଣା ଭବିଷ୍ୟତର ସନ୍ଧାନରେ ।

ଏଇଟିକୁ ମିଶାଇ ଊନଶିହ୍ନ ତୋଡ଼ି ବର୍ଷକବା ପାଖକୁ ଦେଲାଣି ସୁନେଇ । ଖନ୍ଦକର ହେଉଲା କି ଜବାବ ପାଇନାହିଁ ରାଜୀବାଠୁ କଣ ହେଲା—କେଉଁଠି ରହିଲା ରାଜୀବା ? ଆଉ କଣ ଚିଠିଟି ଗୁଡ଼ାକ ତା ପାଖରେ ପହଞ୍ଚୁନାହିଁ ? ଏଥରକ ତ ଦାସ ମଉସା ପୁଅ ନିଜେ ବସି ଲେଖିଛି । କହୁଥିଲା ଖୁବ୍ ବୁଝେଇ ସୁଝେଇ ଲେଖିଛି ବୋଲି । ହେଲେ ଜବାବ ଟିକେ କାଳ କଣାଙ୍କ ପାଏ ନାହିଁ ସୁନେଇ ।

ନିଜେ ତ ଭୋଗୁଛି, କାହାକୁ ଦୋଷିବ ସୁନେଇ ? ରାଜୀବା ଖାସ୍ ସେଇଥି ସକାଶେ ବିଦେଶ କରିଯିବାକୁ ମନ୍ଥୁ ନଥିଲା । ସୁନେଇର ସାହାସ ଦେଲାକୁ ହିଁ ସେ ଭୁବନେଶ୍ୱର ଆସିଲା । ଏଇଲାଗେ 'କାହା ବୋଲେ, ଗଛ ପ୍ରିତି ବାହୁଡ଼ି ନଇଲା' ବୋଲି ବାହୁନି ବସିଲେ ସୁନୁକି କିଏ । ଏବେ କଥା ଖାଲି ମନରେ ମରିବା ପାଇଁ ସାର ହେଉଛି । ସାଇ ପଡ଼ିଶା ମହିଳାଙ୍କ ପିଉଁଧାଙ୍କ କଥା କହିଲା ବେଳକୁ ଆଉ ଲାଜ ନାହିଁ । ସେ ଦିନ କଣ କଥା ପଡ଼ୁ ପଡ଼ୁ କେବେ ମା ମାଉସ ଗାଡି ଦହିଲେ କେତେ ସୁଧେଇ ହେଉ ଆସେ ଲୋ ତତେ । ଘୁନା ଘୁନା ଠଙ୍କା ଯେତେବେଳେ ମଣିଅଡ଼ର ହେଇ ଆସୁଚି, ପିତା ଲାଗୁଥିବ ନା କଅଣ ।

ଏ ଅଣ ପାଗ୍ରବା ବଜ୍ୟରେ କାଏ ବୁଝିବ ଲୋ ମା ! କଥା କଥାକେ ମୁହେଁ ମୁହେଁ ହାଙ୍କି ଦେବେ । କହିବେ—ଘଇତା ସୁଆଗୀଠା । ଥିଲା ନ ଥିଲାକୁ ବାସି ମୁହଁରେ ପ୍ରଶ୍ନ ବେ ନାହିଁ ।

### * ଏକାବନ *

ନୋହିଲେ ବେଳକୁ ଘରୁ ପଦାକୁ ଗୋଡ଼ କାଢ଼ ଯୁଆଡ଼େ ଇଚ୍ଛା
ସିଆଡ଼େ ପଳାନ୍ତା ସୁନେଇ । ହେଲେ ଏଥିରୁ ଗୋଟାକୁ ପେଟରେ
ବୋହି କୁଆଡ଼େ ଯିବ ? ଆଗକୁ ନାହିଁ କି ପଛକୁ ନାହିଁ ।
ଆଖି ଘୂରିକଲେ ଧୂଆଁ ନିଆ ଦିଶୁଛି । ଯୁଆଡ଼େ ନାହିଁ ସିଆଡ଼େ ଯା,
କପାଳ ଯେଣେ ବୁଲୁଥା ।

ବେଳେବେଳେ ଆଖି ଆଗରେ ଦିଶିଯାଏ ଚଉଧୁରୀ
ସାହୁକାରଙ୍କ ଝିଅ ଲତା । ମଝିଙ୍କ ସାଙ୍ଗରେ କଣ ପାଠ ପଢ଼ୁଛି
ବେଳେ ଟୋକାଠାର ଯେଉଁ, ବଡ଼େଇ—ସୁନେଇ ତାଟକା
ହୋଇଯାଏ । ସେ ଦିନ ତ ଚନ୍ଦ୍ରଲିପରି କୁଆଡ଼ୁ ଆସି ସେ ପଶିଗଲା
ସୁନେଇ ଘରେ । କି ଲମ୍ବର ଜରି ଧଡ଼ିଆ କନା ଝଲକେ ଅଖୋ
ଘୂରିକଲେ ଯେପରି ଦେଇଥାଏ । ମାଈପିଲା ହୋଇ ଲୋକ
ପୁଣି ଇମିତି ବଡ଼ିଲା ବୟସରେ ଲଙ୍ଗଳା ହେବାକୁ କଣ ସେ
ପାଠରେ ଲେଖା ହୋଇଛି ? କେଜାଣି ଲୋ ମା ! ଅକୁହା
ଅଯୋଗ୍ୟ ଏତେ ପାଖିଲେ ପଶୁରଲା—ଆଲୋ, ସୁନେଇ, ତୋ
ବଳ କୁଆଡ଼େ ଗଲେ ମୂରୁଛି ଦେଖିବ ? ତୁ ଥିରଟି ହୋଇ
ବସିବୁ କଣ ଲୋ ! ସରକାରଙ୍କୁ ଦରଖାସ୍ତ କରି ଦଉନୁ ?

ମଲା ମୋର, ସରକାର କଣ ଇମିତି ଯୁଆଙ୍କ ବାଡ଼ିତଳ
ରଇତ ଯେ ଖିସ୍ରୁ ଖାସ ପଞ୍ଚାୟତେ ଯାଆନ୍ତି ସବୁକଥା ବୁଝିବାକୁ
ଠାକି ବସିଛନ୍ତି ! ଆଜିକାଲି ଏ ଝିଅ ଗୁଡ଼ାକ ପାଠପଢ଼ି କି
ଟେରେମେଣୀ ହୋଇ ଗଲେଣି ଲୋ ମା । ଏଇଦିନୁଁ ତ ଇମିତି ଆଉ
ବାହା ସାହା ହେଲେ କଣ ଅବା ନ ହେବେ ! ମୁହଁ ଖୋଲି
କିଛି କହି ପାରିଲା ନାହିଁ ସୁନେଇ । ବଡ଼ ଲୋକର ଝିଅ
ଲତାଦେଇ । ଅଜି କଣି ନାହିଁ କଣ ପାଟିରୁ ବାହାରି ଯିବ ତ
ବିଚାରି ସୁନେଇ କି ତଳକଣ୍ଠା ଉପର କଣ୍ଠା କରିଦେବେ ଚଉଧୁରୀ

ବଂଶ । ସୁନେଇ ମୁହଁରୁ କିଛି ଜବାବ ନ ପାଇ ଠିଏ ଠିଏ ପଳେଇ ଗଲା ଲତା ।

ଉଆଁସ ରାତିର ଘଡ଼ିମଗ୍ନ ମଉଳା ଜହ୍ନଆଲୁଅ ପରି ମନ ଗହନରେ ଉଙ୍କି ମାରେ ଦାସ ମଉସା ପୁଅ ଅରକ୍ଷିତର ଛବି । ଗାଁ ଯାକର ବଡ଼ ମେଳାପି ପିଲାଟିଏ ସେ କେଡ଼େ ମିଠା ବଚନ ! ଯୋଗୀ ଋଷି ହେଲେବି ତରଳିଯିବ ତା' ପଦକ ବଚନରେ । ସୁନେଇ ଲାଗି ଠିକଟେ ଦୁଃଖ କରେ ସେ । ପହିଲେ ସୁନେଇ ଭରସି କରି କିଛି କହି ପାରୁ ନ ଥିଲା ସଞ୍ଚପଡ଼ିଶାଙ୍କ ଡ଼ରରେ । ଆଉ ଏଣିକି ସେ ଡ଼ର ତାର ଛାଡ଼ି ଗଲାଣି । କାହାକୁ କାହିଁକି ଡରିବ ? କା'ର ଖାଇବ ନା ନେବ ! ଏକୁଟିଆ ମାଇପି ଲୋକ ! ସେଥିରେ ପୁଣି ଅସଜଡ଼ରେ ଅଛି । ହାନି ଲାଭରେ ସାହାଯ୍ୟ ହେବାକୁ କିଏ ଅଛି ତାର ? ଆଲୋ ସଙ୍ଗି, ଆପଣା ମହତ ଆପେ ରଖି । ନିଜେ ଭଲଥିଲେ ଦୁନିଆ ଭଲ ! ସାଈଭାଇଙ୍କ କଥାରୁ ଜଣା ପାଇବ ସେ !

କୁଆଁର ପୁନେଇ ହେବାକୁ ଆଉ ଦିନୁଟିଏ ଥାଏ ବାକି । ସେଦିନ ବଡ଼ ଭୋରଉଠାରୁ କୁଆ କା ନ କରୁଣୁ ଅରକ୍ଷିତ ଆସି ହାଜର ହୋଇଗଲା ସୁନେଇ ଦୁଆରେ । ସୁନେଇର ନିଦ ଭାଙ୍ଗି ଯାଇଥାଏ ସେତେବେଳକୁ । ସେ ବାସି ବିଛଣାରେ ପଡ଼ି ପାହାନ୍ତି ପହର ଭୁଟେଇ ସପନ ନିଶାରେ ଘାରି ହେଉଥାଏ । କେଡ଼େ ସୁନ୍ଦର ସପନଟିଏ ଦେଖିଲା ସେ । କୋଉ ଜାଗା କେଜାଣି ସେ, ମୁଠିଏ ବହଳର ଭୁଲାଣିମ ଗଦା ତାର ଉପରେ ଶୋଇଥାଏ ସୁନେଇ । କଣ ଏକା ସେଇ ? ତା କଡ଼କୁ ଲାଗି ଶୋଇଥାଏ ଆଉ ଜଣେ । ସେ ଜଣକ କିଏ ସେ ହେବ ବାରି ହେଉ ନ ଥାଏ । ରଙ୍ଗାବା ତ ମୁହଁ, ତା ଆଖି ଯୋଡ଼ିକ କେଡ଼େ ସୁନ୍ଦର; ରଙ୍ଗାବା

## * ତେପନ *

ଆଖିତ ଚଲି । ସେ ଗଞ୍ଜାବା ନୁହେଁ । ଆଉ କିଏ ହେବ ? ଆଜି କଣ ଅରକ୍ଷିତ ଶୋଇଥାଏ ସେମିତି ? ଲୁମମୂଳ ଟାଙ୍କୁର ଉଠିଲା ସୁଟେଇର । ନାଇଁ ଲୋ ବାପ, ପର ପୁଅ ସେ—ଆହା, କେତେ ସୁଖର ଦୁଃଖର ପିଲାଟି । ତା ନାଁ କାହିଁକି ସେଠି ଧରିବ ସୁଟେଇ ? ପାପ ଅର୍ଜିବ । ହେଲେ ଯେତେ ବୁଝାଇଲେ ବି ମନ ମାନୁ ନ ଥାଏ । ମିଛ କାହିଁକି ହେବ ? ଟେକା ମୁହଁରେ ଠିଆ ନାକ, ଠିକ୍ ଖଣ୍ଡାଧାର ମରି-ଅବଜଳ ସେଇ କି ସେଇ ଅରକ୍ଷିତ !

ବାହାରେ କବାଟ ଖଡ଼୍‌ଖଡ଼—ସୁଟେଇ ଚେଇଁ ଉଠିଲା—କିଏ ?

ମୁଁ ତ, ଅରକ୍ଷିତ । ଟିକିଏ କବାଟ ଫିଟାଇଲୁ ସୁନା ।

ମନ ଭିତରେ ଚାପି ଗାପି ଭାବନାର ସମ୍ଭୃତରେ ମାଡ଼ି ହୋଇଥାଏ ସେଇ ଭାବନାଟି ସୁଟେଇର—ଅରକ୍ଷିତ ଯକ୍ଷ ପାଲଟି ଗଲାଣି । ଯକ୍ଷ ଯେତେବେଳେ ପାଣ୍ଡୁ ସେତେବେଳେ ବାହାରେ ନାହିଁ । ଭିତରେ ଯେମିତି ବାହାରେ ସେଇମିତି ନଥିଲେ, ଅଂଶୋଧ ହେଲେ ସେ ବାହାରେ; ଏ ପାଖ ସେ ପାଖ ହୁଏ । ଛାଇ ଘରେ କି ତାଳ ବାଡ଼ରେ ବୁଲୁଛି ବୋଲି ଯେ ସେ ଚୋର, ଏମିତି କିଛି ନାହିଁ । ସେ ଖାଏ ଜଣଙ୍କର, ଜଗେ ଗାଏ ଆଉ ଜଣଙ୍କର । ସେଇ ଯକ୍ଷ ସେ—ଅରକ୍ଷିତ ।

କାଂଣ କରେ ? କବାଟ ଫିଟାଇ ସୁଟେଇ ପଚାରିଲା ।

ନକୁଟିଲେ · ଗଣ୍ଡାକ ରଖିଦବୁ । କାଲି ସଞ୍ଜୁଁ ଆସିବ ଆସିବ ବୋଲି ଡେର ଉଣ୍ଡି ସମା ପାଇଲି ନାହିଁ । ଆଜି ଅନ୍ଧାରୁଆରୁ ଉଠି ମଇଦାନ୍ ଫେରିବା ନାଁରେ ପଳେଇ ଆସିଛି । କଏଟେ ଦେଖି ପକାଇବନ୍ତ ବୁଢ଼ା ଆଗରେ ପୋଡ଼ି ଦେଲେ

# ❋ ଚଉବନ ❋

ବୁଢ଼ା ଆଜି ବାଘ ରଖିବ ନାହିଁ । ଏତିକି କହି ଅରକ୍ଷିତ ଯାଉଁଳି ପୁଞ୍ଜୁଳା ବନ୍ଧା ବଢ଼ାଇ ଦେଲା ସୁନେଇ ହାତକୁ ।

ସୁନେଇର ଆଖିରେ ଜାଳି ଉଠିଲା ଜଳ ଜଳ ଅନୁକମ୍ପା ଛନ୍ଦ । ନମ ଅନେକ ଠାରେ କି ଏକ ଅବହାନ୍ନତା ଲକ୍ଷ୍ୟକଲା ଠିକ୍ ମାର ପରି । ମୁକ୍ତି ଅସହାୟ ପ୍ରାଣୀ ଠିକ୍ ଯେମିତି ଦରକି ପାଖାପଖି ଥାଏ ଲେଖ କ୍ରିଁଦେଲା ମାନେ ଏକାକାର ହୋଇ ମିଶି ଯିବାକୁ ଗୃହାନ୍ତ । ଏଥିରେ ବାଳରକ୍ତୁଦ ପରି ପେଣ୍ଠେକି ଠେଆ ହୋଇଛନ୍ତି ସର୍ବନାଶ ମହାର । ସୁନେଇ ଗର୍ଭରେ ଗର୍ଜନ୍ତ୍ର ଉଗ୍ର ଚକ୍କାର କରି ଉଠିଲା -ସୁନେଇ, ଗର୍ବ ପାବର ବଂଶରେ କାହିଁ ବୋଲିବୁ ?

ଅରକ୍ଷିତ, ଏ କଣ ମନେ ପଡ଼ୁଚି ? ପ୍ରାଣ ବିକଳରେ ସୁନେଇ ପଶି ଦେଲା ମନର ଏ ବନ୍ଧଳାଇ । ଛାତିରେ ଛନକା ଲାଗିଗଲା ।

କାନ୍ଦ ନୁହିଁ ଟିକେ, ମୁଁ ଡରେ କଣ ଗୋଟିଏ ଦେଇ ଛାଇଛ ? ବାଳ ନୁହିଁ ସୁନ୍ଦରୀ, ତୋ ଘରେ ଗୁଡ଼ାଏ ନ ଥିଲା । ଏ ଗୁଡ଼ିଏନ ନାକାବାଲି ଗୋଟିଏ ଗୁଳା ଦେଇଚି, ଆଜି ଗୋଟିଏ କଟ, କଥା ନାହିଁ ଶ୍ଚ ! ଅରକ୍ଷିତ ଅପସରି ଗଲା ସେଠାରୁ ।

ସେଥି ମୁହେଁ ସେ ନିର୍ଣ୍ଣୟ ଦେଇ ଯାଇଚି ଅରକ୍ଷିତ । ସୁନେଇ ନାହିଁ କିଛି ଟେକ ଉଠିଲା ନାହିଁ । ପେଟର ଦାଉ ତା ହୃଦରେ ଜାବ ପକାଇ ଦେଲା । ନିରୀଖରେ ବୋଲି ପେଟ । ମା ନଟକୁଟ ଗାଡ଼ି ଲାଗିଛିରେ ଯିବନାହିଁ । ହେଇ ପେଟ ଗୁଲିସ୍ତ୍ରିକ ଗଳି ମଣିଷକୁ କେତେ ନାନ ଦେବ ସା ଆଦେଶବାକୁ ପଡ଼େ । ତାର ପାଳି ଦୁନିଆରେ ଗିରି ମା ଲାଗିଠାରୁ ଗନ୍ତ ହେବା ପର୍ଯ୍ୟନ୍ତ କେତେ ଯେମି ନାମରେ କଳଙ୍କର ମାଳା ଚଢ଼େ । କେତେ ବ୍ୟଭିଚାର, ହିଂସା,

ଦ୍ୱେଷ, ରକ୍ତଶୋଷୀ ସେବାଭାବ ଧରି କେତେ ନରକର ସୃଷ୍ଟି ହୁଏ । ସବୁରି ମୂଳରେ ଥାଏ ଦେହର ଦାଉ । ତାକୁ ଅବହେଳା କରି ମଣିଷ ପ୍ରକୃତ ନିସୃତ ସୃଷ୍ଟି ଛନ୍ଦରେ ତାଳ ପକାଇ ଚାଲି ପାରେ ନାହିଁ । ସେଇଥିପାଇଁ କେଉଁଠି ସାଧୁ ପାଲଟେ ଭଣ୍ଡିକଠା ଖାଏ, କେଉଁଠି ଅବା ରଙ୍କ ଭୟଙ୍କର ଆଚରଣ କରେ, ସେ ପେଟର ଦାଉକୁ ସୂଚେଇ ତୃପ୍ତ ମଧ୍ୟ ସୂଚେଇ ହେଲେ ବି ଏଡ଼ି ଦେଇ ପାରିବେ ନାହିଁ । ତାକୁ ଏଡ଼ିବାକୁ ଚେଷ୍ଟା କରିବା ମାନେ ଅବସ୍ଥା ହୋଇଯିବ ବାରଣ୍ଡା ଢଙ୍କା — ଠୋ, ଠୋ, ମଦନ ଗୋପାଳ ।

ପିଲାଟି ଦିନରୁ ପ୍ରକୃତି ସାଙ୍ଗରେ ଖୁସିମନ ଲାଗେଇ 'କରି ସୁନେଇ ଗଢ଼ିଥିଲା ତାର ରୂପ, ରେଖ, ଯାହାକିଛି । ସେଠି ଗୃହିଣୀଙ୍କ କଣ ଚଳାଇ ଯାଇଥାନ୍ତା ? ତା ନୁହେଁ ସେ ଆଜି ସେ ଦିନ ତାର ନାହିଁ । ମାଳ ଡୋଙ୍ଗର ତଳର ସାବଜା ଗଛବୃଛକୁ ସେ ଭୁଲି ସାରିଲାଣି ରାଜିବା ସାଙ୍ଗରେ ପଳାଇ ଆସିଲା ଦିନୁ । ସେଇ କଥା ସ୍ମରି ତା ଆଖିରୁ ଝରି ପଡ଼ିଲା ଲୁହ । ରାଜିବା ପାଇଁ ସେ କଣ ନ କରିଛି ? ବାପ ମାଙ୍କୁ ଭୁଲିଛି, ଜନ୍ମସ୍ଥାନ ଭୁଲିଛି, ସାଙ୍ଗ ସାଥିଙ୍କି ଭୁଲିଛି ଭୁଲିଛି ତା ନାରୀ ଜୀବନର ରଙ୍ଗିନ ସ୍ୱପ୍ନ: ଆଉ ବାକି ରହିଛି ନିଜର ଜୀବନଟା । ହୁଏତ ତାକୁ ବି କେଉଁଦିନ ଭୁଲି ଯିବାକୁ ହେବ । ସେଇ ରାଜିବା କୁଆଡ଼େ ଗଲାଣି ସେ ଆଉ ନାହିଁ ଫେରିଆସି । ସୁନେଇର ଅବସ୍ଥା କଣ ତାକୁ ଅଜଣା ରହିଛି ? ଜାହା ଲି ଆଜି ଅରକ୍ଷିତ ପାଖରେ ଧାଇଁଆ ହେଲା, କିଏ ମାଡ଼ିଲା ଦୁଃଖେଇ ? ସେ ଧାନ ହେଉ, ଝଇରାତ ହେଉ, ଯାହାହେଉ, ଜିଦ୍‌ପଣରେ ଫେର ଫୁଟିବା ଭାବନା ରହିଲା ତ । ଆଖିର ଲୁହକୁ ମାର୍ଜନା କରିବା ଛଡ଼ା ଆଉ କିଛି ଉପାୟ ନ ଥିଲା ସୁନେଇର ।

✻ ଛପନ ✻

ସୁନେଇ ଆଖିର ଲୁହ ତଡ଼ା ନେଇ ବୁଡ଼ିଗଲା ଗଲା କୁଆଁର ପୁନଅ ସେ ବର୍ଷ। ଏକା ସେଇ ଜୁହଁ, ସୁନେଇ ଖଂଜାର ଲୁହ ଟେଲା ଟିକେଟା ମାଡ଼ି ଗଲେ କାର୍ତ୍ତିକ ମଗୁଣିର, ପୁଷ ତା ପଛକୁ ତା ପରେ ଆଗିଲା ପିଛିଲା ହୋଇ। ସଭି ପଛକୁ ଥିଲା ମାଘ, ସେ ବାଘପରି ମାଡ଼ି ବସିଲା ନ ଥିଲା ଲୋକକୁ ଶୀତର ଭୟ ଦେଖାଇ ସୁନେଇ ଭଳିଆ ନପାରିଲାର ଲୋକ, ଯାହାର ବସିବା ଥାନରୁ ଉଠିବା କଷ୍ଟକର, ସେ ବଞ୍ଚିବ କେତେଦିନ ? ତଥାପି ରାଜାବାଟର ଦେଖା ମିଳିବା ଦୂରେ ଥାଉ, ଖବର ଟିକିଏ ବି ମିଳିଲା ନାହିଁ।

ଅରକ୍ଷିତ ଥିଲାକୁ ରାମଦାସ ବୁଢ଼ା ପାଠି ବନ୍ଦ କରିଛି। ଗୋଟିଏ ବୋଲି ପୁଅ। ସେ ପୁଣି ପାଠଗଲାଣି। ତା କଥାକୁ ତଳେ ପକାଇ ପାରୁନାହିଁ ଦାସ ବୁଢ଼ା। ଏବେ କାଳର ପୁଏ— ପାଠୁଆ ହୁଅନ୍ତୁ, ଅପାଠୁଆ ହୁଅନ୍ତୁ ଟିକିଏ ଗୋଡ଼ ହାତ ପାଇଗଲେ ଘରର କାଢ଼ନ୍ତି ବଣ ଶବ୍ଦ। ତାଙ୍କ ଲେଖାରେ ବୁଢ଼ାବାପେ ହେଲେ ମଠମଣିଆ। ବାପଙ୍କ କଥାଗୁଡ଼ା ପୁଅଙ୍କ ମନକୁ ମୋଟେ ଯାଏ ନାହିଁ। ଫଳରେ ସଂସାର ଯୋଗାଙ୍କ ଆଗରେ ଗଲେ। କେତେ ବାପେ ପୁଅଙ୍କ ମମତ ଏଡ଼ି ନ ପାରି ତାଙ୍କରି କଥାରେ ଖାଲି ମିଳନ୍ତି, ଚିପ ହେଇ ଭସି ଯାଆନ୍ତି। ଦାସ ବୁଢ଼ାଙ୍କ ଅବସ୍ଥା ତଦ୍ରୂପ। ପୁଅ ଯେତେବେଳେ ଦାନ୍ତ ଦେଖାଉଛନ୍ତି, କରକାଧାନ ଆସିଲା ନ ହେଲା ନାହିଁ।

ଜାଣି କଣ ହେଉଛି, ସୁନେଇର ଅଜଣାରେ ବି ତାର ଖୁରୁସା ମାଡ଼ିଭାଗି କେତେ ଦୁଃଖ ପଡ଼ିଲାଣି ଅରକ୍ଷିତର ଦେହରୁ। ଏହାର ଉପକାର ସ୍ୱରୂପ ସୁନେଇକି ଅବଶ୍ୟ କିଛି ଦେବାକୁ ମନ କଲା ଅରକ୍ଷିତ। ଅରକ୍ଷିତର ମନରେ କଣ ଥିଲେ ଥାଉ ପଛେ,

କିନ୍ତୁ ପ୍ରତିଦାନ ପ୍ରତ୍ୟକ୍ଷ ଭାବରେ ଲୋଡ଼ନ୍ତି ସେ ସୁନେଇ ପାଖରୁ । ତାହାକୁ ଏ ପ୍ରଶ୍ନ କେବେ କେମିତି ଉଠିଲେ ଅପେକ୍ଷିତ କହେ, କଣ କ୍ଷତି ହେଲା ? ଲୋକଟି ବିପଦରେ ପଡ଼ି ଯାଉଛି, ଏପରି ଅବସ୍ଥାରେ ଜଣକୁ ସାହାଯ୍ୟ କଲେ ଯଦି କିଛି ଅଧର୍ମ ବା ଅନ୍ୟାୟ ହୁଏ, ସେ ଅଧର୍ମ ବା ଅନ୍ୟାୟ ମୋର । ସେଥିରେ କାହାରି ଆପତ୍ତି କରିବାର କିଛି ନାହିଁ । ପୁଅର ଏହିପରି କାର୍ଯ୍ୟକଳାପ ପଛରେ ଥାଏ ଦାସ ବୁଢ଼ାର ପୂରା ଖୋଲଣା ସମର୍ଥନ । କଥା କଥାକେ ଦାସେ କହନ୍ତି—କହେ, ଜାଣିବା ଶୁଣିବାର ବୟସ ଆସି ହେଲା । ଶାସ୍ତ୍ରରେ କହୁଛି—ଷୋଳବର୍ଷରେ ପୁଅକୁ ମିତ୍ର କହ । ମୁଁ ଏଥିଲାଗି କଣ କରିବି ? ଯାହାକୁ ଭଲ ନ ଲାଗୁଛି କି ଲାଜମାଡୁଛି, ସେ ମୁହଁରେ ଲଗା ଦେଉ ।

ଲୋକଙ୍କ ମୁହଁରେ କଥା କେତେବେଳେ କେଉଁ ରୂପ ନିଏ । ଘାଟର ସାଇପଡ଼ୋଶୀଏ ସବୁବେଳେ ଏଣିକି ଚୁପ୍‌ଚାପ୍, ଫୁସ୍‌ଫାସ୍ —ମା', ଦାସ ବୁଢ଼ା ପୁଅ ଅରକ୍ଷିତ ଆଉ ଘରକୁ ଯାଉନାହିଁ ଲୋ ମୋଟେ । ସଦାସର୍ବଦା ଖାସ୍ ସୁନେଇ କଡ଼ରେ ବସା ବାନ୍ଧିଲାଣି । ଆଲୋ, ଘଣ୍ଟିବ' କଣ 'ଇଥି ଧକାଟେ ଆଏ ପଟୁରୁ ନାହିଁ ସୁନେଇକି !

ସୁନେଇ କାନରେ କେଉଁ' ବାଜେ । ବାହାର ସମ୍ବଳ, ତା ଅଖିର ଲୁହ । କାହା ବଳରେ ସୁନେଇ ମୁଣ୍ଡ ଟେକିବ ? ଜଗତରେ ଅରକ୍ଷିତ ସାଙ୍ଗରେ ତାର ତା ସମ୍ବନ୍ଧ କଣ ? ଘଣ୍ଟିବପାଏ ଘରେ ଅରକ୍ଷିତ କାହିଁ ? ଉପରଠାଉ ଉଠିଆ ପ୍ରଶ୍ନ ଏଗୁଡ଼ା'କ, ନ ଜାଣିଲା ଲୋକଙ୍କ ମୁହଁରେ ଯାଉଛି । କିନ୍ତୁ ସୁନେଇ ମୁହଁରେ ଏ ପ୍ରଶ୍ନ ଟିକିଏ ବାହାରିବ ନାହିଁ । ଦୁନିଆରେ କିଏ

କାହାର ? ଖାଲି ଗୋଟେ ସମାଜ ଗଢ଼ିବା ପାଇଁ ଏମିତିବୃତ୍ତି ତୋର ମୋର ଧରାବନ୍ଧା ବ୍ୟବସ୍ଥା କରିଦେଇ ଯାଇଥିଲେ ସଂସ୍କାର ତାଙ୍କ ସୁବିଧା ହୁଅନ୍ତୁ---ସେ ସ୍ୱାର୍ଥ, ସେ .., ସେ ବାପା, ମା, ଦାଦି, ଖୁଡ଼ି ଏଇମିତି କେତେନ କଣ । ଯଦି ଜଣକର ପ୍ରାଣ ଅନ୍ୟର ହୃଦୟରେ କାନ୍ଦି ଉଠିଲା, ତେବେ ସେଠି ଏମିତିଆ କୋଉଠି ବାହ୍ୟଆବରଣ ନଥିଲେ କଣ ହୋଇଗଲା ? ସେଇଥିପାଇଁ ହୃଦୟ ବନ୍ଧନ ବୋଲି ଧରି ବା ବାଧ୍ୟ ।

ସୁନେଇର ରୁଚି ସିନା ଅତି କାଳିକା ଶିକ୍ଷା, ସଭ୍ୟତାର ସ୍ପନ୍ଦନ ଫେଣରେ ଘୂରାମଙ୍କା ହୋଇନାହିଁ, ତା ବୋଲି ସେ ରୁଚିକୁ ତାର ଅପ୍ରୀତିକର ବୋଲି ତ କୁହାଯାଇ ପାରେ ନାହିଁ । ହେଲେ, ଗାଁରେ, ସାଇରେ ଏ କଥା ବୁଝିଲେ ତ ହୁଏ । ସୁନେଇ କଥା ସେ ଗାଁରେ କ୍ରମେ ଏମିତି ଆକାର ଧରିଲା, ବାଟରେ ଚାଲିଗଲେ ଲୋକ ବି ପଦେ ନକହି ଛାଡ଼ିଲେ ନାହିଁ । କ୍ରମେ ସୁନେଇ ପକ୍ଷରେ ବଞ୍ଚି ରହିବା କଷ୍ଟକର ହୋଇ ପଡ଼ିଲା ।

ଏବେ ବେଳ ରାତି ରାତି ହେବାକୁ ଯାଉଛି, କେମିତି କେଜାଣି ଅଖୋଜା ଅଲୋଡ଼ା ଅରକ୍ଷିତ ଆସି ପହଞ୍ଚ ଗଲା ସୁନେଇ ଘରଆଗରେ । ଏଇ କେତେଦିନ ହେଲା ସୁନେଇର ଚିନ୍ତା ପଡ଼ି ଯାଇଥାଏ । ତା ଦେହକୁ ସୁଖ ନ ଥାଏ । ଝିଅପିଲା ଏକଡେକମ ନାହିଁ କହିଲେ ଚଳେ । ଅରକ୍ଷିତ କଣ୍ଠ ଚିହ୍ନା କରି ପଚାରିଲା--- ସୁନା, ଆଜି କେତେଦିନ ଏମିତି ପଡ଼ିଥିବୁ ଲୋ ? କାଲିଠୁଁ କୋଉଠି କଥା ମୋ କାନରେ ଉଡ଼ୁଛି । ଭାବିଛି, ଥରୁଟେ ଏ ଦିନେ ଚାହିଁବି ବୋଲି । ଏ କଣ କହୁଚୁ କହିଲୁ ?

ଅରକ୍ଷିତର ତା ଘରକୁ ଯାଆସ କରିବା ସୁନେଇ ଅଦ ଜାଣୁନା । କେଜାଣି ନାହାକ ତା ଅଗ୍ନି ଆଗରେ ହଜି ଯାଉଛି

* ଅଶେଷଠ *

ଗୋଟେ ନାରଖାର ଦୁନିଆ-ଯେଉଁଠି ମଣିଷ ଅନ୍ୟର ଆତ୍ମାକୁ ନ ଦେଖି ଦେଖେ ତାର ନାଲିଆ ଲୁହ । ମଣିଷର ସବୁ କଥାରେ ସବୁ କାର୍ଯ୍ୟରେ ରହି ଯାଉଛି କମିଶନ! ଗୋଟେ ଆପଣା ଉଦର ପୋଷା ହେବ । ଏମିତିଆ ଦୁନିଆରେ ପଛକେ ନ ଖାଇ ନ ପିଇ ପଡ଼ି ପଡ଼ି ପଚି ଷଢ଼ି ମରନ୍ତି, ମଣି ହୋଇ ମଣିଷ ଠାରୁ ମାନବୀୟ, ସହାନୁଭୂତି କେଉଁଠି ନାହିଁ । ତଳିଆ ଜେଲର ଉଚା ବାଘଡ଼ା ଭିତରେ ହୃଦୟର ଜନ । ଆସୁ ଚାଲି ନିନ୍ଦୁକ ଲଗାମ ଚିପି ନାହିଁ ଯିଏ, ତାଙ୍କ ଲୋକଙ୍କର ଲୋଭ ଭୁଲି, ଅପବାଦ ବାଣ ସେ କିଏ ନାହିଁ । ବରଂ ବୋକାର ଅବସ୍ଥିତର । ଯେଉଁଠି ଲୋକଙ୍କ ଭିତରେ ବାର ନାଦ ଛିଦ୍ରର ଭିଜି ମୋ ଅରକ୍ଷିତ ସତ୍ତ୍ଵଙ୍କ ଭିତରେ ପୁଣି ଟେକି ନିଆ ହୋଇ ପାରିବ ନାହିଁ । କେଉଁ ଦିନ ହେଲେ ସେହି ବନ୍ଧ ଯିବ ତାର ଭିତରେ ଅନ୍ୟମାନଙ୍କ ସାଙ୍ଗରେ ଏକାଠି ହୋଇ—କିଏ ଜାଣିଲା ?

ସେ କଣ୍ଠ କଣ୍ଠରେ ମୂର୍ଚ୍ଛା ଉପରୁ ମଥା ଟେକି କହିଲା ଅରକ୍ଷିତରେ, ମୋ ଦୁଃଖରେ ମତେ ମରିବାକୁ ଛାଡ଼ି ଦେ ବାପା । ମୋ ପାଇଁ ହାରି ଗୁହାରି କରି କଣ କା, କି ଲୋକହସା ହେଉଛ ? ମୋ ନିଜ କୁଢ଼ିଆ ହେଇଥିଲେ ତୋପରି ଲୋକକୁ ଖଟୁଲିରେ ବସେଇ ପୂଜା କରୁଥାନ୍ତି । ନାନ ବଂଶଙ୍କ ଉଦ୍ଧ ... ... ଆଜି ନ ଆସିବୁ ନାଇଁରେ ।

ଆଉ ବା କଣ କହିଥାନ୍ତା ନେଇ, ପେଟ କୋଡ଼ି ହୋଇଗଲା ଭିତରେ । କାଲିଠୁ ପେଟକୁ ଦାନା ଯାଇ ନାହିଁ ତାର । ଖାଲି ପେଟରେ ପିଲା ଗୋଡ଼ ଦୁଃଖରୁ ଲୋକ ଉପାସ ସହି ନ ପାରି । ସେ ମୂର୍ଚ୍ଛା ଭିତରେ ... ନାଡ଼ି ... ବାଏ ନିହ ନିଗାଡ଼ି ମକାଇଲା ଆଖିରୁ ।

ରାଣୀବା ଉଦରକୁ ରକ୍ତ ବୁଡ଼ିଲ ଦେଖିବାଇ ଉଠିଲା ଅରକ୍ଷିତ । ଲୋକଟା ମରି ଯାଇଥିବ ତ ଭଲେ କଥା । ବଞ୍ଚିଥାଇଁ ଯଦି ଦେଖିବାକୁ ମିଳେ ତେବେ ତାକୁ ଜଅନ୍ତା ପୋଡ଼ି ପକାଇଲେ ବି ଏତେ ଟିକିଏ ଦୋଷ ଲାଗିବ ନାହିଁ । ଅରକ୍ଷିତ ସୁନେଇର ଦୁଃଖ ଦେଖି ପାରିଲା ନାହିଁ ବେଶୀ ସମୟ । ମନେ ମନେ ହେଉଥାଏ ବୁଢ଼ା ମରି ଯାଆନ୍ତା କି, ସୁନେଇକୁ ନେଇ ତାଙ୍କର ଘରେ ଠାବ ଦିଅନ୍ତା । ଏଇ ଭାବନା ଭିତରେ ସୁନେଇର ଦେହଜଳା କଥା କେତେବେଳ କୁଆଡ଼େ ଯେ ଗୋଳେଇ ମିଶେଇ ହୋଇଗଲା, ଅରକ୍ଷିତ ଜାଣି ବି ପାରିଲା ନାହିଁ । ଗୋଟେ ଜିଦ୍‌ରେ ସେ ରାଣୀବାକୁ ଖୋଜି ପିବାକୁ ପ୍ରତିଜ୍ଞା କରି ସୁନେଇ ଝାଞ୍ଜା ଛାଡ଼ି ପଳାଇ ଗଲା ସେ ଦିନ

x x x

ମାଘ ଶୁକ୍ଳ ସପ୍ତମୀ । ଓଡ଼ିଶା ପ୍ରସିଦ୍ଧ ଚନ୍ଦ୍ରଭାଗାରେ ବୁଡ଼ ପକାଇବା ପାଇଁ ଭୁବନେଶ୍ୱର ଦେଇ ଧାଡ଼ି ଲଗାଇ ଦେଇଥାନ୍ତି ମୋଟର, ବସ୍, ପାଦଚଲା ଯାତ୍ରୀ । ସେତିକି ବେଳକୁ ଭୁବନେଶ୍ୱରର ଲିଙ୍ଗରାଜ ଆଗରେ ମସ୍ତବଡ଼ ଧରି ମେଳା ବସେ । ବହୁତ ଆଉ ବହୁତ ଲୋକେ ଭିଡ଼ ହୁଅନ୍ତି ସେଠି । ସେଥିର ବି ଲୋକ ସମ୍ପୂର୍ଣ୍ଣ । ବର୍ଷକରେ ଥରେ ଗୋଟାଏ ପର୍ବ । କେତେ ପ୍ରକାର ମନାସ କରି ଲୋକେ ସେଠିକି ଆସନ୍ତି । କାରଣ ସେ ଦେଖେ ଗୁମ୍ଫା— ଓଡ଼ିଶାର ପୁରୁଣା କୀର୍ତ୍ତି । ମନେ ସେ ଗୁମ୍ଫା ଭିତରେ ପଶିଲେ ଘଡ଼ିଏ ନମ୍ର ଇତିହାସ ବର୍ଣ୍ଣିତ ଓଡ଼ିଶାର ରାଜା ମହାରାଜାଙ୍କ ବଂଶଧର ବୋଲି ନିଜକୁ ମନେ କରି ଗର୍ବ ଅନୁଭବ କରେ । କର୍ପୂର ମିଠା ହାତ ମାରନ୍ତି, କମା ଖଣ୍ଡିକ ତ ଅଛି ! ପାନ ଖିଲି ପାଇଁ ଫରମାସ କରୁଁ କରୁଁ କେହି ବେଳେ ପାନ ଦୋକାନୀ ଆଗରେ ଅଜସ୍ର

ଖାଇଯାଏ ଠିକ୍ ନିଜେ ଦେଖିଥିଲା ଯେପରି, ଅଙ୍ଗରେ ନିଟଭଇଥିଲା ଯେପରି । କେନ୍ତ କେନ୍ତ ହୁଏତ ବେଳ ଭୁଣ୍ଡି ମଣିଷ ଜୀବନର ନହାନ୍ତି ଭଲ ପାହାଡକୁ ଓହ୍ଲାଇ ଯାଇ, ଆପଣାର କୁପ୍ରବୃତ୍ତି ଚରିତାର୍ଥ କରିବାକୁ ସେଠାରେ ଲୋକଗହଳରେ ମିଳି ଯାଇଥାନ୍ତି ।

ମେଲା ମଉଚ୍ଛବର ଦ୍ରବ୍ୟ ସମ୍ଭାର ଯେମିତି ସେଥର ରାଜୀବା ଦୁଆରେ ଧକ୍କା ଦେଉଥାଏ ମାଘ ସପ୍ତମୀ । ରାଜୀବା ସେ ଦିନ ସକାଳୁ ସକାଳୁ ଗାଧୁଆ ପାଧୁଆ ସାରି ଦେଇ ବସି ପେଡ଼ି ଦରାଣ୍ଡୁଥାଏ । କେଉଁଠୁ ଟଙ୍କା ପାଞ୍ଚଟା ମିଳିଲେ ଆଜି ଫୁଲିକି ନେଇ ସେ ଖଣ୍ଡଗିରି ମେଳାକୁ ଯିବ । ଦେହର ରକ୍ତକୁ ପାଣି ଫଟାଇ ଯାହା ସେ ଅର୍ଜିଥିଲା, ସେତକ ଗୋଟି ଗୋଟି ହୋଇ ସବୁ ନିକାଶ ଯାଇଗଲାଣି ଫୁଲିର ମର୍ଜି ଜଗାରେ । ଆଉ କାହିଁ ଥାଏ—ଆଗଲା ମଉସା ନା ଜହ୍ନ ପଇସା । ଏଇଲାଗେ ସାନଦିନ ଜାମବାନ୍ଧ । କାନଭରି ବାପୁ ନୋଟିସ୍ ମାରି ଦେଇଛି । ରାଜୀବା କରେ କଣ ? ଘଡ଼ିକ ବାଦ ଫୁଲି ଆସି ପହଞ୍ଚିବ । ସାଙ୍ଗରେ ଥିବେ ତା ମା ବୁଢ଼ୀ ଆଉ ନଖିଅ । କାଲିଠୁଁ ଜବାବ ଦିଆ ସରିଛି । ଆଉ ନିସ୍ତାର ନାହିଁ, ନାହିଁ ନାହିଁ । ଯେ କୌଣସି ବାଟେରେ ଟଙ୍କା ପାଞ୍ଚଟି ରାଜୀବାକୁ କେଉଁଠୁ ହେଲେ ବାହାର କରିବାକୁ ପଡ଼ିବ । ସାରା ଘରସ୍ତ କରି ପେଡ଼ିଟାକୁ ଖୋଜି ସାରିଲାଣି ସେ । କେଉଁଠି କଣା ପଇସାଟେ ବି ତା ହାତକୁ ଲାଗୁନାହିଁ । ଖାଲି ସେଇ ଗୋଟେ କେତେଖଣ୍ଡ— ନେଇ ଦେଇଥିଲା । ସେଇ ଗୋଟେ ଝଟକେ ହାତରେ ଧରି ରାଜୀବା ଅକାମରା ହୋଇ ବସିଗଲା ।

ଖଣକ ପାଇଁ ତା ଆଖିରେ ନାଚି ଉଠିଲା ସୁନେଇ—ଯେଉଁ ପାହାଡ଼ତଳିଆ ଝିଅଟି । ସୁନେଇର ଦୁଃଖ, ତାର କଷାଘାତ ରାଜୀବା ମନକୁ ଖଣ୍ଡିଆ ଖାବରା କରି ପକାଉଥାଏ ଫୁଲିର ଚିନ୍ତାକୁ

ଆଉଜେଇ ଦେଇ । ରଙ୍ଗିଆ ଝୁଟେଇ କଥା ମନେ ପକାଇ ଭୟ କରି ଯାଉଥାଏ । ମଣିଷକୁ ମାରି ଦେଇଥିଲେ ଲୋକ କ'ଣ ଏମିତି ଭୟ କରିବ ନାହିଁ । ନା, ନା—ସେ ଚିନ୍ତା କରିବାକୁ ରଙ୍ଗିଆ ଚାହେଁ ନାହିଁ। ସେ ଚାହେଁ ହାଲୁକା ଚିନ୍ତା—ଟିକେ ଫୁଲ ପରି ନରମ ଆଉ ଚରମ ।

ରାତ ଖଣ୍ଡେକ ରଙ୍ଗିଆ ହାତରୁ ଖସି ପଡ଼ିଲା ଘୁଣାରେ, ଘୁନଆରେ । ସେ ମନ ଭୁଲେଇବାକୁ ପଲଙ୍କତଳୁ ଉଠି ଆସିଲା ପଦାକୁ । ପୁଣିଥରେ ଆଦର କରି ପାଖେଇଗଲା ଜୀବନର ମହାଭୁଲ ସେଇ ପାଞ୍ଚଟଙ୍କା ପାଇବାର କଥାକୁ । ରାସ୍ତା ସେକଡ଼େ ସରକାରୀ ଘରମାନଙ୍କରେ ଥାଆନ୍ତି ସରକାରଙ୍କ ଦରମାଖିଆ ବାବୁମାନେ । ତା ଆଖିଆଗରେ ବସାଘରୁ ଜଣେ କିଏ ତାଙ୍କ ପିଲପିଚିକା ଲଦି ଚାଳିରେ ବୋଝେଇ କରି ବାହାରିଛନ୍ତି କୁଆଡ଼େ ବୋଧହୁଏ, ହେଇ ଝଙ୍ଗାଡ଼ିଶ ମେଳାକୁ । ରଙ୍ଗିଆ ମନରେ ଭାବ ଫୁଟିଲା । ଗୋଟେ ବ୍ରିଧା ଦରର ଟଙ୍କା ପାଇବା ପାଇଁ କାକୁ ବାଁଗଲା—..., ..., ସେ ... । ଗାଡ଼ିକରି ପାଟେଇଟାକୁ ନିଏ ମଝିଡ଼ିଲେ ଟଙ୍କା ଲଗାଇ ଖାଲିରେ ପୁଣ୍ୟ ।

ଜନ୍ମ ନେଲା ମୃତ୍ୟୁ । ଉଭି ବାଏ ତାର ମୃତ୍ୟୁ । ମନୁଷ୍ୟ ଏଇ ମୃତ୍ୟୁର ରହସ୍ୟ ଜାଣି ପାରିନି ! 

ଶ୍ରେଷ୍ଠ ଆସନରେ ଯେ ବସିଥାଏ, ଲୋକେ ତା ଉପରେ କେବେ କେବେଳେ ଈର୍ଷାନ୍ୱିତ ହୋଇ ଯାଆନ୍ତି—ଟିକେଡ଼େ ସୁଖ କରୁଛି; ବିଳାସ ବ୍ୟସନ ଭିତରେ ବୁଡ଼ି ରହିଛି । କିନ୍ତୁ ପ୍ରକୃତରେ ସେପରି ଆସନରେ ବସିଥିବା ଲୋକ ଯେ କେତେ ଧନ୍ଦା ଭିତରେ ଘାରି ହେଉଛି, ସେକଥା କାହାରିକୁ ଲାଗେ ନାହିଁ । କିମିତି ବା ଲାଗିବ ? ଭଗବାନ ମଣିଷ ଅନ୍ତରରେ ଏପରି-ଜାଲ

ବିଗୁଡ଼ି ଦେଇଛନ୍ତି, ସେ ଜାଲରେ ଛନ୍ଦି ହେବା ମାତ୍ରକେ ମଣିଷ ଭୁଲିଯାଏ ନିଜକୁ । ଆପଣା ଜୀବନ ପ୍ରତି ସେ ଏତେ ଅନୁରକ୍ତ ହୋଇଯାଏ, ଜୀବନଟାକୁ ସଫଳ କରିବାକୁ ହେଲେ ଯେଉଁ ସାଧାରଣ ଦୁଃଖକଷ୍ଟ ଟିକେକ ପଡ଼େ, ତାକୁ ବି ସହିବାକୁ ସେ ଅକ୍ଷମ ହୋଇଯାଏ । ତେଣୁ ସେ ଭଲ କାମରେ ଜୀବନଟାକୁ ଲଗାଇ ପାରେ ନାହିଁ । ସେ ସ୍ପୃହା ତାର ରହେନାହିଁ ମୋଟେ । ଯାବତ ଅପକର୍ମ, କୁତ୍ସାରଟନା କରିବାକୁ କିଛି କଷ୍ଟ ପଡ଼େ ନାହିଁ ତାକୁ । ତେଣୁ ସେ ତାହାହିଁ କରେ । ଜୀବନରେ ଦୁଇଟି ପଥ ତା ପାଇଁ ଖୋଲାଥାଏ । ଗୋଟିଏ ସର୍ଜନା ଓ ଅନ୍ୟଟି ନଷ୍ଟ । ସର୍ଜନା ପାଇଁ ନିର୍ଦ୍ଦିଷ୍ଟ ପଥଟି କଣ୍ଟକିତ ଆଉ ନଷ୍ଟର ପଥଟି ସହଜଗମ୍ୟ । ଜାଲର ଘେର ଭିତରେ ରହି ମଣିଷ ହୋଇଯାଏ ଖୁବ୍ ସୁବିଧାବାଦୀ । ତେଣୁ ତା ଆଖିକୁ ସହଜଗମ୍ୟ ପଥଟି ପରିଷ୍କାର ଦେଖାଯାଏ, ଆଉ ଜୀବନସାରା ସେ ଧାଏଁ ସେଇ ନଷ୍ଟ ପଥରେ ।

ରଣୀବା ଅନେକ ଦିନରୁ, ବିଶେଷତଃ ତାର ଜନ୍ମମାଟି ଛାଡ଼ି ପର ପାଖରେ ହାତ ପତାଇବାକୁ ବାଧ୍ୟହେବା ଦିନରୁ ନଷ୍ଟର ପଥଟିକୁ ବାଛି ନେଇ ସାରିଛି । ଆଜି ପାଞ୍ଚ ଟଙ୍କାର ଗରଜ ଲାଗି ସେ ଚୋରି କରିବାକୁ ଠିକ ବସିଛି । ଏଥିରେ ଆଶ୍ଚର୍ଯ୍ୟ କଥା କଣ ଅଛି ? ଯେ ନଷ୍ଟ ହେଲା, ତାର ସଦ୍‌ଗତି କାହିଁ ?

ରଣୀବା ବୋଧହୁଏ ଏଥିପୂର୍ବରୁ ତା ଜୀବନରେ କେବେ ଚୋରି କରି ନଥିଲା । ତା ନହେଲେ ସେ କାହିଁକି ଭୁଗୁଟାରେ ଏତେ ପରିଶ୍ରମ କରି ପାରେଣି ଯେଉଁ ସରକାରଙ୍କ ଦରମାଖିଆ ବାବୁଙ୍କ ଘରେ ପଶିଥାନ୍ତା ? ବାଟରେ ଝାଡ଼ାଫେରି ନାଁ ପକାଇବାକୁ ଯିଏ ମନ କରିବ, ସିଏ କାହିଁକି ନାଳଝାଡ଼ାରୁ ଥୋପାଏ ଫେରିବା ପାଇଁ ଏତେ କଷ୍ଟ ସହିବ ? ଚୋରିବିଦ୍ୟା

ହାସଲ କରିଥିବା ଲୋକ ହୋଇଥିଲେ ସେ ମୋଟେ ଆଉ ଆଖିରେ ଗୁହାଁନ୍ତି ନାହିଁ ଏମିତିଆ ବାବୁଙ୍କ ଘରକୁ । କାହିଁକି ଗୁହାଁବ ? କିଣି ପାରିବ ଯେ ଗୁହାଁବ ? ମାସକ ଯାକ ଦରମା ଖଟଣି ଖଟି ଶୁଣ୍ଡା ପରି ଯେଉଁ ଗଣ୍ଡାକ ମାସ ଶେଷକୁ ପାଆନ୍ତି, ବାବୁଙ୍କ ଘର ପର୍ଯ୍ୟନ୍ତ ସେତକ ଆସେ କି ନାହିଁ ସନ୍ଦେହ ଖାଲି ଫୁଟାଣି ଦେଖାନ୍ତି ନା—

ରାଜୀବା ବହୁଶ୍ରମ ସହକାରେ ପାଚେରୀ ଡେଇଁ ସେ ବାବୁଙ୍କ ଘରେ ପଶିଲା । ଛାତି ଖାଲି ଦମ ଦମ ହେଉଥାଏ । ଘର ଦୁଆର ମୁହଁରେ 'କେଉଁ ଅନିଆ କାଳର ଜଙ୍ଗ ଲଗା ତାଲା ଟୋଟାଏ ଗୋଟାଏ ଝୁଲୁଥାଏ । ତାଲୁ ଛୁଉଁ ଛୁଉଁ ସେ ଗୁଡ଼ା ଟେକ୍ କରି ଖୋଲିଗଲା । ଘର ଭିତରେ ପଶି ଦେଖିଲା ବେଳକୁ ଝୋଳିଆ, ଭଙ୍ଗା, ଚେୟାର, କୁଜା ହୋଇ ଟ୍ରଙ୍କ, ବାକ୍ସ ମାଳ ମାଳ. ଅଥଚ କେଉଁଥିରେ କାଣି କଉଡ଼ିଟାଏ ବି ହେଲେ ମିଳିବା କଷ୍ଟ । ହତାଶ ହୋଇ ଯେଉଁ ସଜରେ ଆସିଥିଲା ଭିତରକୁ, ସେହି ସଜରେ ଫେରିଗଲା ରାଜୀବା—ଛିଃ, ଏଗୁଡ଼ାକ ଏମିତି ଅଲକ୍ଷୁଣା ବାବୁ, କୁଲି ମଜୁରିଆଙ୍କ ଠୁଁ ବି ହୀନ !!

ଜୀବନରେ ବାଟ ଭୁଲିବାକୁ ମଣିଷ ବେଳେ ବେଳେ ଏମିତି ଭୁଲିଯାଏ ଯେ ଭୁଲଟାକୁ କରି ଧୋକା ନଖାଇଲା ଯାଏଁ ତାଲୁ ଗୁରିଆଉ ଅନ୍ଧାର ଦିଶେ । ଗୋଡ଼ରେ କଣ୍ଟା ଫୁଟିଲେ ମଦନିଶାରୁ ଆଖିଝାଡ଼ି ଉଠିଲାପରି ତାର ମୋହ ଭାଙ୍ଗେ—ଆରେ ବାଟ ଛାଡ଼ି ମୁଁ ଅମଡ଼ା ମାଡ଼ି ଯାଉଛି । ଛିଃ, ଫେର୍, ଫେର୍·····

ରାଜୀବାକୁ ଏମିତି ଲାଗିଲା, ଟଙ୍କା ପାଞ୍ଚଟି ନ ପାଇଲେ ଯେମିତିକି ତା' ଜୀବନଟା ଠକ୍ କରି ଛିଡ଼ିଯିବ । ଲୋକ ଅଭାବରେ ପଡ଼ି କୁଆଡ଼ୁ କିଛି ନ ପାଇଲେ ଶେଷକୁ ଚେଷ୍ଟା କରିବାକୁ

ପ୍ରଲୁବ୍ଧ ହୋଇଥାଏ । ରାଜୀବା ତ ସେ କଥା କରିବାକୁ ଛାଡ଼ି ନାହିଁ ? ଆଉ ବାକୀ ଅଛି କଣ ? ହଁ, ଅଛି—ସେ କରନ୍ତି କଳ ପାଖ ବଡ଼ ଗୁଲୁଗୁଲା ଦୋକାନରୁ ହାତ ସଫେଇ କରି ମାରି ଆଣିବ କଥା । ତେଣିକି ପାଞ୍ଚ ହେଉ ବା ପଚିଶି ହେଉ-ତା କପାଳ ।

ସେ'ଠି ପହଞ୍ଚି ଦେଖିଲା ବେଳକୁ ମାଲିକ ନାହାଁନ୍ତି । ଦୋକାନର ତିନି ଭାଗ ଖଣ୍ଡଗିରି ମେଳାକୁ ଉଠାଇ ନେଇଛି । ସାବକ ଦୋକାନରେ ପିଲାଟିଏ ଅଛି । କେହି ଗଲା ଅଇଲା ଖୋଜି ବସିଲେ ବେସନରେ ତିଆରି ଜିଲେବିକାରି ସେଥିରୁ ଗଣ୍ଡାଏ ଆଉ କପେ ଚାହା ଯୋଗାଇ ଦେଉଛି । ରାଜୀବା ତୃପ୍ତି ହୋଇ ବସିଥାଏ ସେହି ଦୋକାନର ଖଣ୍ଡେ ବେଞ୍ଚ ଉପରେ । ପିଲାଟାର ଗତିବିଧି ଠଉର କରୁଥାଏ । ପିଲାଟା ତାକୁ ଥରେ ଦି'ଥର ପଚାରି ସାରିଲାଣି ସେତେବେଳକୁ—କଣ ଦରକାର ? ରାଜୀବା ବାଆଁରେଇ କରି କହୁଥାଏ—ନାଇଁରେ, ଖଣ୍ଡଗିରି ଯାଉଥିଲି, ମୁଣ୍ଡଟା କାହିଁକି ବୁଲାଇ ଦେଲା । ବସି ଯାଇଚି ଟିକଏ ।

ଘଡ଼ିଏ ଖଣ୍ଡେ ଧଲା ଉପରୁ ପିଲାଟିକୁ ପରସ୍ତା ଦେଖାଇଲା କି କଣ, କାହିଁକି ସେ ଟିକଏ ଦୋକାନ ବାହାରକୁ ଆଡ଼େଇ ହୋଇଗଲା । ଠିକ୍ ସେତିକିବେଳେ ମଉକା ଦେଖି ରାଜୀବା ଦୋକାନର କାଠ ବାକ୍ସରୁ ଅନ୍ଧାରୁଆ କରି ମାରି ଆଣିଲା ଯାହା ପାଇଲା । ବାସ୍, ଆଉ ସେ ପିଲା ସାଙ୍ଗରେ ତାର ଦେଖା ହୋଇ ନାହିଁ । ଥୋଡ଼ାବାଟ ଧଇଁସଇଁ ହୋଇ ଦଉଡ଼ି ଆସିବା ପରେ ରାଜୀବା ହାତମୁଠା ଖୋଲି ଅସମ୍ଭାଳ ହୋଇ ଚାହିଁ ଦେଲା ବେଳକୁ ପାଞ୍ଚଟଙ୍କିଆ ନୋଟ୍ ତିନିଖଣ୍ଡ ।। ଆଖିଆଗରେ ଦିଶିଗଲା । ନିଅ ଆନନ୍ଦ ରାଜୀବାର । ଘଡ଼ିକ ଏଣିକି ସେଇଁ ଭଗବାନବୋଲି

## ✻ ଛଷଠି ✻

ଗୋଟେ କାଠ, ପଥରକୁ ସେ ରାଗ ତମ ତମ ହୋଇ ମନେ ମନେ କେତେ କଣ ଗାଳିଦେଇ ଯାଉଥିଲା, ତାକୁ ନେଇ ଥୋଇଦେଲେ କେତେ ଉପରେ—ଭଗବାନ ମାଲିକ—ପିସ୍‌କୁ ଦେତା ହେ, ଛପର୍‌ଫାଡ୍ କର୍ ଦେତା ହେ ।

ଆଖି ପିଛୁଡ଼ାକେ ରାଜାବା ମୁଣ୍ଡରେ ଖେଳିଗଲା କେତେ କସମର ଭାବନା । ଆଜ ଫୁଲ ଆସିଲେ ସବୁଥର ପରି ଯାଚହୋଇ ବସ ଆଗଭୁର କଥା କହିବ ନାହିଁ । ଅବଶ୍ୟତ ଫୁଲ ଗୋଠଲେଇ ଘୋଳେଇ ହେବ ! ସେଇଠୁ ରାଜାବା କହିବ ନାଇଁଲେ, ତୁ ଆଉ କାହାକୁ ସାଙ୍ଗରେ ନେଇ ଯାଇଥା ଅ.ଜକ—କାଲିଆଡ଼କୁ ପଛକେ ତୁଁ ଆଉଥରେ ନେଇଟିବ । ମୋ ଦେହଟା କାହିଁକ ତମାରୁ ସୁଖ ଲାଗୁନାହିଁ । ମନ ହଉଚ ପାଆନ୍ତୁ ନାହିଁ । ଯଦି କୌଣସି ପ୍ରକାରେ ତା ବୁଢ଼ୀ ମା ଠା ଘରକୁ ଫେରି ଯାଆନ୍ତା, ତେବେ ତ କେତେବାର ଆଜ ରାତିଟା ରାଜାବାର କଟନ୍ତା ଖଣ୍ଡଗିରି ଗୁମ୍ଫାରେ ଫୁଲ ସାଥିରେ । ନଟିଆଠା କୁଆଁଟା—ଆଖି ଦେଖାଇ ଦେଲେ ଶୋଇ ପଡ଼ନ୍ତା ଥିର ହୋଇ ।

ଅସରନ୍ତି ଭାବନା ସେ—ଏତେ ଜଲ୍‌ଦି ସରୁଛି କୁଆଡ଼ୁ ? ସାମନା ପଟରୁ ଭଁ, ଭଁ ଶୁଭିଲା—ମୋଟର ଗାଡ଼ିଟେ ଆସୁଛି କି କଣ । ରାଜାବା ଚମକି ପଛ ଅନାଇଦେଲା—ନେଳି ରଙ୍ଗର ମୋଟର ଖଣ୍ଡେ ପବନ ବେଗରେ ଉଡ଼ି ଆସୁଛି । । କଡ଼ରେ ଘଷି ହୋଇ ଚାଲିଗଲା ବେଳେ ଉଡ଼ା ଗୁହ୍ଳିଟେ ପକାଇଦେଇ ରାଜାବା ଚେତାଶୁଖା ହୋଇ ଠିଆ ହୋଇ ପଡ଼ିଲା ରାସ୍ତା କଡ଼ରେ । ମୋଟର ଭିତରେ କାହାକୁ ସେ ଦେଖିଲା ? ପଛ ଜଣକ ତ କାନଚଇଟିବାବୁ, ତା କଡ଼କୁ ଲାଗି ବସିଛି ସେ ମାଇପିଟି କିଏ ? ଠିକ୍ ତ ଫୁଲପରି ଦିଶୁଛି ସେଇମିତି କୁଞ୍ଚକୁଞ୍ଚିକା ବାଳ,

## * ସତଷଠି *

ସେଇମିତି ରେଙ୍କା ମୁହଁ—ତାକୁ ଉପରେ ଆଜି ଓଠତଳକୁ ଢାଙ୍କିଛି କଳାଚଟା—ଆଉ କଣ ସେ ଫୁଲ !

ଟଙ୍କା ପଇସାର ମୋହ ମଣିଷଅଟିରେ ଭେଳିକି ଲଗାଇଦିଏ । ମଣିଷର ନୈତିକ ଜୀବନରେ ତାର ଏତେଦୂର ପ୍ରଭାବ, ସେ ମଣିଷକୁ ତାର ଗନ୍ତବ୍ୟ ପଥରେ ସୁବିଧାରେ ଚଳିବାକୁ ଦିଏ ନାହିଁ । ଯେଉଁମାନେ ପୁରୁଷାନୁକ୍ରମେ ପଇସାର ଶେଯ ବିଛାଇ ଶୋଇ ଆସୁଛନ୍ତି, ସେମାନଙ୍କ କଥା ନିଆରା । କିନ୍ତୁ ଯେଉଁମାନେ ନିମ୍ନ ସ୍ତରରେ ଥାଇ ପଇସା ମୋହରେ ଓଟାର ହୋଇ ଆଗକୁ ମାଡ଼ି ଚାଲନ୍ତି, ସେମାନଙ୍କ ଆବରଣ ତଳେ କ୍ରମେ ଜାଗିଉଠେ ନାନା ପ୍ରକାର ଅବିଚାର, ଅସଦାଚରଣ—ମୋଟାମୋଟି କହିବାକୁ ଗଲେ ଗୋଟେ ନିତାନ୍ତ ଜଘନ୍ୟ ପାଶବିକ ପ୍ରବୃତ୍ତି । ତାଙ୍କ ନିକଟରେ ପଇସା ତୁଳନାରେ ପାରିବାରିକ ମାୟା ମମତା ହୋଇଯାଏ ଅତି ନଗଣ୍ୟ—ଏପରିକି ବାପ ମା ପର୍ଯ୍ୟନ୍ତ ବି ପଛରେ ପଡ଼ି ରହନ୍ତି ଅବହେଳାରେ, ଘୃଣାରେ । ମଣିଷଟା ଆଖି ଥାଉଁ ଥାଉଁ ପାଲଟେ ଗୋଟେ ନିପଟ ଅନ୍ଧ ।

ନିତି ମୂଲଲଗାରେ ଚଳୁଥିଲା ଫୁଲ ମୂଲିଆଣୀର ସଂସାର । ତିନି ତିନୋଟି ପ୍ରାଣୀ ସାଗଠୁଁ, ଖତଠୁଁ ସବୁ ସେଇ ଫୁଲର ମୂଲ ମଜୁରିରେ କିଣି ପେଟ ପୋଷୁଥିଲେ । ଜଳଜଳା ବୟସଟାର ଉତ୍ପାତ ସହି ନ ପାରି ଫୁଲିର ମନ ଭିତରେ ଭିତରେ ଝୁରିହେଲା ଯଉକ ଅରଜିବାକୁ । ସେତିକିବେଳେ କୁହୁଳା ନିଆଁ ଟିକି ଫୁଙ୍କି ଫାଙ୍କ ଜଳାଇଦେଲା ଗର୍ଜିବା । ଫୁଲି ଆଗରେ ଝୁଟାଇଦେଲା ଝାଲବୁହା ପଇସାର ସୁଅ । ଯୌବନର ଖସଡ଼ା ପଥରେ ଫୁଲି ଆଗେଇ ଚାଲିଲା ପଇସାର ସୁଅ ତୋଡ଼ରେ । ଯେଉଁ ସୁଅର ଜନ୍ମ ଶ୍ରେଷ୍ଠିଆ ପାହାଡ଼ ନାସିରୁ, ସେ ଅବା କେତେବାଟ ବହି

ଯାଇ ପାରିବ ? ସେମିତିଆ ସୂଅ ପଛରେ ଧାଇଁ ଘସି ଶିଖିଛି ଯେ, ସୂଅର ଧାର ଟିକେ ଶୁଖିଗଲେ ତାର ଅବସ୍ଥା ଯାହାହେବ, ଫୁଲର ଅବସ୍ଥା ଠିକ୍ ସେହିପରି ହୋଇଗଲା । ଫୁଲକୁ ଆଗପରି ପଇସାର ସୂଅ ମୁହଁରେ ଉଡ଼ାଇ ନେବାକୁ ରଞ୍ଜିବା ହାତରେ ଆଉ ପାଣ୍ଠି ନାହିଁ । ଯେତେହେଲେ ମୂଲିଆ ମୁଣ୍ଡଟେ ସିଏ, ତା ପାଖରେ ଏତେ ପଇସା ବା ଆସିବ କୁଆଡୁ ?

ଗୋଦରୀକୁ ଶ୍ରୀମତି କହିଲେ ସେ ଗୋଡ଼ ବୁଲାଇ ବୁଲାଇ ପକାଏ । ଫୁଲ ସୁନ୍ଦର ହେଉ ନ ହେଉ, ରଞ୍ଜିବାର ଆଦର ଆଉ ପ୍ରଶଂସାରେ ତା ମନରେ ଉଦୟ ହେଲା ଗୋଟେ ରୂପଗର୍ବ । ସେହି ଗର୍ବ ହି ଗୁଣ ତେଜି ଉଠିଲା, ରଞ୍ଜିବା ଯେତେବେଳେ ଅଯାଚିତ ଭାବରେ ଯୋଗାଇ ଦେଲା ପ୍ରସାଧନର ସାମଗ୍ରୀ । ଭଲକା ଭଲ ପତଳା ମିଲ୍ ଶାଢ଼ୀ, ବାସନା ତେଲ, ବାସନା ସାବୁନ୍ । ଫୁଲର ମନବଗିଚାରେ ହସିଉଠିଲା ସୌଖିନ ଆଶାକଳି ପାଖୁଡ଼ା ପସାରି । ଜୀବନଟାକୁ ସରସ ସୁନ୍ଦର କରି ଉପଭୋଗ କରିବାକୁ ତା ପ୍ରାଣରେ ଚେତି ଉଠିଲା କେତେ ନୂଆ ନୂଆ ଭାବନା । ଅବାଧ, ଅବଚ୍ଛିନ୍ନ ଭାବରେ ସୁଖ ସଂଭୋଗ ଲାଭ କରିବାର ସୁଯୋଗ ଯାହାକୁ ମିଳେ, ତା ର ଜୀବନ ଇତିହାସର ଗୋଟେ ନୂଆ ପୃଷ୍ଠା ଖୋଲା ହୋଇଯାଏ । ଆଶାତୀତ ଭାବରେ ଦେଖାଦିଏ ପରିବର୍ତ୍ତନ । ଫୁଲ କାମଚୁଡ଼ିଲା, ଦାମଚୁଡ଼ିଲା, ବାଧା ନାହିଁ, ବନ୍ଧନ ନାହିଁ, ହାନି ଲାଭ, ଭଲ ମନ୍ଦରେ ପଦେ କହିବାକୁ ଦୋଷଗୁଣ ବାଛିବାକୁ କେହି ନାହିଁ । ଡ଼ାଳୁଅ ଯୋଗୁଁ କାନଶିରୀ ପାଣି ପାଇଲାପରି ଝିଅଥିଲାକୁ ମା ବୁଢ଼ୀ ଆଉ ନଖିଆ ହେଁ ନ ଖାଇଲା ଭରିକି ଲୁଖିଲେ, ନ ଦେଖିଲା କଥା ଦେଖିଲେ । ମା ବୁଢ଼ୀ ବୁଝିଲା ଏକା ଫୁଲ ଥିଲେ ତିନି ତିନିଟା ପୋଷିଲା ସୂଅ ସାଙ୍ଗେ ସରି ।

ପଇସାକ ଯାଗାରେ ଦ ପଇସା ଖର୍ଚ୍ଚ କଲେ ମୂଲ୍ୟକ କବ୍ଜିବାକୁ ସାହାସ କଲନାଇଁ ତା ମା । ପରଦେଶ, ଘରଦେଶ କୁଆଡ଼ୁ ଆସେ ଯାଏ କୁଆଡ଼େ ?

ରାଜୀବାର କ୍ଷୁଦ୍ର ମସ୍ତିଷ୍କ ଏତେ ବଡ଼ ବିରାଟ ଭାବର ଆଧାର ହେବାକୁ ସକ୍ଷମ ହେଲନାହିଁ । ସେ ବୁଝିପାରିଲା ନାହିଁ ଯେ ଯେଉଁ ସୌନ୍ଦର୍ଯ୍ୟ ଦର୍ଶନରେ ଦୁନିଆ ପାଗଳ ହୁଏ, ଯେଉଁ ବିମୋହିନୀ ରୂପର ନିଆଁରେ ଝାସ ଦେବାକୁ ବୁଭୁକ୍ଷୁ ଜନତା କୀଟ, ପତଙ୍ଗ ପରି ବଗବଗ ଜ୍ଞାନଶୂନ୍ୟ ହୋଇ ଛୁଟେ, ସେ ସୌନ୍ଦର୍ଯ୍ୟର ବି କଟୁ ଅଭିଶାପ ଅଛି; ସେ ରୂପର ବି ଅବସାନ ଅଛି । ଗରିବନ୍ ଯେ ଦୁଃଖୀ, ଦୁଃଖହିଁ ତାର ସୁଖ । ତା ନିକଟରେ କୋଟିପତିର ସୁଖ ଅତି ତୁଚ୍ଛ ମନେ ହୁଏ । ସେ ସୁଖ ଦୁଃଖୀର ଇପ୍‌ସିତ ନୁହେଁ । ତେଣୁ ସେ ତାର ଦୁଃଖର ଜୀବନ ଭିତରେ ପାଏ ସୁଖ—ସଂସାରର ଶିପୁଡ଼ାରସ । ତାର ଚଳାକୁଡ଼ିଆ ଆଗର ଅନାବନା ଘାସଫୁଲ କେତେଟା ବାଡ଼ିଦିଏ ସ୍ୱର୍ଗର ନନ୍ଦନ-କାନନ ପାରିଜାତର ସୁଷମା । ଧନୀକର ମନଗଢ଼ା ସୁଖ ଗରିବନିଆ ନୁହେଁ । ଦୁଃଖୀ ଯଦି ସେପରି ସୁଖର ପଶ୍ଚାଦ୍‌ଧାବନ କରେ, ତେବେ ପାଇବ କଣ—ଅପମୃତ୍ୟୁ । କାରଣ ସେ ସୁଖ ପ୍ରକୃତ ସୁଖ ନୁହେଁ । ପ୍ରକୃତ ସୁଖ ଥାଏ ଦୁଃଖର ଆଧାରରେ ।

ପାହାଡ଼ ନାସିର ଗ୍ରେଟିଆ ପାଣିଧାର ପରି ରାଜୀବାର ଧନ ଶେଷ ପାଇଗଲା । ତା ସାଙ୍ଗକୁ ତାର ମନର ଶୋକଟିକ ମରି ଯାଇଥିଲେ ଅବା ସେ ମୁକ୍ତି ପାଇଥାନ୍ତା । ସୁନେଇର ନିଃସଙ୍ଗ ଜୀବନର ହାହାକାର ରାଜୀବାର ବିଦେଶୀ ଜୀବନରେ ଜାଳିଦେଲା ଶେଷ ପ୍ରଲଙ୍କରୀ ହା ହୁତାଶ । କଣ ନ କରିଛି ରାଜୀବା ? ବିଗତ ମାସ ମାସ ଧରି ତାର ହାଡ଼ଭଙ୍ଗା ପରିଶ୍ରମର ମୂଲକୁ ସେ ସୁନାର

## ✻ ସତୁରି ✻

ରୂପସଜ୍ଜାରେ ତିଳ ତିଳ କରି ଆହୁତି ଢାଳି ଦେଉଛି । ସୁନେଇର ହଜାର ଆଶା, ଆକାଂକ୍ଷା, ଅନୁରୋଧକୁ ସେ ରାସ୍ତା ଘାଟରେ ଜନ୍ଦାପିମ୍ପୁଡ଼ି ପରି ପାଦରେ ମାଡ଼ି ଦଳି ଦେଉଛି । ବଣ ପାହାଡ଼ ଘେରା ଭେଟନଇ ଗାଁ ତଳର ସବୁଜ ଶ୍ୟାମଳିମା ଉପରେ ଗୋଟେ କଳା ପରଦା ଟାଙ୍ଗି ସେ ମନ ବେଦରେ ଜାଳୁଛି ହୋମକୁଣ୍ଡ ଝୁଲି ଝୁଲିଆଣ । କପିଳେଶ୍ୱର ଗାଁ ବାଉଅଭୁଇଁର ଗୋଟେ ଲଙ୍ଗୁଳି ଝିଅ, ଯେଉଁଠି ଲୋକେ ଦୁଇବେଳାରେ ଓଳିଏ ପେଟ ପୂରାଇ ଖାଇବାକୁ ନ ପାଆନ୍ତି ସେଠିକେ ରୂପର ପ୍ରସାଧନକୁ ଜଗିଥାଆନ୍ତି ଜୀବନଧନ କରି ।

ରଞ୍ଜାବାଉ ମନେ ପଡ଼ିଗଲା କାଲିର ସଞ୍ଜ ପହରର କଥା । ସାତ ଆଠ ଦିନ ପରେ ରାଣୀନିୟମ ପକାଇଲାରୁ ଫୁଲି ଆସିଥିଲା କାମକୁ । ରଞ୍ଜାବାଉ ରାଣୀ ନିୟମର ମୂଲ୍ୟ ଫୁଲି ବୁଝିଛି । ଏତିକରେ ଅନ୍ତର ତାର ପଶିଗଲା ବିଜୟ ଗର୍ବରେ । କିନ୍ତୁ ଫୁଲି ତ ସେଥିଲାଗି ଆସି ନଥିଲା । ସେ ଆସିଥିଲା ଭିନ୍ନ ଉଦ୍ଦେଶ୍ୟରେ । ଅସଲ କଥା ଦୁଇ ହାତରୁ ପାଣି ଶୋଷ । ବାସନା ସାବୁନ୍ ସରିଗଲାଣି । ବେଣୀ ପାରିବାକୁ ନାଲିଆ ଫିତା ଦରକାର । ରାତି ପାହିଲେ ହେବ ଖଣ୍ଡଗିରି ମେଳା । କଣ ନେଇ ସେ ମେଳା ବଜାରରେ ତା ରୂପର ବାସ ଚହଟାଇବ ? ଭୁବନେଶ୍ୱର ମନ୍ଦିର ପାଖରେ ଭଡ଼ାଟିଆ ଘରେ ଯେଉଁ ବଙ୍ଗାଳୁଣୀଟି ଥାଏ, ତା ସାଙ୍ଗରେ ନିଜକୁ ସରିସମ କରିବ ? ଯେନତେନ ପ୍ରକାରେଣ ସେ ଦିନର କାମକୁ ର,ଠ କରି ସାରିଦେଇ ସେ ରଞ୍ଜାବାକୁ ସାଙ୍ଗ କରି ପଳାଇ ଆସିଲା । ରଞ୍ଜାବାଉ, ସବୁବେଳେ କୁ ସେ ପଲଟା ଭିତରେ ବସି କଣ ଏତେ ଭାଉଜ କଥା ଭାବୁଛି ? ମନେ

ଅଛି ନା, ରାତି ପାହିଲେ ଖଣ୍ଡଗିରି ମେଳା । ମତେ କଣ ଦେଖେଇ ନବୁନାହିଁ କି ?

ଏଥିରେ ରାଜୀବାର ଅନ୍ତର ଶିହରି ଉଠିଥାନ୍ତା ପୁଲକରେ, ଉଠିଥିଲା ମଧ୍ୟ । କିନ୍ତୁ ସେ ଶିହରଣ ବଦଳିଗଲା ଆଉ ଗୋଟେ ପ୍ରକାରେ । ଯେଉଁଥି ସକାଶ ରାଜୀବ ପ୍ରମାଦ ଗଣୁଥିଲା, ଠିକ୍ ସେଇ କଥା, ସେଇ ଭାବନା ଟେକାଇ ଫୁଲି ମୁହଁରୁ ବାହାରିଲା ଅବାରଣ, ଅନର୍ଗଳ । ତୋ' ଉପରେ ମୁହଁ ଭାରି କରିଛିରେ ମୋ ମା । ଆଜି କାମକୁ ଆଇଲାବେଳେ କହୁଚି—ଆଲୋ ଫୁଲି, ତୋ'ସେ ରାଜାବା'ଇକି ଥରେ କାଲି କି ଗୋଗ୍ ଦେଖେଇଲୁ ନାହିଁ ? କାହିଁ ମ, କି ଭାଇ କଣରୁ ନେଲୁ ? ଆଜି କହିବୁ ନା ତାକୁ ମତେ ଟିକିଏ ଖଣ୍ଡଗିରି ମେଳା ଦେଖେଇ ଆଣନ୍ତା । ବୁଢ଼ୀ ଲୋକ, ଏତେଗୁଡ଼େ ବାଟ କଣ ପାଦରେ ଚାଲି ଯାଇପାରିବ ? ମତେ ବୁଢ଼ୀଟା ଉପରେ ଭାରି ରାଗ ଲାଗିଲା । ଅନାମ, ବୁଢ଼ୀଟାର କି ସୁଆଗ । ନିଜେ ମୋ ମୁଣ୍ଡରେ ବେଣୀ ପାରିବାକୁ ଖଣ୍ଡେ ନାଲିଆ ଫିତା ନାହିଁ । ଏଣେ ପୁଣି କ'ଣ ହେଉଚି, ନା—ଦିନକଟୁଁ ସାବୁନ ସରିଗଲାଣି ଯେ ପୁଣି ଖଣ୍ଡେ କିମିତି ଆଣିବ, ମତେ ଚିନ୍ତା ପଡ଼ୁଚି, ସେଥିରେ ପୁଣି ବୁଢ଼ୀଟାର ଶୁଖିଲା ସୁଆଗ । କହିଲି ମଲାମୋର, ସୁଆଗୀ ବୁଢ଼ୀ, ଏଢ଼େନେ ଭ ଏମିତି ଖେଳୁପର ହେଇ ଆସେ ଲୋ ତତେ ? ମନଟା ଖଟା ଲାଗିଲା, ପଳେଇ ଆସିଲି କାମକୁ ।

ରାଜୀବା ମୁଣ୍ଡରେ କାମୁଡ଼ି ଦେଲା ଚେମ୍ପୁଲିଆ ବସ୍ତୁ । ସେଦିନ ଡାକଘରୁ ଖଣ୍ଡେ ଚିଠି ପାଇଥାଏ ରାଜୀବ । ଗାଁରୁ ଆସିଥାଏ । ଲେଖିଥାଏ ନିଜେ ଅରକ୍ଷିତଅ । ଚିଠି ଗୋଟାକଯାକ ପଢ଼ିନାହିଁ ସେ । ମଝିରେ ମଝିରେ ଯାହା କେଉଁଠି କିମିତି ଆଖି ପଡ଼ି

ଯାଉଛି, ସେତିକି । ଠାଆକେ ଲେଖା ହୋଇଛି—ସୁନେଇ ମଲା ମୁହଁରେ ପଡ଼ୁଛି । ପାଟିକି ପାଣି ଟୋପେ ବି ଯାଉନାହିଁ । ଆଗରେ କୁତିକିଆ ହେବ । ଚଟି ପାଇଲାମାନେ ବସିଲା ଥାନରୁ ଉଠି ଆସିବୁ··· । ଗାଁର ଚଟିଗୁଡ଼ାକ ବାଘଭାଲୁ ପରି ଗର୍ଜିବାକୁ ଡରୁନ୍ତି । ସେ ଡରି ଗଲାଣି । ବେଶୀ ଡରୁ, କାଲେ କେଉଁଦିନ ଚଟିଖଣ୍ଡେ ସୁନେଇର ଜୀବନର ଅପନଭଙ୍ଗା 'ଖବର' ଆଣି ପହଞ୍ଚିଯାଏ !

ଏତିକି ବେଳେ ଫୁଲି ଖୋଲି ବସିଲା ତା ଭାଗବତରୁ ଅଧ୍ୟାୟେ । ଯେଉଁଠି ବାଘର ଭୟ, ସେଇଠି ହେଲା ଅନ୍ଧାର ରାତି କିଏ କଣ କରିବ ? ଫୁଲିକି ମାଣ୍ଡିଆ ଜାଉ ଖୁଆଇଛି ନକେ ଗର୍ଜିବା । ଭୋକିଲା ଥିଲା ଫୁଲି । ସେକି ଜାଣେ ଥଣ୍ଡା ଗରମ । ଖୁଆଇବା ଲୋକ ସିନା ସେତିକି ଜଗି ଥାଆନ୍ତା, ଭାବି ଥାଆନ୍ତା । ଆରେ, ଗରମ ଜାଉ ଉହୁଉହୁ କରି ଖାଇ ଦେଲେ ପେଟ ଖୋଳି ଝାଡ଼ା ହେବ । ଫୁଲି ପାଞ୍ଚ ମାରିଲେ ଗର୍ଜିବା ବଢ଼ାଇଦିଏ ପଚାଶ । ଏବେ ଫୁଲିକି ଝାଡ଼ା ବେମାରି ଧରିଛି । ଗର୍ଜିବା ସେ କଥା ସମ୍ଭାଳିବ ନାହିଁ ତ ଆଉ ସମ୍ଭାଳିବ କିଏ ? ଗର୍ଜିବା ଔଷଧ କାଠି ନ କଲେ ଫୁଲି ଗୁଳିବ ଅନ୍ୟ ବଇଦ ଲୋକ । ଏଥିରେ ସନ୍ଦେହ କଣ ଅଛି ?

କାଣ୍ଠି କୁଣ୍ଠି ହିସାବ କରି ଗର୍ଜିବା ଦେଖିଲା ନହାତ ଟଙ୍କା ପାଞ୍ଚୋଟି ନ ହେଲେ କାମ ଚଳିବ ନାହିଁ । ଛେଉଁ ପେଟର ଝାଡ଼ା-ଝାଡ଼ି କଲେ କେଜାଣି ଅବା ମିଳିଯିବ ଭାବି, ଗର୍ଜିବା ଫୁଲିକି ଜବାବ ଦେଲା—ଫୁଲି ତୁ ଇମିତି ଲୋ ସତେ ? ଆଲୋ, କୋଉ ଭାଉଜ କଥା ଭାବୁଛି ତୁଁ ? କହିଲୁମିତି, ମୁଁ ମରୁଥାଏଁ ତୋରି ପାଇଁ, ତୋତ ଟିକିଏ ଶରଧା ନାହିଁ । ଏ ସଞ୍ଜବେଳଟାରେ

ପଇସା ପଚ୍ଚ କଣ ଦେବୁ, ତୁ ଯାଆ କି କାଲି ସକାଳୁ ଝିଅଙ୍କ କାମସାରି, ତୋ ବୁଢ଼ୀମା ଆଉ ନଖିଆ, ଯୁଆଙ୍କୁ ସାଙ୍ଗରେ ଧରି ଏଇ ମୋ ପଲ୍ଲ କଟକ ବାହାରି ଆସିବୁ ଯେ, ଗୋଟେ ବଳଦ ଗାଡ଼ି ଭଡ଼ା କରି ଖଣ୍ଡଗିରି ଯିବା । ସେଇଠି ତୋ ପାଇଁ ସାବନା ଆଉ ଫିତା କିଣି ଦେବୁ । ସତେତେଲେ, ନାଲି ଫିତା ଖଣ୍ଡେ ତୋ ମୁଣ୍ଡକୁ ଖାପ୍ ମନେଇବ ।

ଉଇଁ ଆସୁଥିବା ବରଷିଲ୍ ମେଘ ପବନ ଧକ୍କାରେ ଫେରିଗଲ୍ ଭଳି ଫୁଲିର ମନଟି ଝାଉଁଳି ପଡ଼ିଲା ଭିତରେ । ମୁହଁ ପଡ଼ିଗଲା ଫିକା । ମଲା, କାଲି କଣ ମିଳନ୍ତା ନାହିଁକି ? ଆଜି ଖଣ୍ଡେ ଫିତା କିଣିଥିଲେ କାଲି ତାକୁ ମୁଣ୍ଡରେ ବାନ୍ଧି ମେଳା ଦେଖିଯିବାକୁ କହୁଥିଲା ନା !

ଗଞ୍ଜବାର ମନ ହେଉଥାଏ ଫୁଲିର ସେଇ ଗୋଲଗାଲ ଦେହଟିକୁ ଦୁଇ ହାତରେ ଜାବୁଡ଼ି ଧରି କହନ୍ତା—ଛିଃ, ମୋ ସୁନାଟା, ଫୁଲି ତୁ ଏମିତି ମୁହଁ ଓହଳେଇବୁ ନାଇଁଟି ଲୋ । ଫୁଲିର ଗାଲଟି ଠିକ୍ ରହିଯାଇ ଥାନ୍ତା ଗଞ୍ଜବାର ଓଠ ପାଖରେ । ଶହ ସୁନେଇଙ୍କୁ ପଦାଘାତ କରି ସେ ଗଢ଼ନ୍ତା ତାର ଆଉ ଗୋଟିଏ ନଖୁଣ ସୁନେଲ ଦୁନିଆ !

ଏତେ ସୁନ୍ଦର ଚମ୍ପାଫୁଲ ଭିତରେ ଏପରି ଉତ୍କଟ କାଣ୍ଟ ଅଛି ବୋଲି କିଏ ଜାଣିଥିଲା ?

ଗୋବନ୍ଦା ଫୁଲିକ ଆପଣାର କରିବାକୁ ଅନେକ ପ୍ରକାର ଚେଷ୍ଟା କରି କରି ଅଟକିଲା, ତଥାପି ଫୁଲି ତା ଫାଳରେ ପଡ଼ିଲା ନାହିଁ । ଶେଷକୁ ତାକୁ ଗୋଟେ ବୁଦ୍ଧି ଦିଶିଲା—କାନତରାଣି ବାବୁକୁ ପଟାପଟି କରି କୌଣସି ପ୍ରକାରେ ମନାଇ ପାରିଲେ ଫୁଲି ହୁଅନ୍ତା ତାର । ଗଞ୍ଜବାଟା କାନତରାଣି ବାବୁ ପାଖରୁ ବଳେ

# ❋ ଚଉସ୍ତର ❋

ବଳେ ଛୁଞ୍ଚି ବୋଳରୁ ବାନ୍ଧି ଦେଇ ପଳାନ୍ତି । କିନ୍ତୁ ନ ହେଲେ ଖୁଣ୍ଟିବା କେଞ୍ଚାଏ ପାଆନ୍ତା ତ । ଏଇ କଥା ମନେରଖି ଗୋବିନ୍ଦା ଚେର ଉଣ୍ଡି ତା ସଙ୍ଗରେ ଥାଏ । ଠିକ୍ ସେଇଦିନ କେଜାଣି କମିତି କାନଚଗିଟି ବାବୁ ଗୋବିନ୍ଦାକୁ ମଜୁରି ଦେଲାବେଳେ ଏକୁଟିଆ ଦେଖି ପଚାରିଲେ—ହଇରେ ଗୋବିନ୍ଦ, ସ୍କୁଲ ଘରକୁ ଗଲାଣି ନା ଅଛୁ ? ଟିକିଏ ତାକୁ କହନ୍ତୁ ଆଜିକ ଆମ ବସାରେ କାମଦାମ କଣ ଟିକେ କରିଦେଇ ଯାଆନ୍ତା ।

ହଜିଲା ବଳଦ ଖୋଜଲା ଠାଇଁ, ଗୋବିନ୍ଦା ମଉକା ଦେଖି କହିଲା—ବାବୁ, କଣ ଗୋଟେ ଦରମା କରିଦେଲେ ଫୁଲି କହୁଥିଲା, ତମ ବସାରେ ସବୁଦିନେ କାମ କରନ୍ତା, ବଚୁଣି ଗରିବ ଲୋକ । ନିଜେ ନ ଖଟିଲେ, ନ କଲେ ଗୁଜରାଣ ଚଳୁନାହିଁ । ଠିକା ମୂଲ ମଜୁରି ନିଅଣ୍ଟିଆ ହଉଚ ।

କେତେ ଦେଲେ ଚଳବରେ ? କାନଚଗିଟି ବାବୁ ଉଙ୍କରେ ଚଙ୍କ ପଡ଼ିଲା ପରି ପଚାରିଲେ ।

ତମେ ସେ କଥା ବୁଝି ବିଚାରି କହିବ ନା—ଗୋବିନ୍ଦା କହିଲା ।

ଆଚ୍ଛା, ପରବାୟୁ ନାହିଁ । ସେ ଯେତେବେଳେ ଯାହା ମାଗିବ, ଦିଆହେବ । ତୁ ଯା ତାକୁ ଡାକି ଆଣିବୁ ।

ରୂପସାଗର ଭରା ପସରା ଭିତରେ ଚହଲା ଅଭିମାନରୁ ଚଳାଏ ପକାଇ ଫୁଲି ଗୁଳଥାଏ ଏକା । ରେଳବାଡ଼ିରୁ ଚଳକୁ ଗଡ଼ିଗଲା ବେଳକୁ ପଛରୁ ଡାକ ଶୁଣି ଅନାଇ ଦେଲା ସେ । ଗୋବିନ୍ଦା ଛୁଟିଛି ଧାଁ ମଲି ହୋଇ ।

କଅଣ କରେ ଗୋବିନ୍ଦାଇ ? ଏମିତି ଅଣନଶ୍ୱାସିଆ ଧାଇଁଚ୍ କାଇଁକି ?

## ❊ ପଞ୍ଚଦଶ ❊

ଗୋବିନ୍ଦା ଦମ୍ ନେଇ କହିଲା—ଚୋରି ପାଇଁ ଲୋ, ତୁ ସିନା ଆଜି ଆଖିରେ ଚୁହୁଁନୁ, ହେଲେ ମୋ ମନରେ ସେଥିଲାଗି ଟିଗ ଅହନା ନାହିଁ । ଆଲୋ, କାନଭଗତି ବାବୁ ଭଟେ ଘରି ଛଗର ଜରି କହିଚନ୍ତି ପିବାକୁ । ତାଙ୍କର ଜଣ ଇମିତ ଗରଜ ପଡ଼ିଚ କେଜାଣି, କହିଲେ ଶହେଟଙ୍କା ପଡ଼ିଲେ ପଛେ ଦେବି, ତୁ ଟିକଏ ଯାଆନି ଗୋବିନ୍ଦା, ଫୁଲିକି ଏଇ ଲଗେ ଡାକି ଆଣିବୁ । ମୁଁ ତ ସେଇଠୁ ଧାଇଁଚି ।

ଫୁଲିର ଅଭିମାନଭରା ମନ ଶହେଟଙ୍କାର ମୋହ ଏଡ଼ି ପାରିଲା ନାହିଁ । ଜାତି, ଧର୍ମ, ମାନ, ଅପମାନ—ଏ ସବୁରେ ଜଳାଞ୍ଜଳି ଦେଇ ପୋଷା ବିରାଡ଼ି ପରି ସେ ଗୋବିନ୍ଦାର ଅନୁସରଣ କଲା, କାନଭଗତି ବାବୁଙ୍କର ସାହାଯ୍ୟ ସହାନୁଭୂତି ଆଶାରେ । ଏ କଥା ସ୍ୱାମୀବାର ଅଜଣା ରହିଗଲା ।

ସେ ଦିନ କାନଭଗତି ବାବୁଙ୍କର ପିଲାଏ ନ ଥାନ୍ତି ବସାରେ । ଗୋବିନ୍ଦା ଫୁଲିକୁ ସାଥିରେ ନେଇ ପହଞ୍ଚାଇ ଦେଲା ସେଠି । ସୁବର୍ଣ୍ଣ ସୁଯୋଗ ମିଳିଗଲା ବାବୁଙ୍କୁ । ଫୁଲିର ଉପସ୍ଥିତିରେ ବିହ୍ୱଳ ହୋଇ କାନଭଗତି ବାବୁ ଖାଲି କରିଦେଇଥିଲେ ଗୋଟା ଗୋଟା ବୋତଲ । ସେ ଦିନକାର ରାତିଟି ତାତି ଉଠିଥିଲା ନୂଆ ରାଜଧାନୀର ଗୁପ୍ତ ଉପରେ ଦୁଇଟି ଜୀବନ ରଙ୍ଗ ଭୂମିର ରଙ୍ଗିନ୍ ପଛେ ପରିବର୍ତ୍ତନ କରି । ବାବୁଙ୍କ ଘରଜଗା ଚାହାନା ଦେଇ ବିଚରା ଗୋବିନ୍ଦାଟା ରାତି ଗୋଟାକ ଯାକ ଫୁଙ୍ଗୁଳା ଦେହରେ ପଡ଼ି ରହିଥିଲା ଦାଣ୍ଡପଟ ବାରଣ୍ଡାରେ ।

କେତେ ହର୍ଷ ବିଷାଦର ଉଠାପଡ଼ା ଘଟଣା ବୁକୁରେ ଧରି ସେଦିନ ରାତିଟି ଅପସରି ଗଲା ଧରଣୀ ବକ୍ଷରୁ । ରଖିଗଲା ଗୋଟେ ଗୋଟେ ଦାଗ ଅଙ୍ଗେ ନଭେଇଲା ଲୋକଙ୍କ ମନରେ ।

## * ଛସ୍ତର *

ଫୁଲର କଅଁଳ ତନୁପଲ୍ଲବ ଦୋହଲାଇ ବହିଗଲା ଏକ ଯୌବନର ଝଡ଼ । ରାଜବାର ଝାଳ ବୁହା ଧନରେ ପରିପୁଷ୍ଟ ଜଣକର ଅଙ୍ଗ ଲାଗିଗଲା ଧମାକ ପୁଞ୍ଜିପତିର କାମରେ । ଏଇତ ଦୁନିଆର ଚାଲି ! ଲୋକ ଚାକଚକ୍ୟରେ ଭୁଲି ସବୁ ଦିନିଆକୁ ଆଡ଼େଇ ଦିଏ; ଦିନକିଆକୁ ଆଦରି ନିଏ । ଏ ସବୁ କେବଳ ପଇସାର କରାମତି । ପଇସାର ପାଦତଳେ ଖୁବ ଶକ୍ତିଶାଳୀ ସାମ୍ରାଜ୍ୟ, ଶାସନ ବି ମୁଣ୍ଡ ନୁଆଁଏ କାଳେ କାଳେ ।

ସକାଳ ହେବା ମାତ୍ରେ କାନତରାଟି ବାବୁଙ୍କର ବରାଦ ଚାଲିଲା ଗୋଟିକ ପରେ ଗୋଟିଏ । ଲୁଲା ମକୁରିଆଙ୍କର ପେଟକଟା ଧନ ହିନା ସୁଧରେ ଲଗାଣ ହୋଇଗଲା ଭୁବନେଶ୍ୱରର କେତେ ମନୋହାରୀ ଦୋକାନରେ, ଶାଢ଼ୀ ଦୋକାନରେ । ମୋଟର ଗାଡ଼ି ଖ[illegible] ଅଚଳ ହୋଇ ପଡ଼ିଥିଲା କେତେ ଦିନରୁ, ସେ ଖଣ୍ଡି ବି ମରାମତି ହୋଇଗଲା । ଅଳପର ଲୋକ ଫୁଲ ମୂଲିଆଣୀ ଆଖିର ବନ୍ଧ ପରେ ବନ୍ଧ ଟପି ଉଠିଲା କେଜାଣି କେତେ ଉଚ୍ଚକୁ—ଯେଉଁଠି ଠିଆ ହୋଇ ତଳକୁ ଚାହିଁଲେ ଏତେବଡ଼ ଧରାଟା ଗୋଟିଏ ସରାପର ଦିଶେ । ଜୀବନଟା ଧୂଆଁବାଣ ହୋଇ ଉଡ଼ିଯାଏ ଗୋଟେ ଫୁତ୍କାରରେ । ମୁହୂର୍ତ୍ତକର ମୋହରେ ପଡ଼ି ସେ ବୁଝି ପାରିଲା ନାହିଁ ଯେ ସେତେ ଉଚ୍ଚରୁ ଯେବେ ଛିଡ଼ିକି ପଡ଼େ ତେବେ ପରିଣାମ କଣ ହେବ । ରାଜବାର ସୁଖର ସଂସାରରେ ସେ ଏଇ ଯେଉଁ ନିଆଁ ଲଗାଇ ଦେଲା, ସେଥିରେ ରାଜବା ପୋଡ଼ି ମରିବ ନାହିଁ ଯେ ପୋଡ଼ିବ ଏକା ସେଇ ଫୁଲ ।

ସେ ଦିନ ରାତିଟା ଯାକ ରାଜବାର ଖାଲି ସପନ ଦେଖାରେ କଟିଥାଏ କି ଜଣ ଯେ କୁଆ କା କଲାମାତ୍ରେ ସେ ବିଛଣାରୁ ଖୁଡ଼ଙ୍କ ପରି ଉଠିବସି ଟଙ୍କା ପାଞ୍ଚୋଟି ଖୋଜିବାରେ ଲାଗିଗଲା

## ✳ ସତସ୍ତରି ✳

ବେଳେବେଳେ ଲୋକଙ୍କୁ ତାଙ୍କ ପ୍ରିୟଜନଙ୍କ ଅପେକ୍ଷା ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତିର ମମତା ବେଶୀ ଲାଗେ । ଟଙ୍କା କେତୋଟି ପାଇଁ ରାଜିବା ଚୋରି କଲା, ହାତ ସଫେଇ କଲା, ଯାହା କରିବ ବୋଲି ସେ ଭୁଲରେ କେବେ ହେଲେ କଳ୍ପନା କରି ନ ଥିଲା । ସେ ପରି କାମ କଲା—ତେବେ ?

ତେବେ ? ତେବେ—ଏ କଣ, ସେଇ ଫୁଲି ! ରାଜିବାର ଅଖି ଫାଡ଼ ହୋଇଗଲା । ସେ ପାଞ୍ଚଟଙ୍କିଆ ନୋଟ ତିନିଖଣ୍ଡ ହାତ ମୁଠାରେ ଜାବୁଡ଼ି ଧରି ଚାହିଁଗଲା ଚାରି ଆଡ଼କୁ ପରିସ୍ତେ । ତା ଚାରି ପାଖରେ ଚଳମାନ ଜନତା ମୁଖର, ଚଞ୍ଚଳ, ହୋଇ ଉଠିଛି ଆପଣାର ସ୍ୱାର୍ଥସିଦ୍ଧି ପନ୍ଥାରେ । ବାପ ପୁଅକୁ ଆଦର କରୁଛି ଜୀବନର ଶେଷକାଳରେ ପୁଅଠାରୁ ସେତିକି ସୁଧ ସମେତ ଆଦାୟ କରିବା ପାଇଁ, ଭାଇ ଭାଇକି ଖୋଜୁଛି ଆପଣାର ଅଭାବ ମୋଚନ କରିବା ପାଇଁ, ସ୍ୱାମୀ ସ୍ତ୍ରୀର ମନନେଉଛି ଠେଲି ଦେଉଥା ଦରରେ ସେତିକି ସ୍ତ୍ରୀଠାରୁ ଅସୁଲ କରିବା ପାଇଁ । କେବଳ ଏକା ସେଇ ଜଣେ, ରାଜିବା, ଯେ କି ହରାଇଛି ଦୁନିଆରେ ତାର ବୋଲି ଯାହାକିଛି ସବୁ । ଆଜି ସେ କାଙ୍ଗାଳ, ସର୍ବହରାଙ୍କ ପରି ଦାଣ୍ଡ ମଝିରେ ଠିଆ ହୋଇ ଖୋଜୁଛି ନିଜକୁ । ଭେଟିନଇର ସେଇ ବର୍ଷକ ଆଗର ରାଜିବ ପାନକୁ । ଆଖି ଆଗରେ ଦିଶି ଯାଉଛି ସ୍ୱପ୍ନେଇ—ଆଖିରେ ତାର •ଜମାଟ ବନ୍ଧା ଲୁହଧାର, ଚିଠି ପରେ ଚିଠି ଲେଖି ଚାଲିଛି । କିନ୍ତୁ ସବୁ ବୃଥା । ରାଜିବାର ଗଣ୍ଡିଖଣ୍ଡା ଅର୍ଜନରେ ତିଆରି ବିଳାସର ସୌଧ ଉପରେ ଠିଆ ହୋଇ ଫୁଲ ମୂଳିଆଣୀ ବିସ୍ତାରି ଦେଇଛି ଭାନୁମତୀର କୁହୁକ ଜାଲ । ପ୍ରକୃତିର ସନ୍ତାନ ହୋଇ ରାଜିବା ତାର ଶାସନ ବିରୁଦ୍ଧରେ ଅଭିଯାନ କରୁଛି । ଆପଣାର ମାଟିକୁ ଫିଙ୍ଗି ଫୋପାଡ଼ି ସେ

## * ଅଠସ୍ତରୀ *

ଅନ୍ୟର ମାଟି ଖୋଳୁଛି···ନା, ନା ଏଜାଲ ତାକୁ ଛୁଣ୍ଡାଇବାକୁ ପଡ଼ିବ ଏ ମୋହ ଭାଙ୍ଗିବାକୁ ହେବ । ସେଇଠୁ ସେଇ ସଜରେ ଧାଇଁଲା ସେ ଖଣ୍ଡଗିରି ଆଡ଼େ ଏକ ମୁହାଁ ହୋଇ ।

ଫୁଲର ଆନନ୍ଦ କହିଲେ ନ ସରେ । ସେଇ ଆନନ୍ଦ ଭିତରେ ଛୁଞ୍ଚି ସୂତା ଭିଅପରି ଦଶିଯାଉଥାଏ ରାଜାବା କେତେ-ବେଳେ କେମିତି, ମନକୁ ଥରାଇ ଦେଉଥାଏ ଏକ ଅଜଣା ଆଶଙ୍କାରେ । ଯଦି ତାକୁ ଖୋଜି ଖୋଜି ରାଜାବା'ନ ଆସି ପହଞ୍ଚିଯାଏ ?

କି, ଆସୁ, ଆସିଲେ କଣ ହୋଇଯିବ ? କଣଟେ କରି ପକାଇବ ସେ ? ଫୁଲ ତ କଣ୍ଟ୍ରାକ୍ଟ ଲେଖା ପଢ଼ି କରିଦେଇ ନାହିଁ ଯେ ସେଇ ରାଜାବା ଛଡ଼ା ଆଉ କାହାରି ସାଙ୍ଗରେ ସେ କୁଆଡ଼େ ଯିବନାହିଁ । ମୂଲିଆ ମୁଣ୍ଡ—ଯେଉଁଠି ମୂଲ ପାଇଲା ସେଠି ଲାଗିଲା । ନସଟି ରାଜାବା ଛାଡ଼ି ମହାରାଜାବା ହେଲେ ପାଟି ଫିଟାଇବାର ଯୁ ନାହିଁ ।

ଉଦପୂର୍ତିର ହାଣ୍ଡି ଗୁମ୍ଫାକୁ ଲାଗି ଗୋଟିଏ ରାସ୍ତା ମୋଡ଼ି ମୋଡ଼ି ହୋଇ ଜଙ୍ଗଲ କଡ଼ରେ ବୁଲି ଯାଇଛି । ବର୍ଷା ପାଣିରେ ଗାଲିସରା ଚଢ଼ା ପାହାଡ଼ ଉପରେ ସେଇ ଅଙ୍କାବଙ୍କା ରାସ୍ତାଟି ପାଦକୁ ଖାଉ ମୁନାରେ ଲଗେ । ରାସ୍ତାର ଦୁଇ ପାଖରେ କେତେ କାଣ୍ଡିଆ ଜଙ୍ଗଲି ଫୁଲ ଗଛ ଶାଖା ତରରାଇ ପାହାଡ଼ ଶିଖ ଉପରକୁ ମାଡ଼ି ଯାଇଛନ୍ତି । ତାଙ୍କ ଭିତରୁ ଗୋଟିକର ଡାଳ ଧରି ଠିଆ ହୋଇଥାଏ ଫୁଲି । ମୁଣ୍ଡ ଜୁଡ଼ାରେ ଖୋସା ହୋଇଥାଏ ଜଙ୍ଗଲି ଫୁଲର ଠାହିଆ । ବାସନାରେ ଚହଟି ଯାଉଥାଏ ସେ ଧାନ ମଳାକ । ଗବରେ ଫୁଲି ଉଠୁଥାଏ ନାକପୁଡ଼ା । ୫୦ ଉପରେ ଖାଲି ଟୋପି ଟୋପି ଲଖିରହି ଗଛ ଗୁଇଡଳ ଗୁପି-

ଟେଣିକି ହାନି ଲାଭ ହେଲେ ମୁଁ ବୁଲାଇବି । ଗାଁରେ, ସାଇରେ ଆମେ କାହାର ଧାରିଥିଲେ ସିନା ତା ପାଖରେ ମୁଣ୍ଡ ନୁଆଁଇବା ନଇଲେ ତାଙ୍କ କଥାରୁ ଆମକୁ ମିଳିବ କଣ ? ନାହିଁ ତ ତମେ ଯଦି ରାଜି ନ ହୁଅ, ତେବେ ତମ କଥା ତମେ ବୁଝ । ମୁଁ ମୋର ଚାଲିଲି ।

ଆରେ କୁଆଡ଼େ ଚାଲିଲୁ ? କହି ଦାସେ ଜଭ ହେଲଠାକୁ ବାଉଳାରେ ଦାଣ୍ଡ ମଝିକି ଫୋପାଡ଼ି ଦେଇ ଅରକ୍ଷିତ ପାଖକୁ ଧାଇଁ ଆସିଲେ । ତୁ କଣ ବାୟା ହେଲୁ ଅରକ୍ଷିତ ? କରେ ତୁ ନ ହୋଇ କଣ ଏ ଗାଁ ସାନ୍ଧଆ ହେବେ ? ରାମ ବୋଲ, ତୁ ଆଜି ପାଇଁ ଝୁଅଠ ସେ ସୁନାକୁ ନେଇ ଆସିଲୁ । ଆରେ ମୋରେ ବାପ୍‌ରେ, ବାପ୍‌ରେ ।

ସେଇ ମୁହୂର୍ତ୍ତରେ ଦାସବୁଢ଼ାଙ୍କ ଠୋପର ଖଂଜା ଶଗଡ଼ରେ ବଳଦ ଯୋଚା ହେଲେ । ଅରକ୍ଷିତ ପାଞ୍ଚଣ ଖଣ୍ଡିକ ଧରି ଶଗଡ଼ ଝରୀ ଉପରକୁ କୁଦି ପଡ଼ିଲା । ବାଟଯାକ ଭାବୁ ଥାଏ, ସୁନେଇ ମୋଠବ ରାଣୀବା କଥା ପଚ୍ଛରେ ତେବେ ଅରକ୍ଷିତ କଣ କହି ତାକୁ ବୋଧ କରିବ । ବନେଶ୍ୱର ନୂଆ ରାଜଧାନୀରେ ତିନଦିନ କାଳ ଅବକାଶ ବୁଲି ରାଣୀବାକୁ ଖୋଜିଛି ସେ, ହେଲେ ତାର ଚିହ୍ନ ବର୍ଣ୍ଣବ ମିଳିଲା ନାହିଁ । ଯାହାକୁ ପଚାରିଲେ ସେ ମଥା ହଲାଇ ଦେଇ ଚାଲିଯାଏ । କେବଳ ସେଇ କୁଲୀ ଜଣକ କଏସେ କହିଲା—ହଁ, ହଁ ରାଣୀବା ବୋଲି ଜଣେ କଏ ସେ କେଉଁ ପଂଜାବି କାନଟ୍ରାକ୍ଟି ପାଖରେ କାମ କରୁଥିଲା, କୁଆଡ଼େ ଗଲା କେଜାଣି । ଅରକ୍ଷିତର ଫେରି ଆସିବା ଛଡ଼ା ଆଉ କିଛି ଉପାୟ ନ ଥିଲା । ସେ ଆହା-ଟିହେଉ, ସୁନେଇକି କେଉଁ କଥା କହିଲେ ସେ କଣ ବାଗ ରଖିବ ! ତାକୁ ଥାକ ଦେଇ କହିବାକୁ ପଡ଼ିବ । ଯେବେ ନ ପଚାରିଲା ତ

ନାହିଁ, ଯେବେ ପଶୁରେ ଅର ତ କହିବ—ସାଜବା ଅଛୁଲୋ ସୁନା, ସେ ଭୁବନେଶ୍ୱରରେ ଜଣେ ହାକିମଙ୍କ ପାଖରେ ନଉକରୀ କରୁଛି । ଛୁଟି ନ ମିଳିବାରୁ ଆସି ପାରୁ ନ ଥିଲା । ତୋ ଚିଠି ଗୁଡ଼ାକ ସେ ଜମାରୁ ପାଇ ନାହିଁ । ପାଇଥିଲେ ସେ କଣ ଏମିତି ଥିର ହୋଇ ବସିଥାନ୍ତା ? ମୋଠୁଁ ତୋ ହାଲ ହକିକତ ଶୁଣି ସେ କାନ୍ଦ ପକାଇଲା; କହିଲା—ଅରକ୍ଷିତ ତେମେ ଯାଅକ, ସୁନେଇର ଖବର ଅନ୍ତର ଠିକଏ ଦେଖା ଶୁଣା କରୁଥିବ । ମୁଁ ବାବୁଙ୍କୁ କହି ଦିମାସ ଛୁଟି ନେଇ ଘରକୁ ଯିବ ।

ବଛଣାରୁ ଉଠି ବସିବା ଶକ୍ତି ନ ଥିଲା ସୁନେଇର । ଅରକ୍ଷିତ ଡାକରେ ସେ ଧୁସୁରୁ ଧୁସୁରୁ ବହୁକଷ୍ଟରେ ଆଖିଦରଜା ଖୋଲିଲା । ଆଖି ଆଗରେ ଭାବନାର ଜୀବନ୍ତ ବସ୍ତୁକୁ ଦେଖିଲେ ଲୋକ ଯାହା ହୁଏ ସୁନେଇର ଅବସ୍ଥା ତାହିଁ ଆନ୍ତୁର ବଳିଗଲା ଅରକ୍ଷିତକୁ ଦେଖି । ଏତେ ଉତ୍ତ ଆଶା ତାର ପଣ୍ଡ ହୋଇଗଲା । ସେଇ ଆଶାରେ ସେ ସିନା ଯାନ୍ତ୍ରଙ୍କ ଶରୀର ମାଟି କାମୁଡ଼ି ଏତେ ଦିନ ଯାଏଁ ପଡ଼ି ରହିଥିଲା ସେ ଘରେ । ଅରକ୍ଷିତ ଯାଇଛି, ସାଙ୍ଗରେ ସାଙ୍ଗବାଳୁ ଧରି ଭେଟିବ ଗାଁ କୁ ଫେରି ଆସିବ ।

କରେ ବାପା ଅରକ୍ଷିତ, କାହିଁ ସେ ?

ଅରକ୍ଷିତର ପାଟି ଖସି ନାଇଗଲା । ଭଉଣୀ ମନରେ ସାହସ ବାନ୍ଧି ସେ ସୁନେଇର ଆଶା-ଗଛଟିକୁ ପୁଣି ଧରେଇ ଦେଲା ଆଉ କେତେ ଦିନ କାଟି । ହେଲେ ସେ ପିଠିକୁ ଧରି ରଖିବା ଶକ୍ତି ନ ଥିଲା । ମଣ ମୁହୂର୍ତ୍ତେ ହାତ ପିଠ ଢଳି ପଡ଼ିଲା ଭୂଇଁ ଉପରେ । ତାର ଚେତା ବୁଜିଗଲା ।

ଭୁବନେଶ୍ୱର ନାକ୍ତ ଏ କଣ୍ଟ୍ରି ଖଟିଆ ଉପରେ ପଡ଼ ସାଙ୍ଗହା ଶବୁଥାଏ କେତେ ଅଡ଼ୁଆ କେତେ କଥା ଶୋକ୍ତ ବାବୁଙ୍କ ପ୍ରତି

ଭକ୍ତିରେ ତାର ହୃଦୟ ଉଚ୍ଛୁଳ ଉଠୁଥାଏ । ଆହା, ମଣିଷ ରୂପରେ ଦେବତା ଜଣେ ସେ । ଭଗବାନ ତାଙ୍କର ଅଧିକରୁ ଅଧିକ କରନ୍ତୁ । ସେ ଦିନର ଝଣ୍ଟଗିର ଘଟଣା ମନେ ପଡ଼ିଯାଉଥାଏ ତାର । ଲୁହ ଢୋରିପକାଉଥାଏ । ତାର ସାଙ୍ଗରେ ଯୋଡ଼ି ହୋଇ ବଢ଼ି ଯାଉଥାଏ ଫୁଲ । ଦୁନିଆରେ ଏମିତି ଲୋକ ଫେର ବଂଚି ରହିଛନ୍ତି ! କେତେ ଭଲ ନ କରିଛନ୍ତି ରାଜୀବା ! ଝାଲବୁହା କମେଇ ତାର କଣ ନ କଲେ ସେ ! ପେଟକୁ ଖାଇଥାନ୍ତା ହେଲେ—ଲୁହ । ଭୁଲି ଯିବାକୁ ଯେତେ ଚେଷ୍ଟା କଲେ ବି ଭୁଲି ହେଉ ନାହିଁ ମନରୁ

ଡାକ୍ତର ବାବୁତ ସେଇ ମଣିଷରୁ ଜଣେ । ସେ ଯଦି ସେ ଦିନ ନ ଗୁହାରି ଆନ୍ତେ ତେବେ ରାଜୀବାର ପଞ୍ଝି ବି ମିଳି ନ ଥାନ୍ତା । ତାଙ୍କରି କୃପାରୁ ରାଜୀବା ଆଜି ବାରପଣ ଭଲ ହୋଇ ସାରିଲାଣି । ଖାଲି ମୁଣ୍ଡରୁ ପଟିଟା ଖୋଲା ହେଲେ ସେ ଖଲାସ, ଡାକ୍ତର ବାବୁ ଖଲାସ୍, ସମସ୍ତେ ଖଲାସ୍ । ଆଜି ଡାକ୍ତର ବାବୁ ଦେଖିବାକୁ ଆସି କହିଗଲେ ଯେ ଆଉ ଆଠ ଦଶ ଦିନ ପରେ ତା ମୁଣ୍ଡର ପଟି ଖୋଲା ହେବ ।

ରାଜୀବାକୁ ବେଶୀ ଆଚମ୍ବିତ ଲାଗେ ଡାକ୍ତର ବାବୁଙ୍କ ବୁଢ଼ୀମାଙ୍କୁ ଦେଖିଲେ । ବଚନ ତାଙ୍କର କି ମଧୁର । ବୁଢ଼ୀ ଶତଧା କରି ତାକୁ ଝଣ୍ଟିଆ ବୋଲି ଡାକନ୍ତି । କେତେ କଥା ପଚାରନ୍ତି, ହଇରେ ଝଣ୍ଟିଆ, ତୁ ଭଲ ହେଲେ ଆମ ପାଖରେ ରହିବୁ ନା ? ଆଉ କାହିଁ କି ଗୁଡ଼େ ଏଣେ ତେଣେ ବୁଲିବୁରେ ' ଦୁନିଆ ଲୋକ କି ମାୟାରେ ପଡ଼ି ପାରନ୍ତି ନାହିଁ । ହାତି, ଘୋଡ଼ାର ଲୋଭ ଦେଖାଇ ପେଟକାଳି ବଜାଇ ଦେବେ । ଆମରି ମାଟରେ ଘର ପୁଅ ହୋଇ ରହିବୁ, ଖାଇବୁ, ପିଇବୁ । ଆଉ ଚିନ୍ତା ବୋଲି କଣି କିଛି ନାହିଁ ।

✳ ଛପୁଆଣୀ ✳

ରାଜାବା କହୁ କହିପାରେ ନାହିଁ । ଆଖିର ଚାହାଣିରେ ସମ୍ମତି ଜଣାଏ ।

ନୂଆ ଜୀବନ ସପନ ଲହଡ଼ି ଉଠି ଦେଖାଦିଏ ଭେଟନଇ ଗାଁ । ତାର କୋଳର ନଈନାଳ, ବଣବୁଦା, ଗଛବୃଛ, ବାଲିବାଡ଼ି ଆଉ ସବୁର ମଝିରେ ଗୁଜଗଳର କଳାମୁଗୁନି ପ୍ରତିମା ଦିଶେନଇ । ସେମିତି ଗୁହିଁ ରହିଛି କେତେ ଦୂରକୁ, ଯେଉଁଠି ଗେଣ୍ଡାଳିଆର ଚକାଭଉଁରୀ ଦାଗ ଟାଣିଦିଏ ଥରକୁଥର—ଆଖିରୁ ପାଣି ନିଗିଡ଼ି ପଡ଼େ ଥପ୍‌ଥପ୍—ତୋଳା ଖୋସି ହୋଇଯାଏ ।

ପିଲାଏ ଖଡ଼ି ଧରି ଭୂଇଁ ଉପରେ ଅ ଆ ମଡ଼ାଇଲା ପରି ରାଜାବା ମନରେ ସେଇ ଗୋଟିଏ ଆଶା କେତେ ପ୍ରଚ୍ଛାରେ, କେତେ ଭଙ୍ଗିରେ ଚେଇଁ ଉଠୁଥାଏ । ସେ ଡାକ୍ତର ବାବୁଙ୍କ ବୁଢ଼ୀ ମାଙ୍କୁ ଧର୍ମ ମା କରିବ । କେବଳ ତାଙ୍କରି ଆଗରେ ଖୋଲି ଦେବ ତା ମନ ପେଡ଼ି—ମା, ମୁଁ ଟିକିଏ ଗାଁକୁ ଯାଆନ୍ତୁ···

କାହିଁକି ଯିବୁରେ, କିଏ ତୋର ସେଠି ଅଛି ?

ସେଇଠୁ କଣ ବୋଲି କହିବ ରାଜାବା ? ହଁ ମା, ସେଠି ଅଛି ମୋର ହୋଇ ଜଣେ । ସେ···ସେ···

ରାଜାବାର ଭାବନାରେ ବାଧା ଦେଇ ଘର ଭିତରକୁ ପଶି ଆସିଲେ ଡାକ୍ତର ବାବୁଙ୍କ ମା ବୁଢ଼ୀ । ବୁଢ଼ୀଙ୍କ ଅଣ୍ଟା ଲଇଁ ଚାଲିଣି ବୟସର ଭାରରେ । ବାଡ଼ି ଖଣ୍ଡିକ ଉପରେ ଭରା ଦେଇ ବୁଢ଼ୀ କେତେବେଳେ କେମିତି ଏପାଖ ସେପାଖ ହୁଅନ୍ତି । କହରେ ନାତିଆ, ପୁଅ ତ କହୁଥିଲା ତୁ ଭଲ ହୋଇ ଚାଲୁଣି ବୋଲି, ଏତେ ବେଳେରେ ଝଡ଼ିଲୁ କିଆଁ ? ଉଠି ବସ, ଟିକିଏ ଚଳ ଛଳ କରି—କହି ବୁଢ଼ୀ ରାଜାବା ପାଖରେ ବସି ପଡ଼ିଲେ ।

## ✳ ସତାଅଶୀ ✳

ଏଇତ ବନ୍ଧନ—ସଂସାରର ମାୟା । ରାଜାବା ଆଖିରୁ ଝରି ପଡ଼ିଲା ଦୁଇଧାର ଲୁହ ଆତ୍ମସନ୍ତୋଷରେ । ମଣିଷ ବୁଝିପାରେ ନାହିଁ; ସୃଜନ ଭେଦରେ ଗୁଡ଼ାଏ ନାମ କରଣ କରିପକାଏ – ମା, ଭଉଣୀ, ସ୍ତ୍ରୀ, ଆଉ ଯାହା ସବୁ ! ରାଜାବାଙ୍କୁ ମାଡ଼ି ମାଡ଼ି ପଡ଼ିଲା । ତା ଭିତରେ ଆତ୍ମ ବିଶ୍ୱାସ ଜମାଟ ବାନ୍ଧି ଗଲା—ମା ସେ, କହୁଚନ୍ତି, ବସିବ ନାହିଁ କାହିଁକି ?

ଆରେ ଖଣ୍ଡିଆ, ତୁ ତ କହିଲୁ ନାହିଁ ମତେ, ସେ ଦିନ ଯାହା ପଚାରିଥିଲି ? ବୁଢ଼ୀ ମଥା ଥରାଇ ପଚାରିଲେ ରାଜାବାକୁ ।

କଣ ମା ? କହିଦେଇ ଚମକି ପଡ଼ିଲା ରାଜାବା । ଯେଉଁ ମା ପଦଟି ତୁଣ୍ଡରେ ଧରିବା ଆଗରୁ ସେ ଏତେ କଳ୍ପନା ଜଳ୍ପନା କରିଥିଲା, ତାକୁ ଏତେ ବେଗି କହି ପକାଇ ଜିଭ କାମୁଡ଼ି ରହିଗଲା ସେ ।

ଆରେ, ମୋ ପାଖରେ ରହିବା କଥା ପଚାରିଥିଲି ପରା । ଭୁଲା ମନୁଆଟା ଭୁଲିଗଲୁ କିରେ ?

ଜନ୍ମ ମାଟିର ମୋହରେ ରାଜାବା ବିଭୋର ହୋଇ ଯାଇ-ଥାଏ । ଆଉ ସେ ସମ୍ଭାଳି ହୋଇ ରହିପାରିଲା ନାହିଁ । ବୁଢ଼ୀଙ୍କ ହାତ ଉପରେ ମଥା ନୁଆଇଁ କହି ପକାଇଲା ତାର ବୁକୁ ସାଇତା ହକଲଆ କଥା କେତେ ପଦ—ହଁ ମା, ମୁଁ ରହିବି । ତମର ପାଦତଳେ ପଡ଼ି ରହିବି, ଜୀବନ ସାରା । ଖାଲି ଗୋଟିଏ ମାଗୁଣି ମୋର । ଅରକ୍ଷ ବୋଲି, ଅଖୋଜା ବୋଲି ଯଦି ଏ ଗରିବକୁ ଆଶ୍ରା ଥାନ ଦେଲ, ତେବେ ମୋର ଏଇ ସାମାନ୍ୟ ମାଗୁଣିଟିକୁ ଗୋଡ଼ରେ ଠେଲି ଦେବ ନାହିଁ । ମୋର ଏ ମହୀ ମଣ୍ଡଳରେ ଜଣକ ଛଡ଼ା ଦୁଇ ବୋଲି କେହି ନାହିଁ । ତମେ ଦୟା କଲେ ତାକୁଇ ଥରେ ଦେଖି ଆସନ୍ତି । ତାକୁ ଥାଇତ କରି ଦେଇ ମୁଁ

ନିଚେନ୍ତ ଦୁଃଅନ୍ତ । ବାପ ଜମେଇ ଜମି ବି ଗୁଣ୍ଠ ବନ୍ଧା ପକାଇ ପଳାଇ ଆସିଥିଲ ଅରବାକୁ । କୋଉ କାଳରୁ, କୋଉ ଯୁଗରୁ ତାକୁ ଏକୁଟିଆ ଗାଁରେ ଛାଡ଼ିଦେଇ ଆସିଛ । ଏଥିକୁ ନେମେ ମୋର ଆଶା ଭରସା ।

ସନବାର କହିବା ଭଙ୍ଗି ବୁଢ଼ୀଙ୍କ ଆଖିରୁ ରକ୍ତ ଖସାଇ ପକାଇଲା ଲୁହ ଛଳରେ । ସେ ଆଖି ପୋଛି କହିଲେ, କାହାକୁ ସେ ଜଣକ ବୋଲି କହୁଚୁରେ ଝିଅ, ତୋ ଘରଯା ?

ସନବା ମଥାଟେକ ଅନାଇଁ ରହିଲା ଏକ ଲୟରେ ବୁଢ଼ୀଙ୍କ ମୁହଁକୁ । ଉତ୍ତର ଦେବାକୁ ତା ପାଟିରେ ଭାଷା ନ ଥିଲା ।

× × ×

ଦୁନିଆକୁ ସାତତକଟା, ପୋଲୁଅ ଘଣ୍ଟା କରି ପରଖିବା ପାଇଁ ପୁଣି ଥରେ ଫେରି ଆସିଛି ଶ୍ରାବଣ । ଖୋଜିଲା, ନ ଖୋଜିଲା ସବୁଲୋକଙ୍କ ପାଇଁ ଆଣି ଦେଇଛି ସବୁଜ କ୍ଷେତର ମନଲୋଭା ଆକର୍ଷଣ । ଦିଗହଜା ପ୍ରକୃତିର ଆହ୍ୱାନ ଗୁରିଆଡ଼େ ଖେଳି ବୁଲୁଛି ସୃଷ୍ଟି ପ୍ରକ୍ରିୟାର ମଧୁ ଛନ୍ଦରେ ।

ଅରକ୍ଷିତର ଧାନ ଭେଣେ ନାହିଁ । ଏଇ କେତେକ ଦିନ ହେଲ ତା ମନରେ ଘୋଟିଯାଇଛି ଗୋଟେ ବଡ଼ ଧରଣର ଅନୁତାପ, ବିମର୍ଷ ଭାବ । ଏଇମିତି କଞ୍ଚାମିଛ କହି ସେ ଆଉ କେତେଦିନ ସୁନେଇକୁ ଭୁଲାଇ ରଖିବ ? ଗାଁ ଲୋକଙ୍କ ଟାହୁଲି ସହି ନ ପାରି ଦାସବୁଢ଼ା ତୀର୍ଥ କରିବା ନାଁରେ କେବୁଠି ଘର ଛାଡ଼ିଲେଣି । ସୁନେଇ କୋଳରୁ ଝିଅ ଟିଅଟି ଝୋଟିଣୀ ମାରି ରୁନ୍ଧି ଚମ ବିଦାରି ନସ୍ତାନ୍ତ ହୋଇ ଯାଉଛି । ଅରକ୍ଷିତ ଧାନ ବିକ ଅବା କେତେ ଦିନ ଚଳାଇବ ? ତଥାପି ସନବା ଫେରିଲା ନାହିଁ । ଧୂହୁଁ ଧୂହୁଁ ଆସି କର୍କଟ ଉପରେ ଧରିଲା । ଆଉ କେତେଟା ଦିନ ଗଲେ ହେବ ଚିତଉ ଅମାବାସ୍ୟା ।

❊ ଅଣାନବେ ❊

ସେଦିନ ଏମିତି ଅଡୁଆ ତଡୁଆ ଘଟନାରୁ ବୋଟେ ମନରେ ଭକ୍ତିକରି ଅରକ୍ଷିତ ବସିଥାଏ ତାଙ୍କ ଘର ଦାଣ୍ଡ ଦୁଆର ମୂର୍ତ୍ତି ବନ୍ଧ ଉପରେ । ଝଡ଼ ପାଗ ଯୋଗୁଁ ଦିନ ବାରି ହେଉନଥାଏ । କେଜାଣି କେଉଁ ଦେବତାର ଅନୁଗ୍ରହରୁ ଡାକ ପିଅନ ଖଣ୍ଡେ ଚିଠି ତା ହାତକୁ ବଢ଼ାଇ ଦେଇଗଲା । ଅରକ୍ଷିତ ବଡ଼ ଆଗ୍ରହରେ ଚିଠି ଖଣ୍ଡି ପଢ଼ିପକାଇଲା ଦେଇଛନ୍ତି ରାଜାବା । କୋଷ୍ଠି ଦେଖି ବଢ଼ ପକାଇ ଲେଖିଛନ୍ତି ଚିତଉ ଅମାବାସିଆ ଦିନେ ଥାଇ ସେ ଗାଁକୁ ଫେରିବ ବୋଲି । ଅରକ୍ଷିତ ଆନନ୍ଦ ମନରେ ସେ ଖଣ୍ଡି ହାତରେ ଧରି ଘର ଭିତରକୁ ପଶିଗଲା । ସୁନେଇ ଆଗରେ ଚିଠି ଖଣ୍ଡିକ ପଢ଼ି ଶୁଣାଇ ଦେଲା, ହେଲେ ଜାଣି ପାରିଲା ନାହିଁ ସୁନେଇର ପେଟ ଭିତର କଥା ।

ସେଇ ଚିଠି ଖଣ୍ଡିକ ପାଇବା ସୁଯୋଗ, କାଳର ଗତି ସଙ୍ଗେ ସଙ୍ଗେ କ୍ରମେ ଦୁର୍ଯୋଗରେ ପରିଣତ ହେଲା । ଦିନେ ସକାଳୁ ଉଠି ସୁନେଇ ଜିଦ୍ ଧରିଲା ତା ଘରକୁ ଯିବାକୁ । ଅରକ୍ଷିତ ବହୁତ ବୁଝାଇଲେ ମଧ୍ୟ ସେ କିଛି ଶୁଣିଲା ନାହିଁ । ଶେଷକୁ ବାଧ୍ୟହୋଇ ସେ ସୁନେଇକୁ ନେଇ ରାଜାବା ଖଞ୍ଜାରେ ରାତିବିକାଳି ଛାଡ଼ିଦେଇ ଆସିଲା । ଚିତଉ ଅମାବାସିଆ ସେ ଦିନକୁ ଥାଏ ମୋଟେ ଚାରିଦିନ । ସେଇ ରାତିଟାରେ ଆଖିରୁ ଲୁହ ପୋଛି ଫେରି ଆସିଥିଲା ଅରକ୍ଷିତ ତା ନିଜ ଘରକୁ ।

ଦୁଇଦିନରୁ ଶ୍ରାବଣର ମେଘ ଲଗାଇ ଦେଇଥାଏ ଚିତଉଅମାବାସିଆ ଝଡି । ଅହୋରାତ୍ର ଅବିରାମ ବର୍ଷା । ଭେଟନଇ ଗାଁସାରା ଆଣ୍ଠୁଆଣି ପାଣିର ସୁଅ । ସୁନେଇ କୋଳର ଝିଅଟିର ଦେହ ସୁଖ ନ ଥାଏ । କରଡା ହାଲପ ଲାଗି ତାକୁ ହୋଇଥାଏ ଶର୍ଦ୍ଦିଜର । ତାକୁ କୋଳରେ ଧରି ସୁନେଇ ବସିଥାଏ ଘରଟି ଭିତରେ କାନ୍ଥକୁ

ଆଉଜି । କେବଳ ତାର ଲାଗି ଯାବତ ଦୁଃଖ, ଗଞ୍ଜଣା ସବୁ ପଡ଼ି ରହିଥାଏ ରାଜାବା ବାଟକୁ ଚାହିଁ । ରାତି ପାହିଗଲେ ଆସିବ ରାଜାବାର କଣ୍ଢେଇଆ ବଦନଟି । ସୁନେଇର ଗୁଡ଼ି ପଞ୍ଜରା ଦୋହଲାଇ ବାହାରି ଯାଉଥାଏ ଗୋଟାକୁ ଗୋଟା ଦମକା ନିଃଶ୍ୱାସ ।

ସେ ରାତିଟିଯାକ ସୁନେଇ ଆଖିରେ ପଲକ ପଡ଼ିନଥାଏ । ସକାଳ ହେଲା ମାନେ ବରଷା ପାଣିରେ ବରତିନ୍ତା ହୋଇ ପହଞ୍ଚିଗଲା ଅରକ୍ଷିତ । କାଖତଳୁ ପୁଡ଼ିଆଟିଏ କାଢ଼ି ସୁନେଇ ହାତକୁ ବଢ଼ାଇ ଦେଲା ସେ କାଗଜ ଖଣ୍ଡେ—ନେଲୋ ସୁନା, ଏ ଜମି ବନ୍ଧକ ତମସୁକଟା ରାଜାବା ଆସିଲେ ଦେଇଦେବୁ ତା ବାପ ଜମେଇ ଜମି ସେ—ତାକୁ ଆମେ ମାଡ଼ିବସିଲେ ଆମକୁ ଧର୍ମ ସହିବ ନା ! କହିବୁ ତାକୁ, ଆମ ଘରଦୁଆର ତାକୁ ଲାଗିଲା ମୁଁ ଯାଉଛି ବାପାଙ୍କ ଖବର ବୁଝିବାକୁ—କୁଆଡ଼େ ଗଲେ, କଣ ହେଲା କଣ ନାହିଁ, କହି ବିଜୁଳି ବେଗରେ ସେ ଥାନ ଛାଡ଼ି ପଳାଇଗଲା ଅରକ୍ଷିତ । ତା ଜାଗାରେ ପଡ଼ିରହିଲା ଗୁଡ଼ିଏ କାଠ ପେଣ୍ଡାଟା ।

ସୁନେଇ ସେଇମିତି ବସିଥାଏ କାନ୍ଥକୁ ଆଉଜି । ହାତ ମୁଠାରେ ଥାଏ ଜମି ବନ୍ଧକ ତମସୁକ ଖଣ୍ଡ । ପାଖରେ ପଡ଼ିଥାଏ ରାଜାବାର ଚଟି ଖଣ୍ଡିକ । କୋଳରେ ଛୁଆଟା କାନ୍ଦ କାନ୍ଦ କଳାକାଠ ପଡ଼ିଯାଇଥାଏ । ସୁନେଇ ଆଖିରେ ପଲକ ନାହିଁ କି ପାଟିରେ କଥା ନାହିଁ ।

ବାହାରେ ମେଘ ବରଷୁଥାଏ ଭୁହାକୁ ଭୁହା ସେହିପରି ଅପଲକ, ସୁନେଇ ସାଥିରେ ବାଦ ଲଗାଇ । ମେଘ ଅନ୍ଧାରି ସାଙ୍ଗକୁ ହଜ ଅନ୍ଧାର ମିଶି କାଳଆଭୂତ ପାଲଟି ଯାଇଥାଏ ଯୁଆଡ଼େ ଚାହିଁ ଖାଲି ହାଣ୍ଡିକଳା ଘର ଅନ୍ଧାର । ସେଇ ଅନ୍ଧାର

ଠେଲି ଧପଡ଼ି ଥାଏ ରାଜୀବ । ମୁଣ୍ଡରେ ମୁଣ୍ଡେଇଥାଏ ଗୋଟେ ଶକ୍ତ ବୋଝ । ତା ଉପରେ ନୂଆ ଛତାଖଣ୍ଡେ ଟାଣୁଆ ଟାଙ୍କୁ ମେଲାଇ ପାଣି ପବନ ସାଙ୍ଗରେ ଲଢ଼ା ଝଟର ଲଗାଇଥାଏ ।

ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି । ଖାଲ ଢିପ ବାରି ହେଉ ନାହିଁ । ଭାବନା ପରେ ଭାବନା ଢେଉ ଉଠି ମନଟା ଭିତର ଦାପି ପକାଉଅଛୁ ରାଜୀବର । ସୁନେଇର କଣଟେ ହୋଇଥିବ, ଝିଅଟିଏ ନା ପୁଅଟିଏ । ଅରକ୍ଷିତଆଟା ଦିନରାତି ବସା ବାନ୍ଧିଥିବ ସୁନେଇ ପାଖରେ । ବାକୁ ପଛେ, ଉପକାରୀ ଲୋକଟା । ଟେକା ଟେକି କରି କମିତି ଦାସ ବୁଢ଼ାଠୁଁ ଜମି ବଗିଚା ମୁକୁଳାଇବ ଏଇମିତି କେତେ ଭାବନା ।

ଆଖି ଆଗରେ ରାଜୀବର ଘର, ବାପ ଗୋସାପଙ୍କ ଅରଜିଲା ମାଟି । ଏଇଠି ରାଜୀବ ଜନ୍ମ ହୋଇଥିଲା । ପହଣ୍ଡ ତଳ କାଦୁଅ ଟିକେ ମଥାରେ ମାରି ରାଜୀବ ଉଠି ଆସିଲା ଉପରକୁ । ଛତା ବନ୍ଦକଲା, ମୁଣ୍ଡରୁ ବୋଝ ଓହ୍ଲାଇ ତଳେ ଥୋଇଲା । ଘର ଭିତରକୁ କାନେଇଲା କିଛି ସୋର ଶବ୍ଦ ନାହିଁ । ମା ଝୁଆ ଦୁହେଁ ବୋଧହୁଏ ଶୋଇ ଯାଇଛନ୍ତି । କଣ ବୋଲି ଡାକିବ ସେ ? ସୁନେଇ ନାଁ ଧରି ଡାକିବ୍ ତ !

ଡାକିଲା—ସୁନେଈ କଲେ, ସୁନା···ଲେ ସୁନା !

କିଛି ଜବାବ ନାହିଁ । ଦାଣ୍ଡ କବାଟରେ ଠକ୍ ଠକ୍ କରିବ ବୋଲି ହାତ ବଢ଼ାଇଲା ବେଳକୁ ଦେଖିଲା କବାଟଟା ଠିଆ ମେଲା । ଭାବିଲା ସୁନେଈ ଯୁଆ ଭିତରେ କେତେବେଳେ ଆସି କବାଟ ଫିଟାଇ ଦେଇ ଗଲାଣି; ଅଭିମାନ କରି ଜବାବ ଦେଲାନାହିଁ ।

### ✳ ବସ୍ତ୍ରାନଢେବ ✳

ଘର ଭିତରେ ନିଚ୍ଛମ ଅନ୍ଧାର । ଡାକି ଡାକି ଥକିଗଲା ସୁଜିବା—କେନେ । ପୁଣି ଟିକିଏ ଡିବିରିଟାକୁ ଲଗାଇ ଦେ ହେଲେ, ଅନ୍ଧାରରେ ଆଖିକି କିଛି ଦିଶୁନାହିଁ ।

ସୁନେଇ ଅଭିମାନ କରିଥାଏ ତାର ଆପଣା କପାଳ ଉପରେ । ଅରକ୍ଷିତ ଗଲାବେଳରୁ ସେଇମିତି କାନ୍ଥକୁ ଆଉଜି ସେ ବସିଛି···ବସିଛି । ଡୋଳା ଦିଓଟି ସେଇମିତି ଅପଲକ ରହିଛି, ସତେ ଅବା କେଉଁ ଜନ୍ମ ଜନ୍ମାନ୍ତର ପାଇଁ ଚାହିଁ ରହିଛି କାହାର ଆସିବା ବାଟକୁ । କୋଳରେ ତାର ଗେଣ୍ଡିଟିଆ ଝିଅଟି ରାହା ଧରି ରହି ଯାଇଛି କେତେବେଳରୁ ଦେହ ହାତ କାଠ ହୋଇଗଲାଣି ।

ସୁଜିବା ବଡ଼କଷ୍ଟରେ ଦିଆସିଲି ମାରି ଡିବିରିଟାକୁ ଜାଳି ଘରଭିତରକୁ ଚାହିଁଦେଲା, ବସିଛି ସୁନେଇ ସେଇ ଘୁଞ୍ଜ କାନ୍ଥକୁ ଆଉଜି; କୋରଡ଼ ଆଖିରେ ଜଳ ଜଳ କରି ଚାହିଁଛି, ଅଥଚ ଜବାବ ଦେଉନାହିଁ ।

ବଡ଼ ଆଗ୍ରହରେ, ବଡ଼ ଶରଧାରେ ସୁଜିବା ଯାଇଁ ବସି ପଡ଼ିଲା ମା ଝିଅଙ୍କ ପାଖରେ । ଆଖିରେ ତାର ପୂରି ଉଠିଥାଏ ନିବିଡ଼ ଭରା ମାୟା ।

ବାହାରେ ଥରି ଉଠୁଥାଏ ଧାରାଶ୍ରାବଣ ସୁଜିବାକୁ ଉପହାସ କରି, ତାରି ଆଖିର ଲୁହଧାର ସଙ୍ଗେ ତାଳ ପକାଇ—ଝିପରି ଝିପ୍···ଝିପରି ଝିପ୍········ ।